

ଇତିହାସ ରଚିଲେ ତିଏନ୍ | ପୃଷ୍ଠା ୬

# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 297 | ଭାଗ ୩୨ | ସଂଖ୍ୟା ୨୯୭ | Bhubaneswar | Monday 20 January 2025 | Page 8 Rs. 4.00 | ଭୁବନେଶ୍ୱର ସୋମବାର ୨୦ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ରାଜ୍ୟ ଅତିଥି ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଶନ ରେଡ୍ଡୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସାକ୍ଷାତ ଆଲୋଚନା

## ବଜେଟ୍ ୨୦୨୫-୨୬ ନୂଆ ଆୟକର ଟିକସ ବିଲ୍ ଆଣିବ କେନ୍ଦ୍ର

**ନୂଆଦିଲ୍ଲୀ,୧୯।୧(ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହେଉଛି ସଂସଦର ଶୀତ ଅଧିବେଶନ। ଦୁଇଟି ପର୍ଯ୍ୟାୟରେ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ଅଧିବେଶନ। ମିଳୁଥିବା ସୂଚନା ଅନୁଯାୟୀ ଫେବୃଆରୀ ୧ ତାରିଖ ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଏହା ହେବ ମୋଦି-୩.୦ରେ ନିର୍ମଳାଙ୍କ ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ। ଏନଡିଏ ସରକାରରେ ନିର୍ମଳା ୬ଟି ବାର୍ଷିକ ଓ ଦୁଇଟି ମଧ୍ୟବର୍ତ୍ତିକାଳିନ ବଜେଟ ଆଣିଛନ୍ତି।

ବିଭିନ୍ନ ଦୃଷ୍ଟିକୋଣରୁ ନିର୍ମଳା ଆଣିବାକୁ ଥିବା ବଜେଟକୁ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଶିଳ୍ପାନୁଷ୍ଠାନ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମୀ ସବୁ କ୍ଷେତ୍ରରୁ ଆଶା ଓ ଆଶଙ୍କା ରହିଛି। ବର୍ତ୍ତମାନ ସ୍ଥିତିରେ ଦେଶର ଅର୍ଥନୀତି ସେତେଟା ସ୍ୱଚ୍ଛଳ ନଥିବା ବେଳେ ଦରଦାମ ଗରିବଗୁରୁବାଙ୍କ ଠାରୁ ମଧ୍ୟବିତ୍ତଙ୍କୁ ସବୁଠୁ ଅଧିକ ପ୍ରଭାବିତ କରୁଛି। ତେଣୁ ସାଧାରଣ ଚାକିରିଆମାନେ ଆୟକର ରିହାତି ବୃଦ୍ଧିକୁ ଅନେଇ ବସିଥିବା ବେଳେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ପେଟ୍ରୋଲ, ଡିଜେଲ ଦର କିପରି କମିବ ତାକୁ ସମସ୍ତେ ଅନେଇ ବସିଛନ୍ତି। ଏଥିସହିତ ଗତ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶୃତିକୁ ବାସ୍ତବ ରୂପ ଦେବାକୁ ଚେଷ୍ଟା କରିବେ କେନ୍ଦ୍ର ଅର୍ଥମନ୍ତ୍ରୀ।

### ବଜେଟରୁ କଣ ରହିଛି ଆଶା

- ବଢ଼ିବ ଆୟକର ଟିକସ ସ୍ଲାବ
- ଶିକ୍ଷା କ୍ଷେତ୍ରରେ ବଢ଼ିବ ବ୍ୟୟ ବରାଦ
- ସାଇବର ସୁରକ୍ଷାକୁ ଦିଆଯିବ ଗୁରୁତ୍ୱ
- ଫୋକସରେ ରହିବ ଭିତ୍ତିଭୂମି ବିକାଶ
- ଦରଦାମ ହ୍ରାସ ପାଇଁ ହୋଇପାରେ ବଡ ଘୋଷଣା
- ବିଭିନ୍ନ କ୍ଷେତ୍ରରେ ଜିଏସ୍‌ଟି ହ୍ରାସ ସମ୍ଭାବନା
- ବୀମା କ୍ଷେତ୍ରରେ ଏଫଡିଆଇ ନିବେଶକୁ ଅନୁମତି
- ରେଳ ବଜେଟ୍‌ରେ ୨୦ ପ୍ରତିଶତ ବୃଦ୍ଧି ସମ୍ଭାବନା



କେନ୍ଦ୍ର ସରକାର ଏଥର ନୂଆ ଆୟକର ବିଧେୟକ ଉପସ୍ଥାପନ କରିପାରନ୍ତି । ଏହାର ଉଦ୍ଦେଶ୍ୟ ବର୍ତ୍ତମାନରେ ପ୍ରଚଳିତ ଆୟକର ଆଇନକୁ ସରଳ କରିବା, ଲୋକଙ୍କ ପାଇଁ ବୁଝିବା ଯୋଗ୍ୟ ତଥା ପୃଷ୍ଠା ସଂଖ୍ୟାରେ ପ୍ରାୟ ୬୦ ପ୍ରତିଶତ ହ୍ରାସ କରିବା । ଅର୍ଥମନ୍ତ୍ରୀ ୨୦୨୪ ଜୁଲାଇରେ ଆଗତ କରିଥିବା ବଜେଟରେ ୬ ମାସ ଭିତରେ ୬ ଦଶନ୍ଧି ପୁରୁଣା ଆୟକର ଅଧିନିୟମ ୧୯୬୧ (ଆୟକର ଟିକସ ଆକ୍ଟ)ର ବ୍ୟାପକ ସମୀକ୍ଷା ନେଇ ଘୋଷଣା କରିଥିଲେ। ସୂଚନାନୁସାରେ, ନୂଆ ଆୟକର ଆଇନକୁ ସଂସଦର ବଜେଟ୍ ଅଧିବେଶନରେ ଆଗତ କରାଯାଇପାରେ। ଏହା ଏକ ନୂଆ ଆଇନ ହେବ। ବର୍ତ୍ତମାନରେ ଆଇନର ଡ୍ରାଫ୍ଟ ଉପରେ ଆଇନ ମନ୍ତ୍ରଣାଳୟ ବିଚାର କରୁଛି ଏବଂ ବଜେଟ୍ ଅଧିବେଶନର ଦ୍ୱିତୀୟ ଭାଗରେ ଏହାକୁ ସଂସଦରେ ଆଗତ କରାଯାଇପାରେ।

ଆୟକର ଅଧିନିୟମ, ୧୯୬୧ର ବ୍ୟାପକ ସମୀକ୍ଷା ପାଇଁ ସୀତାରମଣଙ୍କ ଦ୍ୱାରା ଘୋଷଣା କରାଯିବା ପରେ ସିବିଡିଟି ସମୀକ୍ଷାର ତଦାରଖ କରିବା ଏବଂ ଅଧିନିୟମକୁ ସଂକ୍ଷିପ୍ତ, ସ୍ପଷ୍ଟ ଏବଂ ସରଳ କରିବା ପାଇଁ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲା । ଏହାଦ୍ୱାରା ବିବାଦ, ମୋକଦ୍ଦମା ହ୍ରାସ ପାଇବ । ଅଧିନିୟମର ବିଭିନ୍ନ ଦିଗର ସମୀକ୍ଷା ପାଇଁ ୨୨ ବିଶେଷ ଉପ-ସମିତି ଗଠନ କରାଯାଇଛି। ଆୟକର ବିଭାଗକୁ ଅଧିନିୟମର ସମୀକ୍ଷା ପାଇଁ ଷ୍ଟେକହୋଲ୍ଡର୍ସଙ୍କଠାରୁ ୬୫ ହଜାର ପରାମର୍ଶ ମିଳିଛି।

ସୂତ୍ର ଅନୁସାରେ ପ୍ରାବଧାନ ଏବଂ ଚାପ୍ଟର୍ସରେ ବଡ଼ ହ୍ରାସ କରାଯିବ ଏବଂ ଅପ୍ରଚଳିତ ➩ପୃଷ୍ଠା-୬

## ଓଡ଼ିଶା ମାଟି ତଳେ ରହିଛି ଲିଥିୟମ୍

- ସର୍ଭେ ଆରମ୍ଭ କଲା ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ
- ଏଆଇ ଚିହ୍ନଟ କରିବ କେଉଁଠି ଅଛି ଖଣି
- ସର୍ଭେ ପାଇଁ ମାଓ ଅଞ୍ଚଳରୁ ହଟିଲା କଟକଣା



**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ମାଟି ତଳେ ରହିଛି କ୍ରିଟିକାଲ ମିନେରାଲ ଲିଥିୟମ୍। ନୟାଗଡ଼ ଜିଲ୍ଲାର ମାଟି ତଳେ ଲିଥିୟମ ରହିଥିବା ନେଇ ଗ୍ରୀନ ସିଗନାଲ ଦେଇଛି ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ। ସଙ୍କେତ ମିଳିବା ପରେ ଏନେଇ ଅଧିକ ସର୍ଭେ ଜାରି ରହିଛି।

ମାଟି ତଳେ ଥିବା ପ୍ରାକୃତିକ ସମ୍ପଦ ଖୋଜିବା ପାଇଁ ବ୍ୟବହାର ହେଉଛି ନୂଆ ଟେକ୍ନୋଲୋଜି। ଏବେ ଏଆଇ କହିବ କେଉଁଠି ଅଛି କେଉଁ ଖଣି। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଛି ପାଇଲଟ୍ ପ୍ରକଳ୍ପ। ଦୀର୍ଘ ବର୍ଷ ଧରି ବନ୍ଦ ଥିବା କନ୍ଧମାଳ, ମାଲକାନଗିରି ଭଳି ଦକ୍ଷିଣ ଓଡ଼ିଶା ଜିଲ୍ଲାରେ ବି ଜୋର୍ ଧରିବ ଖଣିଜ ସର୍ଭେ । ଲିଥିୟମ୍, କପର ଭଳି କ୍ରିଟିକାଲ ମିନେରାଲ ଖୋଜା ଉପରେ ଗୁରୁତ୍ୱ ଦେଉଛନ୍ତି ଭାରତ ସରକାର। ଓଡ଼ିଶାରେ ମଧ ଲିଥିୟମ୍ ଖୋଜୁଛି ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ।

କୋଣାର୍କରେ ହେବାକୁ ଥିବା ଦୁଇଦିନିଆ ଖଣି ମନ୍ତ୍ରୀ ସମ୍ମିଳନୀ ପୂର୍ବରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ବୋର୍ଡ ବୈଠକ। ସବୁ ରାଜ୍ୟର ଖଣି, ଜିଓଲୋଜି ଅଧିକାରୀମାନେ ଉପସ୍ଥିତ ଅଛନ୍ତି। ଓଡ଼ିଶାର ଖଣି ପରିଚାଳନା ସାରା ଦେଶ ପାଇଁ ମଡେଲ ହୋଇଛି। ପ୍ରାୟ ୫୦ ଭାଗ ଖଣିଜ ଯୋଗାଇ ଦେଶର ଖଣି ରାଜଧାନୀ ଭାବେ ପରିଚିତ ଓଡ଼ିଶାରେ ଏହି ବୈଠକର ଆୟୋଜନ ଅନେକ ଗୁରୁତ୍ୱ ବହନ କରୁଛି ବୋଲି କେନ୍ଦ୍ର ଖଣି ସଚିବ ଏଲ୍ କାନ୍ତାରାଓ କହିଛନ୍ତି।

ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଥିବା ପାଇଲଟ୍ ପ୍ରୋଜେକ୍ଟରେ ଡ୍ରୋନ୍ ମାଧ୍ୟମରେ ଖଣିଜ ପଦାର୍ଥ ଖୋଜିବାକୁ ଅଭିଯାନ ଜାରି ରହିଛି। କନ୍ଧମାଳ, ମାଲକାନଗିରି ଭଳି ଜିଲ୍ଲାରେ ଦୀର୍ଘ ବର୍ଷ ଧରି ବନ୍ଦ ଥିବା ଖଣିଜ ଏବେ ଏହି ପ୍ରକଳ୍ପରେ ପୁଣି ଥରେ ଆରମ୍ଭ ହେବ। ଲିଥିୟମ, କପର୍ ଭଳି କ୍ରିଟିକାଲ ଖଣିଜ ଉପରେ ସରକାରଙ୍କ ଗୁରୁତ୍ୱ ଦେଇ ସର୍ଚ୍ଚ ଅଭିଯାନ ଆରମ୍ଭ କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ଯେ କଟକ ଜିଲାର ନାରାଜରେ ଜେଏସଡବ୍ଲ୍ୟୁ ଗ୍ରୁପ୍ ଏକ ଇଭି ଗାଡି ଏବଂ ଉପାଦାନ ଉତ୍ପାଦନ କାରଖାନା ସ୍ଥାପନ ଯୋଜନା ଥିବାବେଳେ ଜଗତସିଂହପୁର ଜିଲାର ପାରାଦୀପରେ ଏକ ତମ୍ବା ସ୍ମେଲଟର ଏବଂ ଲିଥିୟମ୍ ରିଫାଇନାରୀ ପ୍ରତିଷ୍ଠା ହେବ। ଏହି ପ୍ରୋଜେକ୍ଟରେ ୫୦ ଗିଗାୱାଟ ଆୱାର ଇଭି ବ୍ୟାଟେରୀ ➩ପୃଷ୍ଠା-୬

## ସଜାଗ ମୋହନ: ଛୁଟିଦିନରେ ଆଇନଶୃଙ୍ଖଳା ସମୀକ୍ଷା

**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟାରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ପୁଲିସ୍ ବିଭାଗର ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା।

ଓଡିଶା ପୁଲିସ୍‌ର ୩ଟି ପ୍ରମୁଖ ଆହ୍ୱାନ ସଡ଼କ ଦୁର୍ଘଟଣା କମାଇବା, ସାଇବର ଅପରାଧ ଓ ଗଞ୍ଜେଇ ଚାଷକୁ ରୋକିବା ଦିଗରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଏବେ ୨୧୯୮ ଜଣ ଟ୍ରାଫିକ ପୁଲିସ କାର୍ଯ୍ୟ କରୁଛନ୍ତି। ସଡ଼କ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନେଉଥିବା ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଚଳିତ ବର୍ଷ ଆଉ ୨ ହଜାର ନୂତନ ପଦବୀ ସୃଷ୍ଟି କରାଯିବ ଓ ସେଗୁଡ଼ିକରେ ସ୍ୱଚ୍ଛତାର ସହ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ରାଜ୍ୟରେ ଗତ ବର୍ଷକରେ



- ପ୍ରତି ଜିଲ୍ଲାରେ କାର୍ଯ୍ୟକ୍ଷମ ହେବ ସାଇବର ପୁଲିସ ଥାନା
- ଖୋଲିବ ଆଉ ୨୦ ସାଇବର ଥାନା
- କଡ଼ାକଡ଼ି ହେବ ସହରାଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ଚେକିଂ ବ୍ୟବସ୍ଥା

୨୬୩୩ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ରାଜ୍ୟରେ ବର୍ତ୍ତମାନ ୧୪ଟି ଥାନା କାର୍ଯ୍ୟ କରୁଛି। ସାଇବର୍ ଠକେଇରେ ସାଧାରଣ ଲୋକେ ହିନସ୍ତା ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାରେ ସାଇବର ଥାନା କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ଆଉ ୨୦ଟି ନୂଆ ସାଇବର ଥାନା ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତା’ଛଡ଼ା ରାଜ୍ୟରେ ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚାଲାଣକୁ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଭୁବନେଶ୍ୱର ଓ କଟକର ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସହରରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ଚେକିଂ ବ୍ୟବସ୍ଥାକୁ ➩ପୃଷ୍ଠା-୬

## ପୁଣି ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ

**ପୁରୀ,୧୯।୧(ସଂଚାର ବ୍ୟୁରୋ):** କଡ଼ା ସୁରକ୍ଷା ସତ୍ତ୍ୱେ ପୁଣି ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ଭାଇରାଲ ହୋଇଛି। ବାଙ୍କେ ବିହାରୀ ଅନନ୍ତ ନାମକ ଜଣେ ବ୍ୟକ୍ତିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶ୍ରୀମନ୍ଦିର ବେଢ଼ାର ଜଗମୋହନ ଓ ଗରୁଡ଼ ସ୍ତମ୍ଭ ଭିଡ଼ିଓ ଭାଇରାଲ ହୋଇଛି। ବ୍ୟକ୍ତି ଜଣକ ବୃନ୍ଦାବନର ବୋଲି ଜଣାପଡିଛି । ଖାଲି ସେତିକି ନୁହେଁ, ପତିତପାବନଙ୍କ ନିକଟରେ ନିଜ ଫଟୋ ସହ ଏକ ଭିଡିଓ ଶୁଟିଂ କରି ଉକ୍ତ ଭକ୍ତ ଜଣଙ୍କ ଇନଷ୍ଟାଗ୍ରାମରେ ମଧ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଭିତରକୁ କୌଣସି ବ୍ୟକ୍ତିଙ୍କୁ ମୋବାଇଲ ଓ କ୍ୟାମେରା ନେବା ଉପରେ କଟକଣା ରହିଛି । ସେଥିପାଇଁ ମନ୍ଦିର ବାହାରେ ମୋବାଇଲ ଷ୍ଟାଣ୍ଡ ମଧ କରାଯାଇଛି । ଆଉ ଶ୍ରୀମନ୍ଦିରକୁ ପ୍ରବେଶ ପୂର୍ବରୁ ଚାରିଦ୍ୱାରରେ ମୋବାଇଲ୍ ଯାଞ୍ଚ ପାଇଁ ମାଳ ମାଳ ପୁଲିସ ନିୟୋଜିତ ହୋଇଛନ୍ତି। ଏହା ସତ୍ତ୍ୱେ କିପରି ମୋବାଇଲ ଭିତରକୁ ଯାଉଛି ଏବଂ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଛି, ତାକୁ ନେଇ ପ୍ରଶ୍ନ ଉଠିଛି । ତେବେ ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ➩ପୃଷ୍ଠା-୬



- ଇନଷ୍ଟାଗ୍ରାମରେ ଗରୁଡସ୍ତମ୍ଭ ଓ ଜଗମୋହନ ଭିଡିଓ
- ବୃନ୍ଦାବନର ଭକ୍ତଙ୍କ ଇନଷ୍ଟା ଆକାଉଣ୍ଟରେ ଭିଡିଓ
- ପୁରୀ ଏସପିଙ୍କ ସହ କଥା ହେଲେ ମୁଖ୍ୟ ପ୍ରଶାସକ
- ଦର୍ଶନ କରାଇଥିବା ସେବକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

## ଲୁଣ ଭାବି ଖାଇଦେଲେ ସାର: ହସ୍ପିଟାଲ୍‌ରେ ୫ କୋମଳମତି

**ଦେବଗଡ,୧୯।୧(ସଂଚାର ବ୍ୟୁରୋ):** ଦେବଗଡ଼ ଜିଲ୍ଲାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। କେତେକ କୋମଳମତି ଶିଶୁ ସାର ଖାଇଦେବା ଫଳରେ ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଏହି ଶିଶୁମାନେ ଖେଳୁଥିବା ସମୟରେ ବାଡ଼ିରେ ଥିବା କମଳା ଗଛରୁ କମଳା ତୋଳି ସେଗୁଡ଼ିକୁ ଲୁଣରେ ମଡ଼ାଇ ଖାଇବାକୁ ଚାହିଁଥିଲେ। ତେବେ ଲୁଣ ଭାବି ସାର କାଇଦେବା ଫଳରେ ସେମାନେ ଏବେ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଅନ୍ତର୍ଗତ ସରୁଆଳି ଗ୍ରାମରେ ଏଭଳି ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ସରୁଆଳି ଗ୍ରାମର ରାକେଶ ଗାଗରାଇ (୯), ଜୟନ୍ତ କୁମାର ଟିଉ (୧୦), ପ୍ରତୀଶ କୁମାର ଟିଉ (୭), ➩ପୃଷ୍ଠା-୬

## କହି ଦେଉଥାଇ ପରକୁ, ବୁଦ୍ଧି ନ ଦିଶଇ...

**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ବୈଦ୍ୟୁତିକ ଯାନ (ଇଭି) କିଣିବାକୁ ଉତ୍ସାହିତ କରୁଛନ୍ତି। କୋଟି କୋଟି ଟଙ୍କାର ସବସିଡି ମଧ ପ୍ରଦାନ କରୁଛନ୍ତି। ହେଲେ ନିଜ ପାଇଁ ଇଭି କିଣିପାରୁନାହାନ୍ତି ସରକାର। କାଁଭାଁ ସରକାରୀ ବିଭାଗ ଓ ସଂସ୍ଥାକୁ ବାଦ୍ ଦେଲେ ବିଭାଗଗୁଡିକ ପାଇଁ ସରକାର ଇଭି କିଣୁନାହାନ୍ତି। ଏ କ୍ଷେତ୍ରରେ ଅର୍ଥ ବିଭାଗ ବାଟ ଓଗାଳୁଥିବା କୁହାଯାଉଥିବାବେଳେ ବାସ୍ତବରେ କିନ୍ତୁ ନିଜ ଗାଡ଼ିକୁ ଭଡାରେ ଲଗାଇଥିବା କିଛି ସରକାରୀ ବାବୁ ବି କେଁ ପୂରାଉଥିବା କୁହାଯାଉଛି।

ସରକାରଙ୍କ ସବସିଡି ପ୍ରୋତ୍ସାହନ ଓ ସଚେତନତା ଯୋଗୁଁ ରାଜ୍ୟରେ ଇଭି ଯାନ ବିକ୍ରି କ୍ରମାଗତ ଭାବେ ବଢ଼ି ଚାଲିଛି। ୨୦୨୧-୨୨ରେ ରାଜ୍ୟର ବିଭିନ୍ନ କିସମର ୧୦,୩୮୮ଟି ଇଭି ଯାନ ବିକ୍ରି ହୋଇଥିବାବେଳେ ୨୦୨୨-୨୩ରେ ଏହି ଯାନ ବିକ୍ରି ସଂଖ୍ୟା ୩୨,୩୩୩କୁ ବୃଦ୍ଧି ପାଇଥିଲା। ସେହିଭଳି ଇଭି ବିକ୍ରି ସଂଖ୍ୟା ୨୦୨୩-୨୪ରେ ୫୨ ହଜାରକୁ ଅତିକ୍ରମ କରିଯାଇଥିବାବେଳେ ଚଳିତ ଆର୍ଥିକ ବର୍ଷର ନଭେମ୍ବର ଶେଷ ସୁଦ୍ଧା ଏହି ସଂଖ୍ୟା ୨୭ ହଜାର ଅତିକ୍ରମ କରିଯାଇଛି। ବିକ୍ରି ହେଉଥିବା ଏହି ଇଭି ଯାନ ମଧ୍ୟରେ ସର୍ବାଧିକ ଦୁଇ ଚକିଆଯାନ ରହିଥିବା ବେଳେ ଧିରେ ଧିରେ ଚାରିଚକିଆ ଯାନ ବିକ୍ରି ବଢ଼ିବାରେ ଲାଗିଛି।



- ସରକାର କିଣୁନାହାନ୍ତି ଇଭି ଯାନ
- ଲୋକଙ୍କୁ ଗଣୁଛନ୍ତି ସବସିଡି ଅର୍ଥ
- କେଁ ପୂରାଉଛନ୍ତି ଗାଡ଼ି ମାଲିକ ବାବୁ

ସବସିଡି ଆକାରରେ ବୈଦ୍ୟୁତିକ ଯାନ-୨୦୨୧ ନୀତି ଅନୁଯାୟୀ ଦୁଇଚକିଆ ଯାନ ପାଇଁ କିଲୋୱାଟ ପ୍ରତି ୫୦୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ ସର୍ବାଧିକ ୨୦ ହଜାର ଟଙ୍କା ଦିଆଯାଉଛି। ସେହିଭଳି ତିନିଚକିଆ ଇଭି ପାଇଁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସବସିଡି ଦିଆଯାଉଥିବାବେଳେ ଚାରିଚକିଆ ଯାନ ପାଇଁ କିଲୋୱାଟ ପ୍ରତି ୧୦ ହଜାର ଏବଂ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦିଆଯାଉଛି। ସବସିଡି ଅର୍ଥ ସହିତ ରାଜ୍ୟ ସରକାର ଇଭି ଯାନର ପଞ୍ଜିକରଣ ଓ ସଡ଼କ ଟିକସ ମଧ ଛାଡ଼ କରିଛନ୍ତି। ➩ପୃଷ୍ଠା-୬



### କାନ ଡେରିଥା

ମୁଖ୍ୟମନ୍ତ୍ରୀ ଜଣେ ହେବା ପାଇଁ
ବୋଲି
ନବ ଦାସଙ୍କୁ ସେ ମାରିଲା!
ସେହି ଘଟଣାରେ ବ୍ରେକ
ଲାଗିଲା
ଗୋପାଳ ଯେ ବଳି ପଡ଼ିଲା
ସତ୍ୟ ଘଟଣାଟି ଲୁଚିଲା...
ସିବିଆଇ ଯଦି ଖୋଳତାଡ଼
କରେ
ଆସାମୀ ହୋଇବ ଘାଇଲା!

■ ଦେବାଶିଷ

## ନବୀନଙ୍କ ଡବଲ ଷ୍ଟାଣ୍ଡାର୍ଡ

▶ ସେବେ ଥିଲେ ଜନବିରୋଧୀ
▶ ଏବେ ସୁଧାଂଶୁ ସୁନାପିଲା

**ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ) :** ପୁଣି ଥରେ ଧରାପଡିଲା ନବୀନ ପଟ୍ଟନାୟକଙ୍କ ଡବଲ ଷ୍ଟାଣ୍ଡାର୍ଡ ବା ଦୋମୁହାଁ ନୀତି। ଦୁର୍ନୀତିମୁକ୍ତ ଶାସନର ଖୋଳପା ତଳେ କିଭଳି ଲୋକଙ୍କୁ ଭୁଆଁ ବୁଲାଉଥିଲେ ତାହା ଆଜି ପ୍ରମାଣିତ ହୋଇଛି। ସୁଧାଂଶୁ ଶେଖର ପରିଡାଙ୍କ ବହିଷ୍କାର ଆଦେଶ ପ୍ରତ୍ୟାହାର କରିବା ନେଇ ଏବେ ପ୍ରଶ୍ନ ଘେରରେ ନବୀନଙ୍କ ନୀତି ଓ ନିଷ୍ପତ୍ତି। ୨୦୨୩ ସେପ୍ଟେମ୍ବର ୨୨ ତାରିଖରେ ନବୀନ ସୁଧାଂଶୁ ଶେଖର ପରିଡାଙ୍କୁ ଜନବିରୋଧୀ ନେତାର ଆଖ୍ୟା ଦେଇ ବିଜେଡିରୁ ବହିଷ୍କାର କରିଥିଲେ। ନିଜେ ନବୀନ ପଟ୍ଟନାୟକ ନବୀନ ନିବାସରେ ଗଣମାଧ୍ୟମ ସମ୍ମୁଖରେ ଏହି ଘୋଷଣା କରିଥିଲେ। ସୁଧାଂଶୁଙ୍କ ସହ ପୂର୍ବତନ ବିଧାୟକ ସୌମ୍ୟ ରଂଜନ ପଟ୍ଟନାୟକଙ୍କୁ ମଧ ଜନବିରୋଧୀ କହି ବହିଷ୍କାର କରିଥିଲେ। ସୁଧାଂଶୁଙ୍କ ବିରୋଧରେ ଅଭିଯୋଗ ଥିଲା ଯେ, ଅନୁସୂଚିତ ଜାତି ଜନଜାତି ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରିହାତି ଅର୍ଥ ଆତ୍ମସାତ କରିଥିଲେ। ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖରଙ୍କ ବିରୋଧରେ ଲୋକାୟୁକ୍ତ ନିର୍ଦ୍ଦେଶରେ ଭିଜିଲାନ୍ସ ତଦନ୍ତ କରିଥିଲା। ୨୦୧୭-୧୮ରୁ ୨୦୧୯-୨୦ ମଧ୍ୟରେ ସୁଧାଂଶୁ ଶେଖର ଓ ଅନ୍ୟମାନେ ଯନ୍ତ୍ରପାତି କିଣା ରିହାତି ବାବଦ ୩ କୋଟି ସରକାରୀ ଟଙ୍କା ଆତ୍ମସାତ କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଥିଲା। ସେ ବାଲେଶ୍ୱରର ନିଗମାନନ୍ଦ ଆସୋସିଏଟସର ପରିଚାଳନା ପାର୍ଟନର ଥିବା ବେଳେ ଏହି ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ପରେ ମଧ ସୁଧାଂଶୁ ଶେଖର ନିଜକୁ ନିର୍ଦ୍ଦୋଶ ବୋଲି କହୁଥିଲେ। ଏହି ଅର୍ଥ ହେରଫେର ବାବଦରେ ସେ କିଛି ଜାଣିନଥିବା କହୁଥିଲେ। ତଥାପି ନବୀନ ତାଙ୍କୁ ଦଳରୁ ବହିଷ୍କାର କରି ଜନବିରୋଧୀ ଆଖ୍ୟା ଦେଇଥିଲେ। ଯଦି ସେ ସମୟରେ ଭିଜିଲାନ୍ସ ତଦନ୍ତରୁ ସେ ସରକାରୀ ଅର୍ଥ ଆତ୍ମସାତ କରିଥିବା ପ୍ରମାଣିତ ହୋଇଥିଲା ତେବେ ଏବେ ସେ କିଭଳି ସାଧୁ ପାଲଟିଗଲେ ବୋଲି ପ୍ରଶ୍ନ ଉଠିଛି। ପ୍ରକୃତରେ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ତାଙ୍କୁ ଦଳରୁ ବହିସ୍କାର କରାଯାଇଥିଲା, ନା କୌଣସି ରାଜନୈତିକ ବାଧବାଧକତା ପାଇଁ ତାଙ୍କୁ ଦଳରୁ ବିଦା କରାଯାଇଥିଲା ତାହା ଏବେ ଏକ ବଡ ପ୍ରଶ୍ନ। ନିର୍ବାଚନର କିଛି ମାସ ପୂର୍ବରୁ ସୁଧାଂଶୁଙ୍କୁ ବାହାର କରିବା ପଛରେ କାହାର ହାତ ଥିଲା? ତାଙ୍କୁ ୨୦୨୪ ନିର୍ବାଚନ ଲଢେଇନଦେବାକୁ ଭିଜିଲାନ୍ସକୁ ଅସ୍ତ୍ର କରାଯାଇଥିଲା କି? ଏବେ ପୁଣି କେଉଁ ରାଜନୈତିକ ସ୍ୱାର୍ଥ ପାଇଁ ତାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଉଛି? ବିଭିନ୍ନ ସମୟରେ ବିଜେଡିରୁ ବହୁ ଲୋକଙ୍କୁ ଦଳରୁ ନିଲମ୍ବନ କରାଯାଇ ପରେ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଛି। କିନ୍ତୁ ବହିଷ୍କାର ଆଦେଶ ପ୍ରତ୍ୟାହାର ହେବାର ଏହା ସମ୍ଭବତଃ ବିଜେଡି ଇତିହାସରେ ପ୍ରଥମ ଘଟଣା। କିଛି ନେତାଙ୍କ ବିରୋଧରେ ନିଲମ୍ବନ ଆଦେଶ ତିନି ମାସ ପରେ ବି ରିଭ୍ୟୁ ହେଉନି, ଆଉ ଦଳୀୟ ବାଇ-ଲ ଆଧାରରେ ତିନି ମାସ ମଧ୍ୟରେ ନିଲମ୍ବନ ଆଦେଶ ପ୍ରତ୍ୟାହାର ନହେବା ଅର୍ଥ ➩ପୃଷ୍ଠା-୬





# ପାନ ଖିଆ ଜଗନ୍ନାଥ



## ପୁଷ୍ପଲତା ମିଶ୍ର



ଅନେକ ଦିନ ତଳର କଥା, ଦକ୍ଷିଣ ଭାରତର ଗୋଟିଏ ଗ୍ରାମରେ ବାସ କରୁଥିଲେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଜଣେ ପରମ ଭକ୍ତ ଚକେଇ ଦାସ। ଅତ୍ୟନ୍ତ ଦରିଦ୍ର ଥିଲେ ଚକେଇ ଦାସ,ଭିକ୍ଷା କରି ପେଟ ପୋଷନ୍ତି ଓ ମହା ପ୍ରଭୁଙ୍କର ଭଜନ କୀର୍ତ୍ତନ କରି ସମୟ କାଟନ୍ତି। ଦିନେ ମନ ରେ ଭାବିଲେ ଶ୍ରୀ କ୍ଷେତ୍ର ଚାଲି ଯିବି ସେଇଠି ରହି ମହା ପ୍ରଭୁ ଙ୍କୁ ପ୍ରତି ଦିନ ଦର୍ଶନ କରିବି ଓ ମହା ପ୍ରସାଦ ସେବନ କରି ଦିନ କଟେଇ ଦେବି। ଚକେଇ ଚାଲିଲେ ଶ୍ରୀ କ୍ଷେତ୍ର, ବହୁ ଦିନ ପଥ ପରିଶ୍ରମ କରି ଆସି ପହଁଚିଲେ ଶ୍ରୀ କ୍ଷେତ୍ର ର ,ଅନ୍ୟ ସାଧୁ ମାନଙ୍କ ପରି ସେ ବଡ଼ ଦାଣ୍ଡ ରେ ଛତା ଟିଏ ପୋତି ରହିଲେ। ପ୍ରତିଦିନ ମହା ପ୍ରଭୁ ଙ୍କ ଦର୍ଶନ ଓ ମହା ପ୍ରସାଦ ସେବନ କରି ସାଧୁ ଚକେଇ ଦାସ ମହା ଆନନ୍ଦ ରେ ଶ୍ରୀ କ୍ଷେତ୍ର ରେ ବସ ବାସ କଲେ।

ଏମିତି କିଛି ଦିନ ବିତି ଗଲା, ଭିକ୍ଷା ମାଗି ପାଖରେ ଯାହାବି କଉଡ଼ି ଥିଲା ସେ ସବୁ ସରିଗଲାଣି ଆଉ ମହାପ୍ରସାଦ ଖାଇବେ କିପରି! ମାଗଣା ରେ କିଏ ବା ତାଙ୍କୁ ଦବ ମହା ପ୍ରସାଦ! ଚକେଇ ମହାପ୍ରଭୁଙ୍କୁ ଗୁହାରି କଲେ ହେ ପ୍ରଭୁ, ମତେ କିଛି ଉପାୟ କହିଦିଅ ଯେମିତି କି ଶ୍ରୀ କ୍ଷେତ୍ର ରେ ରହି ମହା ପ୍ରସାଦ ସେବା କରି ପାରିବି। ଭକ୍ତର ଡାକ ଶୁଣିଲେ ପ୍ରଭୁ ସ୍ୱପ୍ନ ରେ ସାଧୁ ଚକେଇ ଙ୍କୁ କହିଲେ ତୁ ଗୋଟେ

ପାନ ଦୋକାନ କର, ସେଥିରୁ ଯାହା ରୋଜଗାର ହେବ ସେଥିରେ ତୁ ସୁଖରେ ଚାଲିବୁ। କଥା ଟା ଚକେଇ ଙ୍କ ମନକୁ ପାଇଲା,ତାଙ୍କ ପାଖରେ ଥିବା ଅଳ୍ପ କିଛି କଉଡ଼ି ଲଗେଇ ସିଂହ ଦ୍ୱାରା ନିକଟରେ ପାନ ଦୋକାନ ଟିଏ ଖୋଲିଲେ। ଦୋକାନ ଟି ମହା ପ୍ରଭୁଙ୍କ ଦୟାରେ ଭଲରେ ଚାଲିଲା, କିଛି ରୋଜଗାର କରି ଦାସେ ଖୁସି ରେ ଚଳିଲେ।

ପାମ୍ବୁଳ ପ୍ରିୟ ପାନ ରସିକ ମହା ପ୍ରଭୁ ଙ୍କ ର ଚକେଇ ଦାସ ଙ୍କ ପାନ ଖାଇବା ପାଇଁ ଭାରି ଶ୍ରଦ୍ଧା ବଳିଲା। ସେ ବଡ଼ ଭାଇ ବଳଭଦ୍ର ଙ୍କୁ ସାଙ୍ଗରେ ନେଇ ଦୁଇଟି ବାଳକ ବେଶ ରେ ଆସି ଚକେଇ ଙ୍କ ପାନ ଦୋକାନରେ ପହଁଚି କହିଲେ ଆମକୁ ପାନ ଦିଅ।

ଡଉଲ ଡାଉଲ କଳା ଧଳା ବାଳକ ଦୁଇଟି ଙ୍କୁ ଦେଖି ଦାସେ କହିଲେ, ଆରେ ତୁମେ ଛୁଆ ଦୁଇଟା ପାନ କଣ ଖାଇବ ଯେ, ଛୋଟ ପିଲା କଣ ପାନ ଖାଆନ୍ତି ? ସେମାନେ କଣ ସହଜେ ଛାଡ଼ିବେ ଚକେଇ ବାବା ଙ୍କୁ......। ଦୁଇ ଜଣ ବାଳକ କହିଲେ ଆମେ ଏମିତି ସେମିତି ପାନ ଖାଉଁ କି ? ଆମକୁ ଚନ୍ଦନ, ଚୁଆ ଲଗେଇ, ଗୁଜୁରାତି, ଅଳେଇଚ, ଲବଙ୍ଗ, ଆଦି ଚଉଷଠି ମସଲା ଦିଆ ପାନ ଦିଅ। ପିଲା ଦୁଇଟିଙ୍କର ବରାଦ ଦେଖି ଦାସେ ଆଶ୍ଚର୍ଯ୍ୟ ହୋଇ ଗଲେ। ଚକେଇ ବରାଦ ମୁତାବକ ପାନ ଭାଙ୍ଗି ଦେଲା,ପିଲା ଦୁଇଟି ଅତି ଖୁସି ରେ ପାନ ଖଣ୍ଡେ ଲେଖାଏଁ କଳରେ ଯାକି ଦେଇ ଚାଲିଲେ।

ପିଲା ଦୁଇଟି ଯିବାର ଦେଖି ଦାସେ ପାଟି କରି ଡାକିଲେ, ଆରେ ମୋ ପଇସା ଦେଇ ଯାଅ। ପିଲା କହିଲେ କି ପଇସା ସେ ଫଇସା କଥା ଆମେ କିଛି ଜାଣୁନା। ସେ ସବୁ ଆମ ବାପା ବୁଝନ୍ତି,ସେ ତୁମର ପଇସା ଦେଇ ଦେବେ। ବୁଢ଼ା କୌଣସି ମତେ ବିଶ୍ୱାସ କରି ତାଙ୍କୁ ଛାଡ଼ି ଦେଲା,ଆଖି ପିଛୁଳା କେ କୁଆଡେ ଅଦୃଶ୍ୟ ହେଇଗଲେ। ଏହି ଭଳି କିଛି ଦିନ ଚାଲିଲା ,ପିଲା ଦୁଇଟି ସବୁଦିନ ଆସି ପାନ ଖାଆନ୍ତି କଉଡ଼ି ନ ଦେଇ ବାପା ଦେବେ ବୋଲି କହି ଚାଲି ଯାଆନ୍ତି। ଦାସେ ଆଉ କେତେଦିନ ସମ୍ଭାଳିବେ , ଦିନେ ସେ ଅଡି ବସିଲେ ଆରେ ହେ କାଳିଆ,ବଳିଆ ଆଜି ମୋ କଉଡ଼ି ସବୁ ଦେଇ କରି ଯାଅ। ଦୁଇ ମାସ ହେଲାଣି ତୁମେ ନିତି ମତେ ଠକି ଚାଲିଛ। ପିଲା ଦୁଇଟି କହିଲେ, ଆମ ବାପା ତ ସବୁଦିନ ଆସୁଛନ୍ତି ତମ ପଇସା ନଦେଲେ କିପରି ?ତମେ ତାଙ୍କ ଠାରୁ ମାଗି ନେଲନି କାହିଁକି ? ଦାସେ ରାଗି ଯାଇ କହିଲା ଆରେ ଗାଲୁଆ ଟୋକା ,ତୁମ ବାପା ନିତିଆସୁଛନ୍ତି !କହିଲ ତ ସିଏ ଦେଖିବାକୁ କେମିତି ? ପିଲାଏ କହିଲେ,ବାପା ବାଜା, ରୋଷଣୀ ନେଇ ହାତୀ ଉପରେ ବସି ବଡ଼ ପଟୁଆର ଘେନି ଆସନ୍ତି, ସାମ୍ନାରେ ତାଙ୍କର ଆଲଟ ଚାମର ପଡୁ ଥାଏ। ହଉ ଆଜି ପାନ ଦିଅ, ଯଦି ବିଶ୍ୱାସ ନ ହେଉଛି ତେବେ ଆମ ଏହି ପାଟ ଗାମୁଛା ଦୁଇ ଖଣ୍ଡ ରଖ। କାଲି କୁ ବାପା ଆସିଲେ ତାଙ୍କୁ କହି ତୁମ କଉଡ଼ି ନେଇଯିବ। ବୁଢ଼ା ବିଶ୍ୱାସ କରି ପାନ ଭାଙ୍ଗି ଦେଲା। ପିଲା ଦୁଇ ଜଣ ପାନ ଖାଇ ଖୁସି ମନ ରେ ଚାଲି ଗଲେ।

ପର ଦିନ ଠାକୁର ଙ୍କ ର ମଧ୍ୟାହ୍ନ ଧୂପ ଲାଗି ହେଲା, କିନ୍ତୁ ଏ କଅଣ,ଠାକୁର ଙ୍କ ଦେହ ରେ ଯେ ଖଣ୍ଡୁଆ ପାଟ ଉତ୍ତରୀୟ ନାହିଁ, ଉତ୍ତରୀୟ ବିନା ଭୋଗ ଲାଗି ହେବ କିପରି !ବହୁ ଖୋଜା ଖୋଜି ହେଲା କିନ୍ତୁ କୋଉଠି ହେଲେ ମିଳିଲା ନାହି,ଶେଷରେ ଏ କଥା ରାଜା ଙ୍କୁ ଜଣାଇ ଦିଆଗଲା, ସମ୍ବାଦ ପାଇ, ଠାକୁର ରାଜା ଥାଟ ପଟୁଆର ଧରି ଧାଇଲେ ଶ୍ରୀ ମନ୍ଦିର କୁ।ଦୂର ରୁ ହାତୀ ଉପରେ ରାଜା ଆସୁଥିବାର ଦେଖି ଚକେଇ ଭାବିଲା ଏହି ବୋଧ ହୁଏ ପିଲାମାନଙ୍କ ବାପା ଆସିଗଲେ। ସିଂହ ଦ୍ୱାର ରେ ରାଜା ପହଁଚିବା କ୍ଷଣି ସେ ଦଉଡ଼ି ଯାଇ କହିଲେ ,ଆଜ୍ଞା ତୁମ ପିଲା ଦୁଇ ଜଣ ମୋ ଠାରୁ ଦୁଇ ମାସ ହେଲା ପାନ ଖାଇ ବାପା ଦେଇ ଦେବେ କହି କଉଡ଼ି ବାକି ରଖି ଛନ୍ତି। ଆପଣ ମୋ କଉଡ଼ି ଦେଇ ଯାଆନ୍ତୁ। ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ,କଅଣ ତୁମେ କହୁଛ, ମୋ ପିଲା ପୁଣି ତୁମଠାରୁ ପାନ ଖାଉଛନ୍ତି। ଦାସେ କହିଲେ, ହଁ ଆଜ୍ଞା କାଲି ପରା କଳା ଧଳା ସେଇ ପିଲା ଦୁଇଟି ପାନ ଖାଇ ଏ ଗାମୁଛା ଦୁଇ ଖଣ୍ଡ ବନ୍ଧା ରଖି ଯାଇଛନ୍ତି, କାଲି ଆମ ବାପା ହାତୀ ରେ ବସି ପଟୁଆର ରେ ଆସିବେ,ତାଙ୍କୁ ଗାମୁଛା ଦେଇ ତୁମ କଉଡ଼ି ନେଇ ଯିବ। ବୃଦ୍ଧ ଚକେଇ ଦାସ ଙ୍କ ହାତ ରେ ମହା ପ୍ରଭୁ ଙ୍କ ପାଟ ଉତ୍ତରୀୟ ଦେଖି ରାଜା ଙ୍କ ଆଖି ରୁ ବୋହି ଚାଲିଲା ଅଶ୍ରୁ ଧାର। ରାଜା ଚକେଇଙ୍କୁ କୋଳାଗ୍ରତ କରି କହିଲେ ,ଧନ୍ୟ ହେ ତୁମେ ଚକେଇ ଦାସ। ତୁମେ ସ୍ୱ ହସ୍ତ ରେ ମହା ପ୍ରଭୁ ଙ୍କୁ ବିଡିଆ ଭୁଞ୍ଜାଇ ପାରିଲ,ଧନ୍ୟ ଧନ୍ୟ ତୁମେ ଭକ୍ତ ଶିରୋମଣି। ଭାବ ଗଦ ଗଦ ହୋଇ ପଡିଲେ ଚକେଇ ଦାସ, ତାଙ୍କ ଆଖି ରୁ ବହି ଚାଲିଲା ଆନନ୍ଦାଶ୍ରୁ,ଆଉ କଉଡ଼ି ନେବେ କଣ ? ରାଜା ଯାଚିବାରୁ ଚକେଇ କହିଲେ ଆଉ ମୋର କଉଡି ଦରକାର ନାହିଁ। ଏଇଠି ମତେ ଗୋଟିଏ ଜାଗା ଦିଅ ମୁଁ କେବଳ ମହାପ୍ରଭୁ ଙ୍କ ପାଇଁ ପାନ ଭାଙ୍ଗି ଯୋଗାଇବି।ସବୁଦିନ ପାଇଁ ମହାପ୍ରସାଦ ସେବନ କରିବାର ବ୍ୟବସ୍ଥା କରି ଦିଅ। ତାହା ହିଁ ହେଲା। ରାଜା ମନ୍ଦିର କୁ ଲାଗି ଚକେଇ ଦାସ ଙ୍କ ପାଇଁ ଏକ ଘର ତୋଳି ଦେଲେ। ଚକେଇ ଦାସ ଙ୍କ ସେହି ବସା ଘର ଏବେ ବଡ଼ ଛତା ମଠ ନାମରେ ଶ୍ରୀ କ୍ଷେତ୍ର ରେ ବିଦ୍ୟମାନ।ଚକେଇ ଦାସ ଛତା ତଳେ ପାନ ବିକୁ ଥିବାରୁ ଏହି ମଠ ର ନାମକରଣ ଏହିପରି ହୋଇଛି ବୋଲି ବିଶ୍ୱାସ କରାଯାଏ। ପୂର୍ବକାଳରେ ବଡ଼ଦାଣ୍ଡରେ ସାଧୁ ସନ୍ଥମାନେ ଛତା ପୋତି ବାସ କରୁଥିଲେ-

**ପହଞ୍ଚିବା ବଡ଼ ଦାଣ୍ଡେ**
**ସେ ରେଣୁ ପାଇବା ତୁଣ୍ଡେ**
**ଛତା ତଳେ ରହି ଦଣ୍ଡେ ସାଧୁଙ୍କ ସେବା କରିବା**
**ଜୟ ଜଗନ୍ନାଥ!!**

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

# ତା'ପରେ

## ଅନୁପମା ବିଶ୍ୱାଳ



ସୂର୍ଯ୍ୟଙ୍କ ବାଳ କିରଣ ଠିକ୍ ମିଶ୍ରବାବୁଙ୍କ ବାରଣ୍ଡାକୁ ଅଯାଚିତ ଭାବେ ପଶି ଆସୁଥାଏ।କେହି ବାରଣ କରିବା ସତ୍ତ୍ୱେ ସତେ ଯେପରି ସେଇ କିରଣ ନିଜ ବାଲ୍ୟ ଚପଳତାକୁ ଏଡାଇ ନପାରି ନାଚି ନାଚି ଡେଇଁ ଡେଇଁ ଆସି ମିଶ୍ରବାବୁଙ୍କ ସହିତ ଗେଲ ବସର ହେଉଥାଏ। ଅଜାତ ସ୍ନେହ ବାତ୍ସଲ୍ୟକୁ ଜବରଦସ୍ତି ଭଲପାଇବା ବୋଧହୁଏ ମିଶ୍ରବାବୁ ଭୁଲି ଯାଇଛନ୍ତି। ବାହାଘରର ୧୨ବର୍ଷ ବିତି ଯାଇଥିଲେ ମଧ ନିଜ ସନ୍ତାନର ମୁଖ ଦେଖିବା ସ୍ୱପ୍ନ ହୋଇଯାଇଛି। ବିମଳା ଦେବୀଙ୍କ ପୂଜା, ଓଷା, ବ୍ରତରେ ନିଶ୍ଚୟ କିଛି ଆବିଳତା ରହି ଯାଉଛି, ଯଦ୍ୱାରା ଠାକୁରେ ତାଙ୍କ ଡ଼ାକ ଶୁଣୁନାହାନ୍ତି। ସ୍ୱାମୀ ସ୍ତ୍ରୀ ମଧରେ ବେଳେବେଳେ ଭୁଲ ବୁଝାମଣା ହେଉଥାଏ, ହେଲେ କଣ କରାଯିବ। ଭାଗ୍ୟ ତ ବାମ ...!

ସେଦିନ ଥାଏ ସୋମବାର। ବୀଣା ଦେବୀଙ୍କ ଉପବାସ। ଘରେ ଦିଅଁ ପୂଜା ସାରି ସ୍ୱାମୀଙ୍କୁ କହିଲେ," ଆଜି ମନ୍ଦିର ଯିବା ନାହିଁ କି ? ମୁଁ ଘର ପୂଜା ସାରିଛି। ମନ୍ଦିରରୁ ଆସିଲେ ରୋଷେଇ କରିବି।ନହେଲେ ରାମୁ କାକା ରୋଷେଇ କରିଦେବେ।ଆମେ ଚାଲ ଠାକୁର ଦର୍ଶନ କରି ଆସିବା। "

ବସିବା ଆସନରୁ ହଠାତ ଠିଆ ହୋଇ ମିଶ୍ର ବାବୁ ରୁକ୍ଷ କଣ୍ଠରେ କହିଲେ,"ଥାଉ ମ ତୁମର ପୂଜାପାଠ।ଏତେ ଭକ୍ତି ଆଉ ଦେଖାଅ ନାହିଁ"। ବୀଣା ଦେବୀଙ୍କ କାନରେ ପଥର ମାଡ଼ ହେଲାପରି ଲାଗିଲା ସେଇ ଶବ୍ଦଗୁଡିକ।କିଛିକ୍ଷଣ ପରେ ବୁଝେଇ ସୁଝେଇ କୌଣସି ପ୍ରକାରେ ସ୍ୱାମୀଙ୍କୁ ମନ୍ଦିର ଯିବାପାଇଁ ପ୍ରସ୍ତୁତ କରାଇଲେ। ଶୁଭ ମନାସି ଏଥର ଘରୁ ବାହାରି ଦୁଇଜଣ କପିଳାସ ମନ୍ଦିର ଅଭିମୁଖେ ଯାତ୍ରାକଲେ। ପ୍ରଭୁଙ୍କ ନାମ ସୁମରଣା କରି କରି ଯଥା ସମୟରେ ମନ୍ଦିର ପହଞ୍ଚି ପ୍ରଭୁଙ୍କୁ ଆରାଧନା କଲେ।ସବୁଥର ପରି ଏଥର ମଧ ନିଜ ଶୂନ୍ୟ କୋଳକୁ ଭରିଦେବା ପାଇଁ ଭଗବାନଙ୍କୁ ଜଣାଇଲେ।

ପୂଜକ ମଧ ସେଦିନ କହିଲେ,"ତୁମ ଡ଼ାକ ଈଶ୍ୱର ନିଶ୍ଚୟ ଶୁଣିବେ।ତୁମର ସର୍ବ ମଙ୍ଗଳ ହେବ"। ପ୍ରସାଦ ଟିକିଏ ପାଇ ବାହୁଡ଼ିବା ସମୟରେ ରାସ୍ତାରେ ଏକ କୋମଳ ଶିଶୁର କ୍ରନ୍ଦନ ଶୁଣି ଗାଡି ଅଟକାଇଲେ ମିଶ୍ରବାବୁ। ଦୁଇଜଣ ଯାକ ଓହ୍ଲାଇ ଚାରିଆଡେ ଦୃଷ୍ଟି ଦେଇ ଦେଖିଲେ, ଗୋଟିଏ ଦୁଇ ବର୍ଷର ଶିଶୁ କନ୍ୟା ଅବହେଳିତ ଅବସ୍ଥାରେ ଗଛତଳେ ବସି କାନ୍ଦୁଛି। ପଚରାଉଚୁରା କରିବାରୁ ସେ କିଛି କହିପାରିଲା ନାହିଁ।ବୀଣା ଦେବୀ କହିଲେ,ଏହା ଆମ ତାପସ୍ୟାର ଫଳ।ଆମେ ଏ ଝିଅକୁ ଘରକୁ ନେଇଯିବା।"

ମିଶ୍ରବାବୁ ମଧ ଠିକ୍ କଥା ବୋଲି ବିଚାର କରି ଝିଅକୁ ସ୍ନେହରେ ଗାଡ଼ିରେ ବସାଇ ପୋଲିସକୁ ସବୁ ଜଣାଇ ଆଇନର ଆଶ୍ରୟ ନେଇ ନିଜ ଘରକୁ ତାକୁ ଆଣିଲେ।ଯାହେଉ ଏତେ ଦିନପରେ ଠାକୁର ତାଙ୍କ ଡ଼ାକ ଶୁଣିଛନ୍ତି।ଆନନ୍ଦ କହିଲେ ନସରେ।ଭଗବାନ ଏ ଗୋଟିଏ ଛଡା ବାକି ସବୁ ଦେଇଥିଲେ।ଖୁସିର ଲହରୀ ଖେଳିଗଲା।ଭୋଜିଭାତ ଦେଇ ବନ୍ଧୁବର୍ଗଙ୍କୁ ଜଣାଇଦେଲେ ଯେ ସ୍ୱୟଂ ଲକ୍ଷ୍ମୀ ମାତା ତାଙ୍କ ଘରେ ବିରାଜମାନ।

ତାପରେ ଝିଅଟି କଳିକାରୁ ଫୁଲରେ ଫୁଟିବାକୁ ଲାଗିଲା।

ରୂପର ଛଟା ସହ ଗୁଣ ଗାରିମାରେ ସଭିଙ୍କ ମନ ଜିଣୁଥାଏ।

ଇନ୍ଦ୍ରଧନୁର ସବୁ ରଙ୍ଗ ତା ଭିତରେ ଖେଳି ଯାଉଥାଏ।ପ୍ରତି ଅଙ୍ଗରେ ଯୌବନର ବାସ୍ନା ମାଦକ ଭରି ଦେଉଥାଏ।ପୁଅ ପିଲା କଣ, ଝିଅମାନେ ମଧ ତାକୁ ଦେଖି ପ୍ରେମରେ ପଡିଯାଉଥାନ୍ତି। ଦିନେ କଲେଜକୁ ବାହାରିବା ବେଳେ ବାପାଙ୍କୁ କହିଲା," ବାପା ! ମୁଁ ଆଜି ତୁମ ସହିତ ନଯାଇ ଏକା ସାଇକେଲରେ ଯିବି।ମୋର ଭାରି ଇଚ୍ଛା ହେଉଛି। ଝିଅକୁ କୌଣସି ପ୍ରକାରେ ଏକା ଛାଡ଼ିବାକୁ ରାଜି ନଥିଲେ ମିଶ୍ରବାବୁ।କିନ୍ତୁ ତା ଅଳି ଦେଖି ରାଜି ହୋଇଗଲେ। ଭଲରେ ଭଲରେ ଯିବୁ ମା,କହିଲେ ବୀଣା ଦେବୀ।

ପାଠପଢି ଫେରିବାବେଳେ କାଳ ପରି ବାଟ ଚାହିଁଥିଲା ବିପଦ।ହଠାତ ଟୋକାଟିଏ ଆସି ଟାଣି ନେଇଗଲା ବୁଦାମୂଳକୁ।ପାଟିରେ କନା ଦେଇ ତାକୁ ତାକୁ ଖରାପ ବ୍ୟବହାର ଦେଖାଇଲା।ନଖରେ କୋମଳ ଦେହକୁ ଫୋଡି କ୍ଷତାକ୍ତ କରିଦେଲା।କେବଳ ଏତିକି ନୁହେଁ ବୟସର ଉଦ୍ଧମତା ଦେଖାଇ ତା'ର ପୋଷାକକୁ ଟାଣି ଓଟାରି ଚିରିଦେଲା। ନିଜ ଯୌବନକୁ ଢାଙ୍କିବା ପାଇଁ ଯେତେ ଚେଷ୍ଟା କଲେ ମଧ ଝିଅଟି ସଫଳ ହୋଇ ପାରୁନଥାଏ।ହେଲେ ଆଶ୍ଚର୍ଯ୍ୟ !ପିଲାଟିର ହାତ ହଠାତ ଅଟକିଗଲା।

ଅତୀତରେ ଘଟିଥିବା ଘଟଣା ମନେ ପଡିଗଲା ତା'ର।ଅନାଥ କରି ବାପା ମା ଅଫେରା ଜାଗାକୁ ଚାଲିଗଲେ।ଦିନେ ଭଉଣୀର ହାତ ଧରି ଯାତ୍ରା ଦେଖି ଯାଇଥିବା ବେଳେ ହାତ ଛାଡି ହୋଇଯିବାରୁ ସେ ହଜିଗଲା।ବହୁତ ଖୋଜିଛି ସେଦିନ ,କାନ୍ଦିଛି ମଧ।କିନ୍ତୁ ଆଉ ପାଇଲା ନାହିଁ।ଇଏ ସେ ଭଉଣୀ ନୁହେଁ ତ ?ତା ପିଠିରେ ମଧ ଠିକ୍ ଏହି ଭଳିଆ ଚିହ୍ନ ଥିଲା।

ହାତ ସେଇଠି ଅଟକିଗଲା। ଝିଅର ମୁହଁରୁ କିଛି ଉତ୍ତର ପାଇ ନିଶ୍ଚିତ ହେଲା ଯେ ,ଇଏ ହିଁ ତା ହଜି ଯାଇଥିବା ଭଉଣୀ।ଦେହରେ ଶତ ଶିହରଣ ଖେଳିଗଲା।ଆନଂଦ କହିଲେ ନସରେ। ହେଲେ ନିଜକୁ କ୍ଷମା କରିପାରୁ ନଥାଏ।କଣ ସେ କରିବାକୁ ଯାଉଥିଲା।ଯେଉଁ ହାତରେ ଦିନେ ଭଉଣୀକୁ ଗେଲ କରୁଥିଲା ସେହି ହାତରେ ଇଜ୍ଜତ ଲୁଟିବାକୁ ଯାଉଥିଲା।

ଛି ଛି ନିଜର ପୁରୁଷ ପଣିଆ। ଏହା କଣ ଉନ୍ନତ ସମାଜ ଗଠନ କରିପାରିବ ?ବହୁତ ଘୃଣା କଲା ନିଜକୁ ନିଜେ। ନିଜେ ନିଜେ ଚାପୁଡ଼ା ଉପରେ ଚାପୁଡ଼ା ମାରିହେଲା।ଭୁଲର ପ୍ରାୟଶ୍ଚିତ କରିବ ନିଶ୍ଚୟ। ଭଉଣୀକୁ ଧରିଥିବା ଗାମୁଛାରେ ଢାଙ୍କି ମିଶ୍ରବାବୁଙ୍କ ଘରକୁ ଯାଇ ସବୁକଥା ନିଜେ କହିଲା। କ୍ରୋଧରେ ମିଶ୍ରବାବୁ ତାକୁ ବହୁତ ବାଡେଇଲେ ଓ ପୋଲିସରେ ଦେଲେ। ସେ ମଧ ସେଦିନ ଶପଥ କଲା ଜୀବନରେ ଏଭଳି ଭୁଲ ଆଉ କେବେ କରିବ ନାହିଁ। ଝିଅଟି ମୂର୍ତ୍ତିଟିଏ ପରି ଅନାଇ ରହିଥାଏ।ଏ ଘଟଣା ତାକୁ ଯେତେ ଖୁସି ଦେଉଥାଏ ତାଠାରୁ ଅଧିକ ଦୁଃଖ ଦେଉଥାଏ।ରକ୍ତ ସମ୍ପର୍କ ଭାଇକୁ ପାଇଲା ,ପୁଣି ଏଭଳି ଅବସ୍ଥାରେ। ସତରେ ଏସବୁ ଭାଗ୍ୟର ଖେଳ......।



**ଶିକ୍ଷୟିତ୍ରୀ**
**ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ**
**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**



## ମୋତେ ରକ୍ତ ଦିଅ ମୁଁ ସ୍ୱାଧୀନ ଦେବି

### ବିଷ୍ଣୁ ପ୍ରସାଦ ମିଶ୍ର

କ୍ରୁର କବଳିତ ଏଇ ଦେଶ ଆଜି
ଇଂରେଜ ଅଧୀନ ଭାରତବାସୀ
ନାହିଁ ଆମ ପାଖେ ବନ୍ଧୁକ କମାଣ
ଆମରି ରକତ ପିଅନ୍ତି ଶୋଷି ||
ଅନେକ କଷଣ ସହି କେତେଦିନ
ବଞ୍ଚିବାରେ ଆମେ ବିଦେଶୀ ସାଥେ ,,
ଏକଜୁଟ ହେବା ଆସରେ ସରବେ
ଭାରତମାତା ର ବିଜୟ ପଥେ ||
ଶାନ୍ତି ଶାନ୍ତି ବୋଲି ସହିବାନି ଆଉ
ଲାଠି କାରାଗାର କଷଣ ଭାର ,,
ହରାଇ ଅନେକ ବୀର ଓ ପାଇକ
ଆଖି ଲୁହେ ଭିଜିଲାଣି ଶରୀର ||
ହଜାଇ ଦେଲେଣି ନିଦକୁ ଆମର
ସଜ୍ଜା ଭୋଗି ଆମ ଦିନ ଯାଉଛି ,,
ପାପୀ ଇଂରେଜର କବଳିତେ ଆମ
ଜନ୍ମଭୂମି ପରାଜିତେ ସଢୁଛି ||
କାନ୍ଦୁଛି ବାଳକ କାନ୍ଦୁଛି ବନିତା
କାନ୍ଦେ ନବବଧୂ ମୁହଁ ଲୁଚାଇ ,,
କବଳିତ ଲୁଣ୍ଠନ ଅତ୍ୟାଚାର"ରେ
ବର୍ବର ଇଂରେଜ ଗର୍ବକୁ ସହି ||
ପଣ ନେଇଅଛି ଜଣ ଜଣ କରି
ଶାଗୁଣା ମୁହଁରେ ଦେବି ମୁଁ ମାଂସ ,,
ଗଢିଛି ଫଉଜ ମୁଁ ଆଯାଦହିନ୍ଦ
ସର୍ବେ ଏକଜୁଟ ହୋଇବା ଆସ ||
ବଢିବା ଆଗକୁ ଦଳିବା ଇଂରେଜ
"ମୋ"ସାଧନା ମନ୍ତ୍ର ସଫଳ କରିବି ,,
ଏକଜୁଟ ହୁଅ ପ୍ରତିଶ୍ରୁତି ନିଅ
(ମୋତେ)ରକ୍ତ ଦିଅ ମୁଁ ସ୍ୱାଧୀନ ଦେବି

**ରଥଶର୍ମା କଲୋନୀ, କୋରାପୁଟ**
**ମୋବାଇଲ୍: ୯୧୨୪-୪୯୧୨୯**

## ଭାଗବତ ଏକ ପବିତ୍ର ଗ୍ରନ୍ଥ

### ବାସନ୍ତୀ ଲତା ଜେନା

ଭାଗବତ ଏକ ପବିତ୍ର ଗ୍ରନ୍ଥ ଯେ
ଶୃଙ୍ଖଳାରେ ଅଛି ଭରି
ଶ୍ରବଣ ପଠନ ଚିନ୍ତନ କରିଲେ
ବାହି ଯିବ ଭବୁ ତରି ।୧।
କୃଷ୍ଣଙ୍କର ବାଣୀ ଏ ଗ୍ରନ୍ଥେ ଲିଖିତ
ଯୋଗ ଜ୍ଞାନ ଧ୍ୟାନ କର୍ମ
ଦ୍ୱାଦଶ ସ୍କନ୍ଧରେ ବିଭକ୍ତ ହୋଇଛି
ଆଧ୍ୟାତ୍ମିକ ଭକ୍ତି ଧର୍ମ ।୨।
ଗାଁ ଗହଳିରେ ସନ୍ଧ୍ୟାର ଆଗତେ
କାର୍ଯ୍ୟରୁ ଫେରି ମିଳନ୍ତି
ଭାଗବତ ଟୁଙ୍ଗୀ ଚଞ୍ଚଳ ହୁଅଇ
ପୂଜା ପଣ୍ଡା ପଢୁ ଥାନ୍ତି ।୩।
ସନ୍ତାନ ଜନ୍ମରେ ଏକୁଡ଼ି ଶାଳରେ
ମୁମୂର୍ଷୁ ଲୋକ ପାଖରେ
ଭାଗବତ ବାଣୀ ଅମୃତ କାହାଣୀ
ଶ୍ରବଣ ପ୍ରାଣ ତୃପ୍ତିରେ ।୪।
ସଂସ୍କୃତରେ ବ୍ୟାସ ଭାଗବତ ରଚି
ସମାଜକୁ କଲେ ଦାନ
ଓଡ଼ିଆଙ୍କ ଠାରେ ଆଦୃତ ନ ହେଲା
ବିଝିବା ହେଲା କଠିନ ।୫।
ଜଗନ୍ନାଥ ଦାସ ପିତା ଭଗବାନ
ପୁରାଣ ପଣ୍ଡା ହେଉଲେ
ତାଙ୍କ ମୃତ୍ୟୁ ପରେ ଜଗନ୍ନାଥ ଦାସ
ପୁରାଣ ପଠନ କଲେ ।୬।
ସଂସ୍କୃତରେ ଲେଖା ପୁରାଣ ବୁଝିବା
ମାତାଙ୍କୁ କଠିନ ହେଲା
ଜଗନ୍ନାଥ ମାତା ପୁଅକୁ କହିଲେ
ଓଡ଼ିଆରେ ଲେଖ ଭଲା ।୭।
ନବକ୍ଷରୀ ଛନ୍ଦେ ଭାଗବତ ଲେଖା
ପଠନ ଯେ ପ୍ରତି ଘରେ
ପବିତ୍ର ନିର୍ମଳ ଭାଗବତ ଗାଥା
ହୃଦୟରେ ଭକ୍ତି ଭରେ ।୮।
ବ୍ରହ୍ମ ଜ୍ଞାନ ତତ୍ତ୍ୱ ଏ ଗ୍ରନ୍ଥରେ ଅଛି
ନୀତି ନିୟମରେ ଭରା
ଆତ୍ମ ପରାତ୍ମାର ମଧୁର ମିଳନେ
ଆନନ୍ଦ ଖୁସି ପସରା ।୯।
ସ୍ୱୟଂ ନାରାୟଣ ସୃଷ୍ଟିର କାରଣ
ଭାଗବତ ରସ ପାନ
ଅଜ୍ଞାନ ଅନ୍ଧାର ଦୂର ହୋଇ ଯାଏ
ଜୀବନ ହୁଅଇ ଧନ୍ୟ ।୧୦।
ସଂସ୍କାର ସଂସ୍କୃତି ସ୍ନେହ ଶ୍ରଦ୍ଧା ପ୍ରୀତି
ପ୍ରେମମୟ ଏ ଜଗତ
ନୀତି ଶିକ୍ଷା ମିଳେ ଜୀବନ ଧାରଣେ
କୃଷ୍ଣ ପାଦେ ପ୍ରଣିପାତ ।୧୧।

**ଗାନ୍ଧୀନଗର, ନବରଙ୍ଗପୁର**



## ହେ ନେତାଜୀ ତୁମେ ଫେରିଆସ

### ଡଃ ତାନଶ୍ରୀ ପାଣିଗ୍ରାହୀ

ପୁଣ୍ୟଭୂମି ଏ ଭାରତମାତାର
ତୁମେ ଯୋଗ୍ୟତମ ସୁତ
ସ୍ୱାଭିମାନର ମହାମନ୍ତ୍ର ତୁମେ
ଦେଖାଇଲ ମୁକ୍ତିପଥ...

ଅଠରଶ ସତାନବେ ମସିହାର
ଜାନୁଆରୀ ତେଇଶରେ
ଜନ୍ମ ହୋଇଥିଲ ହେ ମହାପୁରୁଷ
କଟକ ସହରଠାରେ...

ଜାନକୀ ଓ ପ୍ରଭାବତୀଙ୍କର
ତୁମେ ନବମ ସନ୍ତାନ
ଅସାଧାରଣ ବ୍ୟକ୍ତିତ୍ୱ ତୁମେ
ସତେ ତୁଳସୀ ଚନ୍ଦନ...

ମୋତେ ରକ୍ତ ଦିଅ ମୁଁ ଦେବି ସ୍ୱାଧୀନତା
ଏ ଥିଲା ତୁମ ପ୍ରେରଣା

ମହାତ୍ମାଗାନ୍ଧୀଙ୍କ ଅହିଂସା ମନ୍ତ୍ରକୁ
କରିଥିଲ ତୁମେ ଊଣା...

ଦେଶପ୍ରେମ ପାଇଁ ମାତୃଭୂମି ଛାଡି
ଜର୍ମାନୀକୁ ଗଲ ଚାଲି
ସୈନ୍ୟ ବାହିନୀକୁ ଏକଜୁଟ କରି
ଇଂରେଜ ବିରୁଦ୍ଧେ ଲଢ଼ି...

କଣ୍ଟାକୁ କଣ୍ଟାରେ କାଢିବାକୁ ତୁମେ
କରିଥିଲ ମନେ ପଣ
କଉଶଳ କରି ଭରିଥିଲ ମନେ
ତାଡିଲେ ଯବାନ ଗଣ...

ଆଜାଦ ହିନ୍ଦ ଫୌଜ ଗଢିଲ
ଦେଶର ମଙ୍ଗଳ ପାଇଁ
ଦିଲ୍ଲୀ ଚଲୋର ଅଗ୍ନି ମନ୍ତ୍ରରେ
ତୁମେ ଯାଇଥିଲ ଜିଣି...

ଗୋରା ସରକାର ଛାଡିଲେ ଏ ଦେଶ
ସ୍ୱାଧୀନ ପାଇଲୁ ଆମେ
ହେ ବୀର ନେତାଜୀ ଦେଖିଯାଅ ଥରେ
ଝୁରୁଛୁ ଆଜି ମରମେ...

ତୁମେ ନାହିଁ ଆଜି କୀରତି ତୁମର
ଝୁରୁଅଛି ଏଇ ଦେଶ
ଫେରି ଆସ ତୁମେ ମାଟିମା କୋଳକୁ
ହେ କ୍ରାନ୍ତି ବୀର ପୁରୁଷ ||

ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର



## ହଳଦିବସନ୍ତ

### ଡ. ଶୁଭେନ୍ଦୁ ମେହେର

ଥର ଥର କରି
ହଜାର ଥର
ଭାଙ୍ଗିଥିବା ବସା ହିଁ ହୋଇପାରେ
ହଳଦିବସନ୍ତର !

ଅଗମ୍ୟ ରାସ୍ତା ଦେଇ
ଯନ୍ତ୍ରଣାର ସୀମା ସେ' ପାରିରେ
ଶେଷ ବିନ୍ଦୁକୁ ଛୁଇଁଥିବା ଜୀବନର,
ନିରୀହ ନିଥର ଡେଣା ହଳକ
କେବଳ ତା' ଚିର ସହଚର।

ହଳଦିଆ ସୁନାଦେହରେ
ବାସନ୍ତୀ ସନ୍ଧ୍ୟାରେ
ଧମ୍‌ନାଧଡ଼ିଆ ଶାଢ଼ୀ ପିନ୍ଧି
ପ୍ରେମରେ ମଧୁର ସଙ୍ଗୀତ ଗାଏ,
ସେ' ହସିଲେ ଦେବଝରଣ ଝରେ
ଆଉ କାନ୍ଦିଲେ
ଧ୍ୱନିଗୁମ୍ଫାର ପଥର ଉପରେ ବସି
ବିରହୀ ଗଜଲ୍ ଶୁଣାଏ।

ତ୍ରିକୂଟ ଗିରିରୁ
ହଳଦିବସନ୍ତ ସୁର ତୋଳିଲେ
ଗର୍ଭିଣୀ ହୁଅନ୍ତି ଗଛ ସବୁ।
ହଳଦୀ ଗୁରୁଗୁରୁ ସାହାଡ଼ା ଫଳ,
ଶଗଡ଼ବାଟୁଆ ଲଟି ବୁରୋ,
କଣ୍ଟେଇ କୋଳି ରଙ୍ଗ ମାଖନ୍ତି।

ଖରା, ବର୍ଷା ଆଉ ଶୀତ
ସହି ପାରେନି ବୋଲି
ଦୁଃଖ ଶୋକ ପାଖରୁ
ଦୂରେଇ ପାରେ,
ଜହ୍ନ ଆଲୁଅରେ
ତା' କୁଆଁରୀ ମନ
ରାତି ସହ ରତି କରେ।

କେବେକେବେ
ମାଙ୍କଡ଼ ବୁଲୁଥିବା ଡାଳ ସମୂହରେ
ବସା ବାନ୍ଧିଥିବା ଦୋଷରେ
ଦୋଷୀ ହୋଇଯାଏ,
ଝରାପଡ଼ାର ଖଣ୍ଡିଆ ଦେଉଳ ପରି
ସ୍ୱପ୍ନ ସବୁ ଅଧାରେ ରହିଯାଏ ।

ସେ'ପାଇଁ ତ ବୁଢ଼ା ମାଙ୍କଡ଼ ସବୁ
ସହଜେଇ ନିଅନ୍ତି,
ପାଚିଲା ପଣସ ପାଇଁ
ଭଲ୍ଲୁକ ବିଲୁଆ ବାଟ ବଦଳାଇ ଦିଅନ୍ତି।

ହଳଦିବସନ୍ତ କୁହେନି କିଛି
କେବଳ ଦୁଃଖ ଯନ୍ତ୍ରଣାକୁ
ଭୋଗେ ବାରମ୍ବାର।
ଆଶା ଆଉ ଆକାଂକ୍ଷାର
ଅପର ପାର୍ଶ୍ୱରେ ତା' ବିଚାର
ଅପେକ୍ଷା କରେ
ଯେ' ପର୍ଯ୍ୟନ୍ତ ନ ଆସିଛି ତା'
ପ୍ରେମର ସହର ।

**ଯାଲୋଏ, ସୁବର୍ଣ୍ଣପୁର**
**ମୋବାଇଲ୍: ୯୯୩୮୪୩୩୬୭୪**



## ଯାନ୍ତ୍ରିକ ତ୍ରୁଟି, ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

**ବ୍ରହ୍ମଗିରି,୧୯।୧(ସଂଚାର ବ୍ୟୁରୋ) :** ଆଜି ଅପରାହ୍ନ ପ୍ରାୟ ସାଢେ ତିନିଟା ସମୟରେ ସାତପଡ଼ା ଚିଲିକାରେ ଏକ ଅଘଟଣ ଘଟିଛି। ଅବଶ୍ୟ ଏହି ଅଘଟଣରେ କାହାର କିଛି ବିଶେଷ କ୍ଷତି ହୋଇନାହିଁ। କିନ୍ତୁ ଯାତ୍ରୀମାନେ ଭୟ ଓ ଆଶଙ୍କାରେ ବେଶ୍ କିଛି ସମୟ ଜର୍ଜରିତ ହୋଇପଡ଼ିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଏକ ଯାତ୍ରୀବାହୀ ଡଙ୍ଗା ୫୦ ଯାତ୍ରୀ ଓ ୨୦ଟି ବାଇକ୍ ଧରି ଜହ୍ନିକୁଦା ଘାଟରୁ ସାତପଡ଼ା ଅଭିମୁଖେ ଯାତ୍ରା କରୁଥିଲା। କିନ୍ତୁ ଚିଲିକା ମଝି ମହିଂଶା ଗାଁ ନିକଟରେ ହଠାତ୍ ଏହା ଫସିଯାଇଥିଲା। ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିବାରୁ ଏହା ଆଉ ଆଗକୁ ବଢ଼ିପାରିନଥିଲା। ତେବେ ଏହି ସମୟରେ ସେଠାରେ ଦୁଇ ଜଣ ସ୍ଥାନୀୟ ମତ୍ସ୍ୟଜୀବୀ ଡଙ୍ଗା ଘଟଣାସ୍ଥଳରେ ପହଞ୍ଚି ଫସିଥିବା ଯାତ୍ରୀବାହୀ ଡଙ୍ଗାକୁ ବାଉଁଶ ଓ ରଶି ସହାୟତାରେ ସାତପଡ଼ା ଘାଟକୁ ଟାଣି ଟାଣି ଆଣିଥିଲେ। ଫଳରେ ଉକ୍ତ ଡଙ୍ଗାରେ ଥିବା ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ।

# ଭିତ୍ତିଭୂମି ନିର୍ମାଣ ଓ ବିକାଶରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ଭିତ୍ତିଭୂମିର ବିକାଶ ଆଜି ଦେଶ ପ୍ରଗତିର ମାପକାଠି। ଏହି ଭିତ୍ତିଭୂମିର ନିର୍ମାଣ ଓ ବିକାଶରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକା ଅପରିହାର୍ଯ୍ୟ। ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିଥାନ୍ତି। ଏଣୁ ସେମାନଙ୍କ ଦକ୍ଷତା, ବୈଷୟିକ ଜ୍ଞାନକୌଶଳ, ସମୟୋପଯୋଗୀ ପଦକ୍ଷେପ ଏବଂ ଦାୟିତ୍ୱବୋଧ ବିନା ଏହି ବିକାଶର ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମତ ବ୍ୟକ୍ତ କରିଛନ୍ତି।

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ (ଓଡେଶା)ର ୮୦ତମ ପୂର୍ତ୍ତି ମହୋତ୍ସବ ଓ ୭୯ତମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ଓଡେଶା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ କହିଲେ ଯେ ଦେଶ ସ୍ୱାଧୀନତା ହାସଲ କରିବା ପୂର୍ବରୁ ୧୯୪୪ରେ ପ୍ରତିଷ୍ଠା ହୋଇଥିବା ଏହି ସଂଘ ରୌପ୍ୟ ଜୟନ୍ତୀ, ସୁବର୍ଣ୍ଣ ଜୟନ୍ତୀ, ହୀରକ ଜୟନ୍ତୀ ଓ ପ୍ଲାଟିନମ ଜୟନ୍ତୀ ପାଳନ କରିସାରିଛି ଏବଂ ଆଜି ୮୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ଗର୍ବର ବିଷୟ। ଡିପ୍ଲୋମା




ଇଞ୍ଜିନିୟରମାନେ ପୂର୍ତ୍ତ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ, ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରି ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ସର୍ବାଙ୍ଗୀନ ବିକାଶ ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଆସିଛନ୍ତି। ସେତୁ, ସଡ଼କ, କଂକ୍ରିଟ୍ ରାସ୍ତା, ରାଜପଥ, କୋଠାବାଡ଼ି ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ଯୋଗାଣ ଆଦି ପ୍ରତ୍ୟେକଟି କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଯୋଗଦାନ ପରିଦୃଶ୍ୟ ହୋଇଥାଏ। ଯୋଜନାର ସଫଳ ରୂପାୟନ କରି ହିତାଧିକାରୀମାନଙ୍କୁ ସିଧାସଳଖ ଯୋଜନାର ଲାଭ ପହଞ୍ଚାଇବା ସେମାନଙ୍କର ପାରଦର୍ଶିତା ଉପରେ ନିର୍ଭର କରେ।

ସମ୍ପ୍ରତି ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ବୈଷୟିକ ଶିକ୍ଷା ଓ ଦକ୍ଷତା ତାଲିମ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଡିପ୍ଲୋମା ଓ ଆଇଟିଆଇ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେଉଛୁ। ସବୁଠାରୁ ବଡ଼ କଥା ହେଉଛି ସମାଜ ପ୍ରତି ଆମର ପ୍ରତିବଦ୍ଧତା। ଆପଣମାନେ ଆହରଣ କରିଥିବା ଜ୍ଞାନ ଓ ଶିକ୍ଷାର ଉପଯୁକ୍ତ ବିନିଯୋଗ ଓ କର୍ତ୍ତବ୍ୟପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଆଜି ଆଧୁନିକ ଭାରତର ବିଶ୍ୱକର୍ମା ଭାବେ ଅଭିହିତ ହୋଇଛନ୍ତି। କୋଟି କୋଟି ରାଜ୍ୟବାସୀଙ୍କ ଏହି ବିଶ୍ୱାସକୁ ଡିପ୍ଲୋମା ଇଞ୍ଜିନିୟରମାନେ ବଜାୟ ରଖିବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିବା ସହ ସଂଘର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

ସମ୍ମାନୀୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ତୃଣମୂଳ ସ୍ତରରେ ଭିତ୍ତିଭୂମି ନିର୍ମାଣ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାସଲ ଓ ରାଜ୍ୟବାସୀଙ୍କୁ ସାମାଜିକ ନ୍ୟାୟ ସୁନିଶ୍ଚିତ କରାଇବା ଦିଗରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଓଡେଶାର ଅବସରପ୍ରାପ୍ତ କର୍ମକର୍ତ୍ତାମାନଙ୍କୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ସମ୍ବର୍ଦ୍ଧିତ କରିଥିଲେ। ଓଡେଶା ସଭାପତି ଇଂ ଶ୍ରୀକାନ୍ତ ମହାପାତ୍ର ଓ ଅନ୍ୟ ପ୍ରାକ୍ତନ ସଭାପତିଗଣ ଉଦବୋଧନ ଦେଇଥିଲେ। ସାଧାରଣ ସମ୍ପାଦକ ଇଂ ଶ୍ରୀଧର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ମୁଖପତ୍ର ଟେକନୋସ୍କ୍ରାଇବ୍ ଉନ୍ମୋଚିତ ହୋଇଥିଲା।

### ବିଶ୍ୱମୁକ୍ତି ଅଷ୍ଟମ ତ୍ରିଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ଓ ବହୁଭାଷୀ କାବ୍ୟପାଠ ଉଦ୍‌ଯାପିତ

## ଲେଖକମାନଙ୍କୁ ପରିବେଶ ସୁରକ୍ଷା ପାଇଁ ରାଜ୍ୟପାଳଙ୍କ ଆହ୍ୱାନ




**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** କିଟ୍ ପରିସରରେ ଚାଲିଥିବା ବିଶ୍ୱମୁକ୍ତି ଅଷ୍ଟମ ତ୍ରିଦିବସୀୟ ରାଷ୍ଟ୍ରୀୟ କର୍ମଶାଳା ଓ ବହୁଭାଷୀ କାବ୍ୟପାଠ ରବିବାର ଉଦ୍‌ଯାପିତ ହୋଇଛି। ଚଳିତବର୍ଷ କର୍ମଶାଳାର ବିଷୟବସ୍ତୁ 'ବିଶ୍ୱରେ ଜଳବାୟୁ ପରିବର୍ତ୍ତନରେ ଭାରତୀୟ ଭାଷା ଓ ସଂସ୍କୃତି ଉପରେ ପ୍ରଭାବ ତଥା ବିଚାର' ଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟୀ ଲେଖକମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ସେମାନଙ୍କ କଲମ ଚାଳନା କରିବା ସହ ଭବିଷ୍ୟତ ପିଢ଼ିକୁ ଅନୁପ୍ରାଣିତ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ଥିବା ବିଶ୍ୱବିଦ୍ୟାଳୟ ମୁଁ ପରିଦର୍ଶନ କରିଛି। କିନ୍ତୁ ଉକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠାତାମାନେ କ୍ୱଚିତ ଡ. ସାମନ୍ତଙ୍କ ଭଳି ଶିକ୍ଷାର ପ୍ରସାର ଦିଗରେ ନିଜକୁ ସମର୍ପିତ କରିଛନ୍ତି। ରାଜ୍ୟସଭା ଓ ଲୋକସଭା ସାଂସଦ ହୋଇଥିଲେ ମଧ୍ୟ ଶିକ୍ଷାର ପ୍ରସାର ପାଇଁ ଡ. ସାମନ୍ତଙ୍କ ଭୂମିକାକୁ ସେ ପ୍ରଶଂସା କରିଛନ୍ତି।

ସେହିପରି ବିଷୟବସ୍ତୁକୁ ସମୟୋପଯୋଗୀ କହିବା ସହ ରାଜ୍ୟପାଳ ଏଥିରେ ପରିବେଶ ପରିବର୍ତ୍ତନ ଦ୍ୱାରା କିଭଳି କଳା, ସଂସ୍କୃତି, ଭାଷା ଓ ସାହିତ୍ୟର ପରିବର୍ତ୍ତନ ହେଉଛି ତା' ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଲୋକସଭା ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ, ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡର ପୂର୍ବତନ ନିର୍ଦ୍ଦେଶିକା ଆହୁତି ସ୍ୱାଇଁ, ଭାରତ ସରକାରଙ୍କ ଆଇସିଏମ୍ଆର ଏଡିଜି ଡ. ସଂଘମିତ୍ରା ପତି ପ୍ରମୁଖ ଯୋଗଦେଇ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବିଶ୍ୱମୁକ୍ତି ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ଧ୍ୟାବତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ମିଠା ଦୋକାନୀ ସମେତ ୩ ଗୁରୁତର

**ନୀଳଗିରି,୧୯।୧(ସଂଚାର ବ୍ୟୁରୋ):** ନୀଳଗିରିରେ ଆଜି ଏକ ଅଘଟଣ ଘଟିଛି। ଏକ ମିଠା ଦୋକାନରେ ମିଠା ପ୍ରସ୍ତୁତି ସମୟରେ ଅଚାନକ ଗ୍ୟାସ ଲିକ୍ ଯୋଗୁ ନିଆଁ ଲାଗିଯିବା ଫଳରେ ଏଥିରେ ଦୋକାନ ମାଲିକଙ୍କ ସହ ମୋଟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଉକ୍ତ ଦୋକାନରେ କାମ କରୁଥିବା ଦୁଇ ଜଣ କର୍ମଚାରୀ ରହିଥିବା ବେଳେ ସମସ୍ତଙ୍କ ଶରୀରର ପ୍ରାୟ ୧୦ ପ୍ରତିଶତ ଜଳିଯାଇଛି। ଆହତମାନଙ୍କୁ ଉଦ୍ଧାର କରାଯାଇ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଆଜି ନୀଳଗିରି ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ଗଜାନନ ନାମକ ମିଠା ଦୋକାନରେ ମିଠା ତିଆରି ଚାଲିଥିଲା। ତେବେ ଏହି ସମୟରେ ହଠାତ୍ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ଦୋକାନରେ ନିଆଁ ବ୍ୟାପିଯାଇଥିଲା। ଫଳରେ ଦୋକାନ ମାଲିକ ଯଦୁନାଥ ସାହୁ, ରାଧାକିଶୋରପୁର ଅଞ୍ଚଳର ରାଜେଶ କୁମାର ସିଂହ ଓ ନରେଶ ସିଂହ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେବା ସହ ଗୁରୁତରମାନଙ୍କୁ ଉଦ୍ଧାର କରି ନୀଳଗିରି ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ।




## ଓଭରବ୍ରିଜରୁ ୩୦ ଫୁଟ ତଳକୁ ଖସିଲା କାର, ୪ ଗୁରୁତର

**ଟାଙ୍ଗୀ,୧୯।୧(ସଂଚାର ବ୍ୟୁରୋ):** ଓଭରବ୍ରିଜରୁ ୩୦ ଫୁଟ ତଳକୁ ଖସିଲା କାର। ଏଥିରେ କାର୍ ଚାଳକ ସମେତ ୪ ଯାତ୍ରୀ ଗୁରୁତର ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ମା' ଉଗ୍ରତାରା ଦେବୀ ଛକ ଜାତୀୟ ରାଜପଥର ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଛି।



ମା' ଉଗ୍ରତାରା ଦେବୀ ଛକ ଜାତୀୟ ରାଜପଥର ଓଭରବ୍ରିଜ ନିକଟରେ ଏକ କାରର ଚକା ହଠାତ ଫାଟି ଯାଇଥିଲା। କାରଟି ଭାରସାମ୍ୟ ହରାଇ ଓଭରବ୍ରିଜରୁ ୩୦ ଫୁଟ ତଳକୁ ଖସି ପଡିଥିଲା। ଏଥିରେ କାର୍ ଚାଳକ ସମେତ ୪ ଯାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଭୁବନେଶ୍ୱର ମେଡିକାଲରେ ଭର୍ତ୍ତି କରାଯାଇଛି। କାରଟି ବାଲୁଗାଁରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା : ୩ ଗିରଫ

**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ଖବର ସଂଗ୍ରହ କରୁଥିବା ସମୟରେ ସାମ୍ବାଦିକ ଓ କର୍ତ୍ତବ୍ୟରତ ପୁଲିସକୁ ଆକ୍ରମଣ ଘଟଣାରେ ୩ ଜଣଙ୍କୁ ମଞ୍ଚେଶ୍ୱର ଥାନା ପୁଲିସ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ରହିଛି। ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଶନିବାର ରାତିରେ କିଛି ବାଇକ୍ ଚୋରଙ୍କ ସନ୍ଧାନରେ ଥିବା ପୁଲିସ ଲୋକେସନ୍ ଠାବ କରି ଚଢ଼ାଉ କରୁଥିଲା। ହଠାତ୍ ଗୋଟିଏ ଘରକୁ ଯାଇ ପୁଲିସ ପଚରାଉଚରା କରିଥିଲା। ତେବେ ସେହି ଘରେ ଥିବା ଲୋକମାନେ ପୁଲିସକୁ ଚୋର ଭାବି ତାଲା ପକାଇ ଦେଇଥିଲେ। ପରେ ଅଧିକ ପୁଲିସ ଓ ପିସିଆର୍ କର୍ମଚାରୀ ଆସିବାରୁ ସେମାନେ ପୁଲିସ କର୍ମୀମାନଙ୍କୁ ଛାଡିଥିଲେ। ଘଟଣା ସମ୍ପର୍କରେ ଜଣେ ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଯାଇଥିବା ସମୟରେ ଏକ ଧଳା ସ୍କର୍ପିଓରୁ କେତେକ ଦୁର୍ବୃତ୍ତ ବାହାରି ପ୍ରଥମେ ଗାଳିଗୁଲଜ କରିଥିଲେ। ପରେ ସେମାନେ ସଂଘବଦ୍ଧ ଭାବେ ଉକ୍ତ ସାମ୍ବାଦିକ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କଠାରୁ କ୍ୟାମେରାକୁ ଛଡାଇ ତଳେ ପକାଇ ଭାଙ୍ଗିବା ସହ ରିପୋର୍ଟର ଓ କ୍ୟାମେରାମ୍ୟାନଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ମଞ୍ଚେଶ୍ୱର ଥାନାରେ ସାମ୍ବାଦିକ ଜଣଙ୍କ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

### ବିଜ୍ଞପ୍ତିରେ ଠିକଣା ପରିବର୍ତ୍ତନ ପରେ ତେଜୁଛି ଅସନ୍ତୋଷ

# କଟକରୁ ଭୁବନେଶ୍ୱର ଯିବ ପୁଲିସ ନିଯୁକ୍ତି ବୋର୍ଡ!

**କଟକ,୧୯।୧(ସଂଚାର ବ୍ୟୁରୋ):** କଟକ ସହ ଅତି ଯୋଜନାବଦ୍ଧ ଭାବେ ବିଶ୍ୱାସଘାତକତା କରାଯାଇଛି। ବିଧିବଦ୍ଧ ଭାବେ କାର୍ଯ୍ୟାଳୟ ସ୍ଥାନାନ୍ତର ପୂର୍ବରୁ କୌଶଳକ୍ରମେ ଠିକଣାକୁ କଟକ ବଦଳରେ ଭୁବନେଶ୍ୱର କରିଦିଆଯାଇଛି। ଏମିତି କରି ଆଗାମୀ ଦିନରେ କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ବାଟ ପରିଷ୍କାର କରାଯାଇଥିବା ଅଭିଯୋଗ ହେଉଛି। ରାଜ୍ୟ ପୁଲିସ୍ ମୁଖ୍ୟାଳୟରେ ଥିବା ଓଡ଼ିଶା ପୁଲିସ୍ ନିଯୁକ୍ତି (ରିକ୍ରୁଟ୍‌ମେଣ୍ଟ) ବୋର୍ଡ ବିଜ୍ଞପ୍ତିରୁ ଏଭଳି ଏକ ସାଂଘାତିକ ସତ୍ୟ ଓ ତଥ୍ୟ ସାମ୍ନାକୁ ଆସିଛି। ବକ୍ସିବଜାର ପୁଲିସ୍ ମୁଖ୍ୟାଳୟରେ ଥିବା ଏହି ନିଯୁକ୍ତି ବୋର୍ଡର କାର୍ଯ୍ୟାଳୟ ଏବେ ବି କଟକରେ ଚାଲିଥିଲେ ହେଁ ଏହାର ଠିକଣା ପରିବର୍ତ୍ତନ ହୋଇ ଭୁବନେଶ୍ୱର ହୋଇଯାଇଛି। ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ଏସ୍ଆଇ ନିଯୁକ୍ତି ନିମନ୍ତେ ଆଜି ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଭୁବନେଶ୍ୱର ଠିକଣା ଲେଖାଯାଇଛି। କାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ଏଭଳି କାରସାଦି ହୋଇଥିବା କଥା ଜଣାପଡ଼ିବା ପରେ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ମିଳିଥିବା ସୂଚନାନୁସାରେ, ଓଡ଼ିଶା ପୁଲିସ୍ ସବ୍-ଇନ୍ସପେକ୍ଟର, ଆର୍ମଡ୍ ପୁଲିସ୍, ଅଗ୍ନିଶମ ସେବା ସଂସ୍ଥା ଓ ଜେଲ୍ ବିଭାଗର ଏସ୍ଆଇ ପାହ୍ୟାରେ ମିଳିତ ପରୀକ୍ଷା ଲାଗି ରାଜ୍ୟ ସରକାର ୨୦୨୧ରେ ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ଗଠନ କରିଥିଲେ। ବୋର୍ଡର କାର୍ଯ୍ୟାଳୟ କଟକ ବକ୍ସିବଜାରସ୍ଥିତ ପୁଲିସ୍ ମୁଖ୍ୟାଳୟରେ ଖୋଲିଥିଲା। ଗତ ୨୦୨୧ରେ ଗଠନ ହୋଇଥିବା ଏହି ବୋର୍ଡ ଇତି ମଧ୍ୟରେ ୪ ଥର ଏସ୍ଆଇ ପରୀକ୍ଷା ପରିଚାଳନା କଟକରୁ ହିଁ କରିବାରେ ସକ୍ଷମ ହୋଇଛି। ମାତ୍ର ଗତ ୧୭ ତାରିଖରେ ଜାରି ହୋଇଥିବା ନିଯୁକ୍ତି ବିଜ୍ଞପ୍ତିରେ ପୁଲିସ୍ ନିଯୁକ୍ତି ବୋର୍ଡ କାର୍ଯ୍ୟାଳୟ ଭୁବନେଶ୍ୱର ବୋଲି ଲେଖାଯାଇଛି। କଟକସ୍ଥିତ ପୁଲିସ୍ ମୁଖ୍ୟାଳୟରେ ଅଦ୍ୟାବଧି ଉକ୍ତ ଅଫିସ କାର୍ଯ୍ୟ ଚାଲିଥିବା ବେଳେ ଠିକଣା ଭୁବନେଶ୍ୱର ଉଲ୍ଲେଖ କରାଯିବା ପଛରେ ଏକ ବିରାଟ ଷଡ଼ଯନ୍ତ୍ର ରହିଛି ବୋଲି ଚର୍ଚ୍ଚା ହେଉଛି। ମିଳିଥିବା ତଥ୍ୟ ମୁତାବକ, ଭୁବନେଶ୍ୱରରେ ଉକ୍ତ କାର୍ଯ୍ୟାଳୟ ଅଦ୍ୟାବଧି ନିର୍ମାଣ ହୋଇନଥିଲେ ମଧ୍ୟ ଏହାକୁ ସ୍ଥାନାନ୍ତର କରିବା ପାଇଁ ଏବେ ଭିତିରି ଯୋଜନା ଚାଲିଛି। ପୂର୍ବରୁ କଲ୍ପନା ଛକ ନିକଟରେ ଥିବା ଏକ ସରକାରୀ କ୍ୱାର୍ଟର୍ସରେ ଚାଲିଥିବା କୋଷ୍ଟାଲ ସିକ୍ୟୁରିଟି କାର୍ଯ୍ୟାଳୟ ଇତିମଧ୍ୟରେ ରସୁଲଗଡ଼କୁ ସ୍ଥାନାନ୍ତର ହେବା ପରେ ଖାଲି ପଡ଼ିଥିବା ଉକ୍ତ କ୍ୱାର୍ଟର୍ସରେ ପୁଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ କାର୍ଯ୍ୟାଳୟ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି । କ୍ୱାର୍ଟର୍ସ ମରାମତି ଶେଷ ହେବା ପରେ କଟକରୁ ଫାଇଲ୍ ପତ୍ର ଭୁବନେଶ୍ୱରକୁ ବୁହା ହେବ ବୋଲି ଚର୍ଚ୍ଚା ହେଉଛି।

ମିଳିଥିବା ଏହି ନିଯୁକ୍ତି ବୋର୍ଡର ପ୍ରଥମ ଅଧ୍ୟକ୍ଷ ଯଶୋବନ୍ତ ଜେଠ୍ୱା ଥିଲେ। ତାଙ୍କ ପରେ ବରିଷ୍ଠ ଆଇପିଏସ୍ ଡକ୍ଟର ସୁଂଧାଂଶୁ ଶେଖର ଷଡ଼ଙ୍ଗୀ ଓ ପରେ ରାଜେଶ କୁମାରଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଗତବର୍ଷ ଅବସରପ୍ରାପ୍ତ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ଏବେ ଏହି କାର୍ଯ୍ୟାଳୟକୁ କଟକରୁ ଭୁବନେଶ୍ୱରକୁ ଉଠାଇ ନେବା ପାଇଁ ଯେଭଳି ଚକ୍ରାନ୍ତ ହୋଇଛି, ତାହାକୁ କଟକବାସୀ ନାପସନ୍ଦ କରିଛନ୍ତି।

## ବାରହା ଶିକାର ଅଭିଯୋଗରେ ୩ ଶିକାରୀ ଗିରଫ

**ବାଙ୍ଗିରିପୋଷି,୧୯।୧(ସଂଚାର ବ୍ୟୁରୋ):** ଶିମିଳିପାଳ ଅଭୟାରଣ୍ୟରେ ବାରହା ଶିକାର କରିବା ଅଭିଯୋଗରେ ୩ ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଅଭୟାରଣ୍ୟର ଉତ୍ତର ପିଠାବଟା ୱାଇଲ୍ଡଲାଇଫ ରେଞ୍ଜ ଅଞ୍ଚଳରେ ଶିକାର ଉଦ୍ଦେଶ୍ୟରେ ଏହି ଶିକାରୀମାନେ ଜଙ୍ଗଲରେ ପଶିଥିଲେ। କିନ୍ତୁ ବନ କର୍ମଚାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେମାନଙ୍କ ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ କେତେକ ଲୋକ ବେଆଇନ ଭାବେ ଏକ ଜଙ୍ଗଲୀ ବାରହା ଶିକାର କରିଥିବା ଜାଣି ସେମାନଙ୍କୁ ବନ କର୍ମଚାରୀମାନେ ମାଡ଼ି ବସିଥିଲେ। ସେମାନଙ୍କଠାରୁ କଞ୍ଚା ଓ ରନ୍ଧା ବାରହା ମାଂସ ଜବତ କରାଯିବା ସହ ଶିକାରରେ ବ୍ୟବହୃତ ହୋଇଥିବା ବିଭିନ୍ନ ସାମଗ୍ରୀକୁ ମଧ୍ୟ ବନ କର୍ମଚାରରୀମାନେ ଜବତ କରିଥିବା ଜଣାପଡ଼ିଛି।



ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଭୁଆଶୁଣି ପଞ୍ଚାୟତ ରାମହରିପୁର ଅଞ୍ଚଳର ସ୍ୱର୍ଗତଃ ବାବୁରାମ ସିଂଙ୍କ ପୁଅ ବୁଦ୍ଧିଆ, ସନିଆ ସିଂଙ୍କ ପୁଅ ଗୁରା ଓ ବାହାଦୁର ସିଂଙ୍କ ପୁଅ ଧରମୁ। ସମସ୍ତ ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହାଛଡ଼ା ଶିକାରୀମାନଙ୍କ ମଧ୍ୟରୁ ଦୁଇ ଜଣ ଖସି ପଳାଇଥିବା ବେଳେ ସେମାନଙ୍କୁ ବନ ବିଭାଗ ଧରିବାକୁ ଚେଷ୍ଟା କରୁଥିବା ଶିମିଳିପାଳ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା କହିଛନ୍ତି।

# ଦୟାକୂଳ ଗାଁ, ଜଳସ୍ତର ପ୍ରଦୂଷିତ

**ଭୁବନେଶ୍ୱର,୧୯।୧(ତଥ୍ୟ):** କେବଳ କଣାସ ଅଞ୍ଚଳ ନୁହେଁ, ଦୟାନଦୀ ପ୍ରବାହିତ ହୋଇଥିବା ବାଟରେ ଯେତେସବୁ ଗାଁ ରହିଛି ସେସବୁରେ ଭୂତଳ ଜଳସ୍ତର ଅତି ମାତ୍ରାରେ ଖରାପ ସ୍ଥିତିକୁ ଆସିଲାଣି। ପରିବେଶ ବିଶେଷଜ୍ଞମାନେ କହୁଛନ୍ତି ଯେ ରାଜଧାନୀ ଭୁବନେଶ୍ୱରରୁ ନିର୍ଗତ ହେଉଥିବା ନାଳ ନର୍ଦ୍ଦମା ପାଣି ସମେତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଯୋଗୁଁ ଗଙ୍ଗୁଆ ଓ ଦୟାର ଜଳ ଅତି ମାତ୍ରାରେ ବିଷାକ୍ତ ହୋଇଛି।



ପ୍ରାୟ ୩୦ ବର୍ଷ ଧରି ଦୟା ଓ ଗଙ୍ଗୁଆକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବାରମ୍ବାର କୁହାଯାଉଛି। ଏମିତିକି ୧୦ବର୍ଷ ତଳୁ ବିଭାଗୀୟ ମନ୍ତ୍ରୀମାନେ ବିଧାନସଭା ଭିତରେ ଓ ବାହାରେ ଦୟାନଦୀର ଜଳ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଗବେଷଣାଲବ୍ଧ ତଥ୍ୟ ଆଧାରରେ ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ବି ଲୋକେ ଏହି ନଦୀଜଳ ବ୍ୟବହାର କରିବାକୁ ବାଧ୍ୟ।

ଭୁବନେଶ୍ୱର ଉପକଣ୍ଠ ସାମନ୍ତରାପୁରଠାରୁ ଦାଣ୍ଡିପାଞ୍ଚଗାଁ ଦେଇ ଜଟଣୀ ପିପିଲି ରାସ୍ତାରେ ଥିବା କଣ୍ଟି, କାଜ ପର୍ଯ୍ୟନ୍ତ ଗଙ୍ଗୁଆ ନଦୀର ଜଳ ବିଷାକ୍ତ ହୋଇସାରିଛି। ଗୋଟିଏ ସମୟରେ ଗଙ୍ଗୁଆର ସ୍ୱଚ୍ଛ ପାଣିକୁ ଲୋକେ ପାନୀୟଜଳ ଭାବେ ବ୍ୟବହାର କରୁଥିଲେ ଏବଂ ଏହି ନଦୀରେ ଭଲ ମାଛ ବି ମିଳୁଥିଲେ। ଏହାର ଜଳକୁ ବ୍ୟବହାର କରି ଚାଷୀମାନେ ବି ଭଲ ଫସଲ ଉତ୍ପାଦନ କରୁଥିଲେ। କିନ୍ତୁ ଏବେ ଗଙ୍ଗୁଆର ପାଣି ବିଷାକ୍ତ ହୋଇଯାଇଥିବାରୁ ଏଥିରେ ମାଛ ବଞ୍ଚୁ ନାହାନ୍ତି। ସିଧାସଳଖ ଭାବେ ରାଜଧାନୀର ପାଇଖାନା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗଙ୍ଗୁଆରେ ମିଶୁଛି।

ଗଙ୍ଗୁଆ ନଦୀ ପାର ହୋଇ ଯେଉଁମାନେ ବିଲକାମ କରିବାକୁ ଯାଉଛନ୍ତି ସେମାନଙ୍କର ଚର୍ମରୋଗ ହେବା ଏକ ସାଧାରଣ କଥାରେ ପଡ଼ିଗଲାଣି। ଗଙ୍ଗୁଆରେ ଆଉ ଏବେ କେହି ଲୋକେ ଗାଧଉ ନାହାନ୍ତି। ଗଙ୍ଗୁଆର ପାଣି କଣ୍ଟି, କାଜ ନିକଟରେ ଦୟାରେ ମିଶୁଛି। ଦୟା ଓ ତାହାର ଶାଖାନଦୀଗୁଡିକ ଚିଲିକା ହ୍ରଦରେ ପଡ଼ିଛନ୍ତି। ଦୟାର ପାଣି ଅତି ମାତ୍ରାରେ ପ୍ରଦୂଷିତ ହୋଇଯାଇଥିବାରୁ ଚିଲିକାର ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଏବେ ସରକାରଙ୍କ ପକ୍ଷରୁ କଣାସ ଅଞ୍ଚଳରେ ଗାଁ ଗାଁ ବୁଲି ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଉଛି ଏବଂ ଏହି ପାଣିରେ ହାଲୋଜେନ୍ ବଟିକା ମିଶାଇ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଇତି ମଧ୍ୟରେ ବିଷାକ୍ତ ପାନୀୟଜଳ ଯୋଗୁଁ କଣାସ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବା ସହିତ ଅନ୍ୟୁନ ୨ଜଣଙ୍କ ମୃତ୍ୟୁ ଘଟିଲାଣି ଏବଂ ଆହୁରି ଅନେକ ଲୋକ ଘରେ ଓ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ସେ ଅଞ୍ଚଳର ଲୋକେ ଅଭିଯୋଗ କରୁଛନ୍ତି ଯେ ଅଧିକାଂଶ ସ୍ଥାନରେ କୂଅ ଓ ନଳକୂପ ଗୁଡିକର ପାଣି ମଧ୍ୟ ପ୍ରଦୂଷଣମୁକ୍ତ ନୁହେଁ। ବିଶେଷକରି ନଦୀରେ ପ୍ରବାହିତ ପ୍ରଦୂଷିତ ଜଳ ଯୋଗୁଁ ଭୂତଳ ଜଳସମ୍ପଦ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ଏ ପରିପ୍ରେକ୍ଷୀରେ ତଳ ଅଞ୍ଚଳର ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ଉପର ମୁଣ୍ଡରୁ ଗଙ୍ଗୁଆ ଓ ଦୟା ନଦୀକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରିବାପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ହାତକୁ ନେବାକୁ ପରିବେଶ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏହା କରାନଗଲେ କିଛି ବର୍ଷ ମଧ୍ୟରେ ଚିଲିକାର ମାଛ, ଚିଙ୍ଗୁଡି, କଙ୍କଡା ସମେତ ଏଠାକୁ ଆସୁଥିବା ଦେଶ ବିଦେଶର ପକ୍ଷୀମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ସଙ୍ଗେ ସଙ୍ଗେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିବ।

ଏଠାରେ ଉଲ୍ଲେଖନୀୟ ଯେ ସରକାରୀ ତଥ୍ୟ ମୁତାବକ ଓଡ଼ିଶାରେ ପ୍ରବାହିତ କୌଣସି ଗୋଟିଏ ହେଲେ ନଦୀର ଜଳ ପାନୀୟ ଉପଯୋଗୀ ତ ଦୂରରକଥା ପ୍ରଦୂଷଣମୁକ୍ତ ନୁହେଁ।

## ପଡ଼ିଆରୁ ଅଟୋ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା,୧୯।୧(ସଂଚାର ବ୍ୟୁରୋ) :** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମ ପଞ୍ଚାୟତର ଗଡଗୁଡୁମ୍ ଗ୍ରାମ ଅକ୍ରୁର ସେଠିଙ୍କ ସନ୍ଦେହ ଜନକ ମୃତ୍ୟୁ । ପରିବାର ପକ୍ଷରୁ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରିଛନ୍ତି ଅକ୍ରୁରକୁ ପ୍ଲାନିଙ୍ଗ କରି ହତ୍ୟା କରାଯାଇଛି। ସୂଚନା ଯୋଗ୍ୟ ଗଡଗୁଡୁମ୍ ଗ୍ରାମର ଅକ୍ରୁର ସେଠି କିଛି ଦିନ ଧରି ଡାଲଡୋଳା ଅଂଚଳର ଜନୈକ ବ୍ୟକ୍ତିଙ୍କ ଅଟୋ ଭଡାରେ ନେଇ ଚଳାଉଥିଲେ। ତେବେ କୌଣସି କାରଣ ବଶତଃ ନିଜ ଅଟୋଟିକୁ ଫେରାଇବା ପାଇଁ କହୁଥିବା ବେଳେ ଅକ୍ରୁର ଗୋଟେ ଅଟୋ ଠିକ କରି ଫେରାଇବା ପାଇଁ କହୁଥିବା ପରିବାର ପକ୍ଷରୁ ସୂଚନା ମିଳୁଛି । ତେବେ ଅଚାନକ ଶନିବାର ଦିନ ଅଟୋ ମାଲିକ ଅକ୍ରୁରକୁ ଭଡା ଯିବା ପାଇଁ କହିଥିଲେ । ମାଲିକଙ୍କ କହିବା ଅନୁଯାୟୀ ଅକ୍ରୁର ରବିବାର ଦିନ ସକାଳୁ ଅଟୋ ଧରି ଘରୁ ବାହାରି ଯାଇଥିଲେ । ତେବେ ସେହି ସମୟରେ ହୋ ହାଲ୍ଲା ଶୁଣିବାକୁ ମିଳିଲା ଅକ୍ରୁରର ଦୃଘଟଣା ହୋଇଛି ଯାହାକୁ ନେଇ ପରିବାର ସଦସ୍ୟମାନେ ଘଟଣା ସ୍ଥଳରେ ପହଁଚି ଦେଖିଲା ବେଳକୁ ଏକ ଖୋଲ ପଡ଼ିଆ ମଧ୍ୟରେ ଅକ୍ରୁର ପଡିଥିବା ବେଳେ ତାଙ୍କ ଉପରେ ଅଟୋ ଲଦା ହୋଇଛି। ଯାହାକୁ ନେଇ ପରିବାର ପକ୍ଷରୁ ଏହା ଏକ ପ୍ରି ପ୍ଲାନିଙ୍ଗ ହତ୍ୟା ହୋଇଥିବା ସନ୍ଦେହ କରି ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପରିବାର ପକ୍ଷରୁ ଅଭିଯୋଗକୁ ଭିତିକରି ସଦର ପୁଲିସ ୧୨/୨୫ ରେ ଏକ କେଶ ରୁଜୁ କରିବା ସହିତ ସାଇଣ୍ଟିଫିକ ଟିମକୁ ନେଇ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିବା ସହିତ ଅଟକୁ ଜବତ କରିଛି ଏବଂ ଡ୍ରାଇଭରର ମୋବାଇଲ ଫୋନକୁ ଜବତ କରି ଏହାର କଲ ରେକର୍ଡ ଯାଞ୍ଚ କରି ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।



**ଜୀବନ ଅମୃତ ଅନୁଚିନ୍ତା**

ପୂର୍ଣ୍ଣ ବିଶ୍ୱାସ-ଥରେ ତୁମେ ପୂର୍ଣ୍ଣ ବିଶ୍ୱାସର ସହ ତୁମର ସମସ୍ତ ଦାୟିତ୍ୱ ମୋତ ଅର୍ପଣ କରି ଦେଖ , ମୁଁ ତୁମ ପାଇଁ କ'ଣ କରୁଛି।

SANCHAR
ସଂଚାର

ସୋମବାର ୨୦ ଜାନୁଆରୀ ୨୦୨୫, ଭୁବନେଶ୍ୱର
Monday 20 January 2025 Bhubaneswar



# ଆନ୍ଦୋଳନଜୀବୀଙ୍କ ଅଭିଯାନ

କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନଜୀବୀ ନାମରେ ଏକ ଶବ୍ଦ ବ୍ୟବହାର କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ଇତ୍ୟାଦିକୁ ଲକ୍ଷ୍ୟ କରି ସେ ଏହି ମନ୍ତବ୍ୟ ଦେଇଥିଲେ ଯାହାର ଯଥାର୍ଥତା ରହିଛି। ବର୍ତ୍ତମାନ ଯୁଗ ବଦଳି ଗଲାଣି। ଏବେ ଶାନ୍ତି ଏବଂ ବିକାଶର ଯୁଗ। ଆନ୍ଦୋଳନ ନାମରେ ରାସ୍ତାରୋକ, ରେଳରୋକ, ହିଂସାକାଣ୍ଡ ଏବଂ ବନ୍ଦ ଆହ୍ୱାନ ଆଉ ଗ୍ରହଣୀୟ ହେଉନାହିଁ। ଏହା କିଛି ଲୋକଙ୍କର ସମ୍ବିଧାନପ୍ରଦତ୍ତ ମୌଳିକ ଅଧିକାର ହୋଇପାରେ, କିନ୍ତୁ କୋଟି କୋଟି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ବନ୍ଦ ପାଳନ ହେତୁ ଦେଶର ବିପୁଳ କ୍ଷତି ହେଉଛି, ଅନେକ ଉପାସରେ ଶୋଇବାକୁ ବାଧ ହେଉଛନ୍ତି। ଏହା ଦେଶର ସ୍ୱାର୍ଥ ବିରୋଧୀ ଏବଂ ଜନସ୍ୱାର୍ଥ ବିରୋଧୀ। କିଛି ଲୋକ ଆନ୍ଦୋଂଳନକୁ ଏକ ପ୍ରକାର ଜୀବୀକା କରି ବଞ୍ଚୁଛନ୍ତି। କିଛି କାମ ନକରି କେବଳ ସଙ୍ଗଠନ ଗଠନ କରିବା, ଚାନ୍ଦା ଆଦାୟ କରିବା ଏବଂ ସରକାରଙ୍କୁ ବ୍ଲାକ ମେଲ କରି କୋଟି କୋଟି ଟଙ୍କାର ମାଲିକ ହୋଇ ଆୟସରେ ଜୀବନ ବିତାଇବା ହେଉଛି ଏମାନଙ୍କ ଉଦ୍ଦେଶ୍ୟ ଏବଂ ଜୀବନ ଧାରଣର ମାଧ୍ୟମ। ତେଣୁ ପ୍ରଧାନମନ୍ତ୍ରୀ ଆନ୍ଦୋଳନଜୀବୀ ବୋଲି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ତାହାର ଯଥାର୍ଥତା ରହିଛି। ଏବେ ଦିଲ୍ଲୀର ଶମ୍ଭୁସୀମାରେ ଧାରଣାରତ ଜଣେ କୃଷକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଏହାକୁ ମିଶାଇ ଏଠାରେ ତଦୁଇଓଜଣ ଚାଷୀ ଆତ୍ମହତ୍ୟା କଲେଣି। ଉଭୟ ଚାଷୀ ଆର୍ôଥକ ଦୃଷ୍ଟିରୁ ସବଳ ନଥିଲେ। ଉଭୟେ କ୍ଷୁଦ୍ରଚାଷୀ ଥିଲେ। ସେମାନେ ଆତ୍ମହତ୍ୟା କରିବାର କିଚି ଯଥାର୍ଥତା ନଥିଲା। ସମ୍ଭବତଃ ସେମାନଙ୍କୁ କେହି ଆତ୍ମହତ୍ୟା କରିବାକୁ କେହି ବାଧ କରିଛି ବା ପ୍ରରୋଚିତ କରିଛନ୍ତି। ଏମଏସପିକୁ ଆଇନଗତ ସ୍ୱୀକୃତି ମିଳିଲେ ସେମାନେ କେତେଦୂର ଲାଭବାନ ହୋଇଥାଆନ୍ତେ ତାହା ଆକଳନ କରାଯାଇପାରିବନି। କିନ୍ତୁ କିଛି ଦଲାଲଙ୍କ ରାଜନୀତିରେ ସେମାନେ ବଳି ପଡ଼ିଲେ। ଭାରତରେ କୃଷକ ଆନ୍ଦୋଳନ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନର କଅଷକମାନେ ବେଶୀ ମାତ୍ରାରେ ସାମିଲ ହେଉଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ୟୁପିରୁ ମଧ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମଏସପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେହିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି। କାରର ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଏବେ ପୁନର୍ବାର ଦିଲ୍ଲୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଟାଣୁଆ କୃଷକ ନେତାଭାବେ ପରିଚତତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାଁନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି। କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। ବଳକା ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାଁନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କ ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଅରାଜକତା ସୃଷ୍ଟି କଲେ। ନୂଆ କୃଷି ଆଇନ ଦ୍ୱାରା ସାଧାରଣ କୃଷକ ଫାଇଦାରେ ରହିବେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ ହୋଇ ଏହାକୁ ପ୍ରତ୍ୟାହାର କଲେ। ଏକ ଉନ୍ନତ ଚିନ୍ତାଧାରା ନଷ୍ଟ ହୋଇଗଲା। ପଞ୍ଜାବର କୃଷକଙ୍କ ପାଇଁ ସାରା ଦେଶର କୃଷକ କ୍ଷତିଗ୍ରସ୍ତ ହେଲେ। ଯାହା ବି ହେଉ ସରକାର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରାଯାଇଛି। କିନ୍ତୁ କୃଷକମାନେ ସେଥିରେ ସନ୍ତୁଷ୍ଟ ନୁହଁନ୍ତି। ସେମାନେ ଏମଏସପିକୁ ଆଇନଗତ ସ୍ୱିକୃତି ଦାବି କରି ପୁଣି ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ସରକାର ସେମାନଙ୍କର ଦାବିକୁ କାହିଁକି ମାନୁ ନାହାଁନ୍ତି? କାହିଁକି ବାରମ୍ବାର କୃଷକଙ୍କ ରୋଷର ଶିକାର ହେଉଛନ୍ତି? ଏହାର କାରଣ ହେଲା ବିଭିନ୍ନ କୃଷିଜାତ ସାମଗ୍ରୀର ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ କରାଗଲେ ଏହା ଦ୍ୱାରା ସରକାରଙ୍କ ଉପରେ ଆର୍ôଥକ ବୋଝ ବଢ଼ିଚାଲିବ। ଏହାର ପରୋକ୍ଷ ପ୍ରଭାବରେ ଟିକସ ବୋଝ ବଢ଼ିବ ଏବଂ କୃଷକମାନେ ମଧ ଏହାର ଶିକାର ହେବେ। ଏମଏସପି ବଢ଼ିଲେ ସେମାନଙ୍କର ଆୟ ବଢ଼ିବ, କିନ୍ତୁ ବ୍ୟୟ ମଧ ଚାରିଗୁଣ ହୋଇଯାଇପାରେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦନ ଲାଗି ଖର୍ଚ୍ଚ ହ୍ରାସ ଅଧିକ ଜରୁରୀ। ସରକାର ବିଭିନ୍ନ ପ୍ରକାର କୃଷି ଉପକରଣ, ସାର, କୀଟନାଶକ, ବିହନ ଉପରେ ଟିକସ ହ୍ରାସ କଲେ, ଜଳ ଏବଂ ବିଜୁଳି ଟିକସ ହ୍ରାସ କଲେ କୃଷି ଉତ୍ପାଦନ ଖର୍ଚ୍ଚ କମିବ ଏବଂ କୃଷକଙ୍କ ସହ ସାଧାରଣ ଖାଉଟୀ ମଧ ଆଶ୍ୱସ୍ତ ହେବେ। ଏଥିଲାଗି୍ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମିଳିତ ଭାବେ ଏହାର ଅନୁଧାନ କରି ଉଚିତ ନିଷ୍ପତ୍ତି ନେବା ଉଚିତ। ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର କୃଷକମାନଙ୍କର ରହିଛି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ସ୍ପୃହଣୀୟ ଲାଗୁନାହିଁ। ଏଥିଲାଗି ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯିବାର ଯଥାର୍ଥତା ନାହିଁ। ଏଥିପାଇଁ ସରକାର ଏବଂ ସବୁ ରାଜନୈତିକ ଦଳ ଦାୟୀ। ସେମାନେ କୃଷକଙ୍କ ଦାବି ବା ସମସ୍ୟା ଦୂର କରିବାଲାଗି ଯେତିକି ତ୍ପର ନୁହଁନ୍ତି, କୃଷକ ଆନ୍ଦୋଳନରୁ ରାଜନୈତିକ ପାଇଦା ହାସଲ ଲାଗି ସେତିକି ତତ୍ପର। ଆଗାକୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ କୃଷକ ଆନ୍ଦୋଳନ ତେଜିବାର ସମ୍ଭାବନା ରହିଛି। ସେମାନଙ୍କ ସହ ସରକାର ଆଲୋଚନା କରନ୍ତୁ। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମସ୍ୟାର ସମାଧାନ ନହେଲେ ସରକାର ଏହାକୁ ବେଆଇନ ଘୋଷଣା କରନ୍ତୁ।

# ସାମ୍ପ୍ରତିକ ସଦ୍‌ଭାବ ଓ ମୋହନ ଭାଗବତ



**ଗୋପାଳ ମହାପାତ୍ର**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବର ବୃଦ୍ଧି ପାଇଁ ଏକ ସାହାସିକ ପଦକ୍ଷେପ ନେଇଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ତାଙ୍କ ପ୍ରୟାସ ପ୍ରଶଂସନୀୟ। ଗତ ଡିସେମ୍ବର ମାସ ୧୯ ତାରିଖରେ ପୁନେ ଠାରେ ଭାରତର ବିଶ୍ୱଗୁରୁ ପ୍ରସଙ୍ଗରେ ଭାଷଣ ଅବସରରେ ମୋହନ ଭାଗବତ ହିନ୍ଦୁ ନେତୃତ୍ୱ ଏବଂ ସଂଘର ସ୍ୱୟଂସେବକ ମାନଙ୍କୁ ଏକ କଡ଼ା ସନ୍ଦେଶ ଦେଇଛନ୍ତି। ଭାଗବତ କହିଛନ୍ତି "ଆମେ ସମୟ ସହ ତାଳ ମିଳାଇ ସଦ୍‌ଭାବ ସହ ରହୁଛେ, ଆମେ ଦୁନିଆକୁ ଏହି ସଦ୍‌ଭାବ ପ୍ରଦାନ କରିବା ଉଚିତ୍, ଏହାର ଏକ ମଡ଼େଲ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ରାମମନ୍ଦିରର ନିର୍ମାଣ ପରେ କିଛି ଲୋକ ଭାବୁଛନ୍ତି ଯେ ସେମାନେ ନୂଆ ନୂଆ ଜାଗାର ପ୍ରସଙ୍ଗ ଉଠାଇ ହିନ୍ଦୁଙ୍କ ନେତା ହୋଇଯିବେ। ଏହାକୁ ସ୍ୱୀକାର କରାଯାଇ ପାରିବ ନାହିଁ।" ଦିବଂଗତ ସୁଷମା ସ୍ୱରାଜ ମଧ ୨୦୦୦ ମସିହା ଏପ୍ରିଲ ୧୪ ତାରିଖରେ ଭୋପାଳ ଠାରେ ଏକ ସମାବେଶରେ ଭାଷଣ ଦେବା ଅବସରରେ ସ୍ୱୀକାର କରିଥିଲେ ଯେ ମନ୍ଦିର ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବରେ ରାଜନୈତିକ ପ୍ରସଙ୍ଗ ଥିଲା ଏବଂ ଧର୍ମ ସହ ଏହାର କୌଣସି ନେଣ-ଦେଣ ନଥିଲା। ସଂଘ ପ୍ରମୁଖ ମୋହନ ଭାଗବତ ସାହାସିକତାର ସହ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଯୋଧ୍ୟା ପ୍ରସଙ୍ଗ ଆସ୍ଥାର ମାମଲା ଥିଲା। କିଛି ଲୋକ ବାସ୍ତବରେ ମନ୍ଦିରକୁ ପ୍ରସଙ୍ଗ କରି ରାଜନୀତିରେ ଉପରକୁ ଉଠି ପାରିଛନ୍ତି। ମୋହନ ଭାଗବତ ଯାହା କହିଛନ୍ତି ଯଦି ତାହା ପ୍ରକୃତରେ କାର୍ଯ୍ୟରେ ପରିଣତ ହୁଏ ତେବେ ଦେଶରେ ଶାନ୍ତି ସ୍ଥାପିତ ହେବ ନିଶ୍ଚୟ। ଯେଉଁ ସଦଭାବର କଥା ମହାତ୍ମାଗାନ୍ଧୀ କହି ମଧ କାର୍ଯ୍ୟରେ ପରିଣତ କରିପାରିନଥିଲେ ସେଇ ମହାତ୍ମାଗାନ୍ଧୀଙ୍କୁ ଘୋର ବିରୋଧ କରୁଥିବା ରାଷ୍ଟ୍ରୀୟ ସେବକ ସଂଘର ମୁଖ୍ୟ ତାଙ୍କ କଥାକୁ ପୁରଣ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ସଂଘ ପ୍ରମୁଖ ଯେ ପ୍ରଥମ ଥର ଏଭଳି ମନ୍ତବ୍ୟ ଦେଇଛନ୍ତି ତା ନୁହେଁ। କିନ୍ତୁ ଡିସେମ୍ବର ୧୯ ତାରିଖର ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ଅଖିଳ ଭାରତୀୟ ସନ୍ଥ ସମିତିର ମହାଶଚୀବ ଜିତେନ୍ଦ୍ରାନନ୍ଦ ସରସ୍ୱତୀଙ୍କଠାରୁ ଆରମ୍ଭ କରି ରାମଭଦ୍ରା ଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଏବଂ ଚକ୍ରପାଣିଙ୍କ ଠାରୁ ଦେବକୀନନ୍ଦନ ଠାକୁର ଭଳି ସନ୍ଥ ମାନେ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଅବିମୁକ୍ତେଶ୍ୱରାନନ୍ଦଙ୍କ ଭଳି ମହାମାନ୍ୟ ମଧ ଏହି ପ୍ରସଙ୍ଗରେ ଭାଗବତ ବିରୋଧିଙ୍କ ସହ ମିଶିଯାଇଛନ୍ତି। ସ୍ପଷ୍ଟ ଭାବେ ଜଣାପଡ଼ିଯାଉଛି ଯେ ଭାଗବତଙ୍କ ବୟାନକୁ ନେଇ କିଏ ବିବାଦ ସୃଷ୍ଟି କରୁଛି। କିନ୍ତୁ ଏକଥା ମଧ ସତ୍ୟ ଯେ ସଂଘ ପ୍ରମୁଖ ଯାହା କରିପାରିବେ ହିନ୍ଦୁଧର୍ମଗୁରୁ ବା ଧର୍ମଗୁରୁ ସମୂହ ସେ କଥା କରିପାରିବେ ନାହିଁ। କୌଣସି ହିନ୍ଦୁ ମଠାଧିକାରିଙ୍କ ପାଖରେ ଏମିତି ସେନା (ସ୍ୱୟଂସେବକ) ନାହାଁନ୍ତି ଯେଉଁମାନେ ଲୋକଙ୍କ ସହ ଯୋଡି ହୋଇ ରହିଛନ୍ତି ଓ ଯେଉଁମାନଙ୍କର ଭୋଟ ରାଜନୀତିକୁ ପ୍ରଭାବିତ କରିବାର ପ୍ରବଳ କ୍ଷମତା ରହିଛି। ହୁଏତ ମୋହନ ଭାଗବତ ହିନ୍ଦୁଧର୍ମର ପ୍ରମୁଖ ହେବାର ଇଛା ରଖିଥାଇପାରନ୍ତି କିନ୍ତୁ ହିନ୍ଦୁ ମାନସକୁ ପ୍ରଭାବିତ କରିବା ଦିଗରେ ସେ ରାମଭଦ୍ରାଚାର୍ଯ୍ୟ ଓ ଅନ୍ୟ ମଠାଧିଶଙ୍କ ଠାରୁ ଅଧିକ ପ୍ରଭାବଶାଳୀ ନିଶ୍ଚୟ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆଗରେ ଅଖିଳ ଭାରତୀୟ ସନ୍ଥ ସମିତିର ସ୍ଥିତି ମଧ ନଗଣ୍ୟ। ଏଣୁ ହିନ୍ଦୁଙ୍କୁ ସଂଗଠିତ କରିବାର ଦାୟୀତ୍ୱ ଭାଗବତଙ୍କୁ କେହି ଦେଉ ବା ନଦେଉ ତାଙ୍କ ପାଖରେ ଏହି ଶକ୍ତି ସେତେବେଳେ ପର୍ଯ୍ୟନ୍ତ ରହିଛି ଯେତେବେଳେ ପର୍ଯ୍ୟନ୍ତ ସେ ସଂଘ ପ୍ରମୁଖ ଅଛନ୍ତି। ସେଇଥିପାଇଁ ୨୦୨୪ର ଲୋକସଭା



ନିର୍ବାଚନ ବେଳେ ଯେତେବେଳେ ବିଜେପି ଅଧକ୍ଷ ଜଗତ୍‌ପ୍ରକାଶ ନଡ୍ଡା "ଏବେ ବିଜେପି ସକ୍ଷମ; ନିର୍ବାଚନରେ ସଂଘର ସାହାଜ୍ୟର ଆବଶ୍ୟକତା ନାହିଁ" ବୋଲି କହିଥିଲେ ତା ପରେ ମୋହନ ଭାଗବତ ଏମିତି ଓଲଟା ପୁରାଣ ପଢ଼ିଥିଲେ ଯେ ବିଜେପିର "ଅବକି ବାର ୪୦୦ ପାର" ସ୍ଲୋଗାନ ମଧ ଭୁଲ ପ୍ରମାଣିତ ହୋଇଥିଲା। ସନ୍ଥ ସମାଜ ଯେତେ ବି ଭାବନାତ୍ମକ ବୟାନ ବାଜି କରନ୍ତୁ ନା କାହିଁକି ବିଜେପି ପାଇଁ ଭୋଟ ବ୍ୟାଙ୍କ ସୃଷ୍ଟି କରି ପାରିବେ ନାହିଁ।

ମୋହନ ଭାଗବତଙ୍କ ବୟାନ ପରେ ଦେଶର ମୁସଲିମ ସମ୍ପ୍ରଦାୟ ଏବେ ନାଗପୁର (ସ୍ୱୟଂସେବକ ସଂଘର କାର୍ଯ୍ୟାଳୟ) ଆଡକୁ ଦେଖିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କୁ ଲାଗୁ ଥାଇପାରେ ଯେ ସଂଖ୍ୟା ଲଘୁକୁ ନେଇ ବିଜେପି ଏବଂ ସଂଘ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସଂଘ ପ୍ରଛଦପଟ୍ଟରେ ସାହାଯ୍ୟ କରିଥିଲା। ଯୋଗୀ ଆଦିତ୍ୟାନାଥଙ୍କ "କଟେଙ୍ଗେ ତୋ ବଣ୍ଟେଙ୍ଗେ" ସ୍ଲୋଗାନ ପଛରେ ସଂଘର ସହମତି ମଧ ଥିଲା। ଇତି ମଧରେ ସମ୍ଭଲ ଘଟଣା ଘଟିଗଲା। ଫଡନବିଶ ସରକାର ଗଠନ ଏବଂ ବିଭାଗ ବଣ୍ଟନ ପଛରେ ସଂଘର ହାତ ରହିଥିଲା। ଏସବୁ ଘଟଣା ସରିବା ପରେ ସଂଘ ପ୍ରମୁଖ ଏକ ନୂଆମନ୍ତ୍ର ସ୍ୱୟଂସେବକ ମାନଙ୍କୁ ଦେଇଛନ୍ତି ଯାହା କେବଳ ଯେ ସାଧୁ –ସନ୍ଥ ସମାଜ ଏବଂ ସଂଘ- ବିଜେପି କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ସଙ୍କଟ ଜନକ ପରିସ୍ଥିତି ସୃଷ୍ଟି କରିଛି ତା ନୁହେଁ ମୁସଲିମ ସଂଖ୍ୟା ଲଘୁଙ୍କୁ ମଧ ଏପ୍ରସଙ୍ଗରେ ଚିନ୍ତା କରିବା ପାଇଁ ବାଧ କରିଦେଇଛି। ଦୁଇବର୍ଷ ପୂର୍ବରୁ ଉପୁଜିଥିବା "ଜ୍ଞାନବାପୀ" ବିବାଦ ପରେ ମୋହନ ଭାଗବତ କହିଥିଲେ ଯେ "ସବୁ ମସଜିଦ୍‌ରେ ଶିବଲିଙ୍ଗ କାହିଁକି ଖୋଜା ଯାଉଛି? ରାମମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏଣୁ ଆଉ ଆନ୍ଦୋଳନ କରିବା ଉଚିତ୍ ନୁହେଁ" କିନ୍ତୁ ଭାଗବତଙ୍କ ଏହି ମନ୍ତବ୍ୟର କଣ କିଛି ପ୍ରଭାବ ପଡ଼ିଥିଲା? ବରଂ ସାମ୍ପ୍ରଦାୟିକ ଧ୍ରୁବୀକରଣ ମାଧମରେ ଗାଦି ପାଇଁ ରାଜନୀତି କରୁଥିବା ମହତ୍ୱାକାଂକ୍ଷୀ ମାନେ ସଂଘକୁ ସମାଲୋଚନା କରିଥିଲେ। ଏଭଳି ହୋଇନଥିଲେ ମୋହନ ଭାଗବତ ଡିସେମ୍ବର ୧୯ ତାରିଖରେ ଯାହା କହିଲେ ସେ କଥା କହିନ ଥାନ୍ତେ। ମୋହନ ଭାଗବତ ଯେଉଁ କଥା କହିଛନ୍ତି ତାହା ବିରୋଧି ଦଳଙ୍କ ଉଦେଶ୍ୟରେ ନୁହେଁ ନିଶ୍ଚୟ। ତେବେ ମୋହନ ଭାଗବତ କେଉଁ ମାନଙ୍କୁ ବୟାନ ମାଧମରେ ଟାର୍ଗେଟ କରିଛନ୍ତି?

ମୋହନ ଭାଗବତ ତାଙ୍କ ବୟାନରେ କାହାରି ନାମ ନେଇ ନାହାଁନ୍ତି। ଭାଗବତ ମଧ ଏକଥା ସ୍ୱୀକାର କରିବାକୁ ପ୍ରସ୍ତୁତ ହେବେ ନାହିଁ ଯେ ସାମ୍ପ୍ରଦାୟିକ ବୈମନସ୍ୟର ଯେଉଁ ମଞ୍ଜି ଶାସନ ଗାଦି ପ୍ରାପ୍ତିର ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି ତାକୁ ନାଗପୁର (ସଂଘ) ଦୀର୍ଘବର୍ଷ ଧରି ମୌନ ସମର୍ଥନ କରି ଆସିଛି। ସେଇ ମଞ୍ଜି ଏବେ ବିଶାଳ ଦୃମରେ ପରିଣତ ହେବାକୁ ବସିଲାଣି। ଏବେ ଏହି ମହାଦୃମ ସଂଘକୁ ତା ତଳେ •ପି ରଖିବାକୁ ଚାହିଁଲାଣି। ଭାଗବତଙ୍କ ବୟାନକୁ ସାଧୁ ସନ୍ଥ ମାନେ ହଜମ କରି ପାରୁ ନାହାଁନ୍ତି ଏବଂ ସଂଘ ହିନ୍ଦୁ ମାନଙ୍କ ଠିକା ନେଇ ନାହିଁ ବୋଲି କହୁଛନ୍ତି। ସଂଘକୁ ନେଇ ବିଜେପି ଏବଂ ସାଧୁ-ସନ୍ଥ ସମାଜର ଧାରଣା ଏକପ୍ରକାର।

ଅଖିଳ ଭାରତୀୟ ସନ୍ଥ ସମିତି ସଂଘ ଏକ ସାଂସ୍କୃତିକ ସଂଗଠନ ବୋଲି କହିଲେଣି। ଏପରିକି ସମିତିର ମହାଶଚୀବ ସ୍ୱାମୀ ଜିତେନ୍ଦ୍ରାନନ୍ଦ ସରସ୍ୱତୀ କହିଛନ୍ତି ଯେ ଧର୍ମାଚାର୍ଯ୍ୟ ମାନେ ଯାହା ସ୍ଥିର କରିବେ ସେକଥାକୁ ସଂଘ ଏବଂ ବିଶ୍ୱ ହିନ୍ଦୁ ପରିଷଦ ମାନିବାକୁ ବାଧ। ଏହାର ସିଧା ସଳଖ ଅର୍ଥ ହେଉଛି ଭାଗବତଙ୍କ ବକ୍ତବ୍ୟ ପ୍ରଭାବହୀନ। ବିଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ କେତେକ ରାଜନୈତିକ ଦଳ ଏବଂ ସେମାନଙ୍କ ଶୀର୍ଷ ସଂଗଠନର ନେତୃତ୍ୱରେ ଲକ୍ଷ ଲକ୍ଷ କର୍ମକର୍ତ୍ତା, ପ୍ରବଚକ, ସାଧୁସନ୍ଥ ଏବଂ ଆଖଡ଼ାର ଗୋଷ୍ଠୀ ଏକତ୍ରିତ ହୋଇଯାଇଛନ୍ତି। ଏମାନଙ୍କ ପାଇଁ ମନ୍ଦିର ନିର୍ମାଣ ଓ ମନ୍ଦିରର ଅବଶେଷ ଖୋଜିବା ଏକ ଲାଭପ୍ରଦ ସଂଶାଧନ ବା ଉଦ୍ୟୋଗ ପାଲଟି ଯାଇଛି।

ମୋହନ ଭାଗବତଙ୍କ କଥାକୁ ଯଦି ଗ୍ରହଣ କରାଯିବ ତେବେ ଦେଶରେ ଧାର୍ମିକ ବେରୋଜଗାରୀର ଅରାଜକତା ସୃଷ୍ଟି ହୋଇଯିବ। କଥିତ ବିଧର୍ମଙ୍କ ମର୍ମସ୍ଥଳରେ ପ୍ରହାର କରି ଗାଦି ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରୁଥିବା ସେନାଙ୍କ ଅଭାବ ପଡ଼ିଯିବ। ହିନ୍ଦୁତ୍ୱବାଦୀ ସରକାର ଆଗରେ ଅସ୍ତିତ୍ୱର ସଙ୍କଟ ସୃଷ୍ଟି ହେବ। ଏବେ ପ୍ରଶ୍ନଉଠୁଛି ଯେ ବିଜେପି ସଂଘ ପ୍ରମୁଖଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦେବ କି ନାହିଁ? ଯଦି ଗୁରୁତ୍ୱ ନଦିଏ ସଂଘ ଆଗାମୀ ଦିନରେ ବିଜେପିର ପିତାମହର ଭୂମିକାରେ ରହିବ ନା ନାହିଁ? ଯାହାବି ହେଉ ମୋହନ ଭାଗବତ ସାହାସର ସହ ଯାହା କହିଛନ୍ତି ତାହା ଚିନ୍ତାର ବିଷୟ। ଏବେ ଦେଶରେ ଯେମିତି ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ବିଗିଡିବାରେ ଲାଗିଛି ସେ ସମୟରେ ଭାଗବତଙ୍କ ମନ୍ତବ୍ୟର ଗୁରୁତ୍ୱ ଅଧିକ ରହିଛି।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଏବେ ରାଜ୍ୟପାହ୍ୟାକୁ ଅପେକ୍ଷା



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଜାମ୍ମୁ-କାଶ୍ମୀରର ରାଜ୍ୟମାନ୍ୟତା ହ୍ରାସ ଏବଂ ସମ୍ବିଧାନର ୩୭୦ଧାରା ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥନୈତିକ ବିକାଶ ଦ୍ୱିଗୁଣିତ କରିବା ଲାଗି କେନ୍ଦ୍ର ସରକାର ଏକ ଧାରଣା ସୃଷ୍ଟି କରିଥିଲେ। ଏହି ଧାରଣାକୁ ସତ୍ୟରେ ପରିଣତ କରିବା ପାଇଁ ରାଜ୍ୟରେ ପର୍ଯ୍ୟଟନ ଠାରୁ ଆରମ୍ଭ କରି ରାସ୍ତାଘାଟ, ରେଳ ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରି ଏଭଳି ଧାରଣାକୁ ସତ୍ୟରେ ପରିଣତ କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ଅନୁଦାନ ଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପର୍ଯ୍ୟଟନ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି, ଯାହାକି କେବଳ ଜାମ୍ମୁ-କାଶ୍ମୀରର ଆର୍ଥୀକ ବିକାଶ କରିବ ନାହିଁ, ଏହା କ୍ଷୁଦ୍ର ବ୍ୟବସାୟୀଙ୍କୁ ଜୀବନ-ଜୀବିକାରେ ସହାୟତା କରିବା ସହ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। କେବଳ ଏତିକି ନୁହେଁ, କେନ୍ଦ୍ର ସରକାର ମଧ କେନ୍ଦ୍ରଶାସିତ ଅଞ୍ଚଳର ଭିତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହାକି ଅତ୍ୟନ୍ତ ଆବଶ୍ୟକତା କରେ। କେନ୍ଦ୍ର ସରକାର ୪୦ ହଜାର କୋଟି ବିନିଯୋଗରେ ରାଜ୍ୟର ରାସ୍ତାଘାଟ ବିକାଶ ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ସେଥିମଧରେ ଚାରୋଟି ଜାତୀୟ ରାଜପଥ ପ୍ରକଳ୍ପ ରହିଛି। ଗତ ସୋମବାର ଦିନ ପ୍ରଧାନମନ୍ତ୍ରୀ କାଶ୍ମୀରରେ ସୋନମାର୍ଗ ସୁଡଙ୍ଗ ଉଦଘାଟନ କରିଛନ୍ତି, ଯେଉଁ ସୁଡଙ୍ଗ ଉପତ୍ୟକାକୁ ଲଦାଖ ସହ ସିଧାସଳଖ ଯୋଡିବ। ନିକଟରେ ପ୍ରଧାନମନ୍ତ୍ରୀ ମଧ କେନ୍ଦ୍ରଶାସିତ ଅଞ୍ଚଳରେ ରେଳପଥର ବିକାଶ ପାଇଁ ଦେଶର ସର୍ବବୃହତ ରେଳ ସୁଡଙ୍ଗକୁ ଉଦଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭାରତର ଭୂସ୍ୱର୍ଗ ଭାବେ ପରିଚିତ ଜାମ୍ମୁ-କାଶ୍ମୀର ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ଯୋଗୁଁ ଏବେ ଶ୍ରୀହୀନ ହୋଇ ପଡ଼ିଛି। ଏହାର ପୂର୍ବ ଗୌରବ ଫେରାଇ ଆଣିବା ଏବଂ କାଶ୍ମୀରକୁ ଚଳଚିତ୍ର ସୁଟିଂର ମୁଖ୍ୟସ୍ଥଳରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ଦ୍ୱିତୀୟ ପାଳି ସରକାରରେ ଦେଇଥିବା ପ୍ରତିଶୃତି ପୁରୁଣ କରିବାକୁ ଯେ, ବଚନବଦ୍ଧ ଏହା ବିଭିନ୍ନ କାର୍ଯ୍ୟକ୍ରମ ସଂକେତ ପ୍ରଦାନ କରେ। ଏହା ନିସନ୍ଦେହ ଯେ, ବହୁ ବିଳମ୍ବରେ ହେଲେ ବି ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଇତି ମଧରେ ଶେଷ ହୋଇଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳରେ ବିଜେପିର ବିରୋଧି ଭାବେ ଜଣାଶୁଣା 'ଇଣ୍ଡିଆ' ମେଣ୍ଟର




ଅଂଶୀଦାର ଜାତୀୟ ସମ୍ମିଳନୀ(ଏନସି) କ୍ଷମତାସୀନ ହୋଇଛି ଏବଂ ଓମାର ଅବଦଲା ମୁଖ୍ୟମନ୍ତ୍ରୀ ଭାବେ ଶାସନଡୋରି ଗ୍ରହଣ କରିଛନ୍ତି। ଇତି ମଧରେ ଜାମ୍ମୁ-କାଶ୍ମୀର କେନ୍ଦ୍ର ଅଞ୍ଚଳରେ ପରିଣତ ହେବାର ପାଞ୍ଚବର୍ଷ ପୁରିଯାଇଥିବାବେଳେ ରାଜ୍ୟମାନ୍ୟତା ପୁନଃ ପ୍ରତିଷ୍ଠା ଲାଗି ସରକାର ଦେଇଥିବା ପ୍ରତିଶୃତି ଏବେ ବି ଅପୁରଣୀୟ ରହିଛି। ଜାମ୍ମୁ-କାଶ୍ମୀରକୁ ତୁରନ୍ତ ରାଜ୍ୟମାନ୍ୟତା ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀ ଅବଦୁଲା ବାରମ୍ବାର ଦାବି କରିଆସିଛନ୍ତି, ଯାହାକି ସ୍ୱାଭାବିକ ମଧ। ସେନମାର୍ଗ ସୁଡଙ୍ଗ ଲୋକାର୍ପଣ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅବଦୁଲା ରାଜ୍ୟାପାହ୍ୟ ପୁନଃ ପ୍ରତିଷ୍ଠା ଦାବି ଓହରାଇବା ସଙ୍ଗେ ସଙ୍ଗେ କହିଥିଲେ ଯେ, ଜାମ୍ମୁ-କାଶ୍ମୀରକୁ କେବେ ପୂର୍ଣ୍ଣ ରାଜ୍ୟପାହ୍ୟା ନେଇ ଜନସାଧାରଣ ପ୍ରଶ୍ନ କରୁଛନ୍ତି। ତେବେ ମୋର ମନ କହୁଛି ଖୁବଶୀଘ୍ର ପ୍ରଧାନମନ୍ତ୍ରୀ ଜାମ୍ମୁ-କାଶ୍ମୀରବାସୀଙ୍କ ପାଇଁ ତାଙ୍କର ପ୍ରତିଶ୍ରୁତି ପୁରଣ କରିବେ ଏବଂ ପୁଣିଥରେ ଉପତ୍ୟକା ରାଜ୍ୟପାହ୍ୟା ପାଇବ ବୋଲି ଅବଦୁଲା କହିଛନ୍ତି। ଆହୁରି ମଧ ତାଙ୍କ ସରକାରଙ୍କ ସୀମିତ କ୍ଷମତା ନେଇ ସେ ଏବେ ଦଳ ଭିତରୁ ଏବଂ ବାହାରୁ ଚାପର ସମ୍ମୁଖୀନ। ରାଜ୍ୟପାହ୍ୟା ପୁନଃ ପ୍ରତିଷ୍ଠା ତାଙ୍କ ସରକାରଙ୍କ ମୁଖ୍ୟ ଅଗ୍ରାଧିକାର।

ତେବେ ଏନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ, ଉଦ୍ଦେଶ୍ୟ ଉପରେ ତାଙ୍କର କୌଣସି ସନ୍ଦେହ ନାହିଁ। କହିବା ଅଯଥାର୍ଥ ହେବ ନାହିଁ ଯେ, ଗଲା ୩ତାରିଖି ଦିନ ପ୍ରଧାନମନ୍ତ୍ରୀ ଜାମ୍ମୁ-କାଶ୍ମୀରରେ ରାଜ୍ୟପାହ୍ୟା ପୁନଃ ପ୍ରତିଷ୍ଠା ପାଇଁ ନିଜ ଆଡୁ ସଂକଳ୍ପ ଘୋଷଣା କରିଥିଲେ। ତେବେ ଅଦାଲତକୁ ଯିବା ପୂର୍ବରୁ କେନ୍ଦ୍ର ସରକାର ତୁରନ୍ତ ରାଜ୍ୟପାହ୍ୟା ପ୍ରଦାନ କରିବା ନେଇ ପ୍ରଥମ ଅଗ୍ରାଧିକାର ଦେବେ ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଛନ୍ତି। ଏହା ସତ୍ୟ ଯେ, ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବିଧାନସଭା ନିର୍ବାଚନ ହୋଇଥିବାବେଳେ ଏବେ କେତେକ ରାଜନୈତିକ ଦଳ ଅଦାଲତଙ୍କ ଦ୍ୱାରସ୍ଥ ହେବା ଲାଗି ପ୍ରସ୍ତୁତ ହେଉଥିବା କୁହାଯାଏ। କିନ୍ତୁ ପ୍ରଧାନମନ୍ତ୍ରୀ କେବେ ରାଜ୍ୟପାହ୍ୟା ପ୍ରଦାନ କରାଯିବ, ସେ ନେଇ କୌଣସି ସମୟ ସୀମା ଦେଇନାହାଁନ୍ତି। ଏବେ ଦିଲ୍ଲୀ ଏବଂ ଭ୍ୟାଲି ମଧରେ ଦୂରତା ନିଶ୍ଚିହ୍ନ ହେବାକୁ ଯାଉଛି। ସବୁ କଥାର ଏକ ସମୟ ଅଛି। ତେବେ ଠିକ୍ ଘଟଣା ଠିକ୍ ସମୟରେ ହେବ। ତେବେ ଏବେ କେବଳ ରାଜ୍ୟପାହ୍ୟା ପୁନଃ ପ୍ରତିଷ୍ଠାକୁ ଅପେକ୍ଷା।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୯୪୩୭୯୯୪୩୭୯**

# କୋରାପୁଟିଆ ଦେଶୀଆ ଗୀତ 'ଛିଛିଛି ରେ ନନୀ ଛି...



**ଅନୁପମା ଭୂୟାଁ**

'ଧନ୍‌କେ ଦେଖଲୁ ତୁଇ ନନୀ ସିନା ମନ୍‌କେ ଚିହ୍ନିଲୁ ନାହିଁ; ସୁନା କେ ଚିହ୍ନଲୁ, ବାନାକେ ଚିହ୍ନଲୁ, ମନୁଷ ଚିହ୍ନଲୁ ନାଇଁ...... ଗୁଟେ ଦିନ ମିଶା ଜଗିଦେଲୁ ନାଇଁ, କେଡ଼େ କଥା କରିଦେଲୁ, ମୁଇଁ ଗାଁ ଯାଇକରି ଆସିଲା ବେଲେ କେନ୍‌ତା ପାଶରି ଦେଲୁରେ ନନୀ, ଛି ଛି ଛିରେ ନନୀ ଛି ଛି..'- ...... କୋରାପୁଟିଆ ଦେଶୀଆ ଗୀତ 'ଛି ଛି ଛି ରେ ନନୀ ଛିଛି.... ' ସୋସିଆଲ ଟ୍ରେଣ୍ଡରେ ନବେ ଦଶକର ଏହି ଗୀତଟି ଏବେ କେବଳ ଯୁବ ବର୍ଗଙ୍କ ମନକୁ ଛୁଇଁନି ଛକର ଖଟି ଠାରୁ କ୍ଲାସରୁମ, ବସ ଭିତରର ଗୀତ ଧୁନ୍ ଠାରୁ ବଜାର ନାଚର ମାହୋଲ ଭିତରେ ଏହା ଏବେ ଶ୍ରୋତାବର୍ଗଙ୍କୁ ଏକ ପ୍ରକାର ମତୁଆଲା କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏହି ଗୀତଟିର ଅସଲ ଅର୍ଥଟି ହେଉଛି ପାରମ୍ପରିକ ପ୍ରେମ କାହାଣୀର ଘଟଣା ଭିତରେ ଗୀତର ନାୟକ ଗାଁକୁ ଯାଇଛି। ନାୟିକାକୁ କହିଛି 'ତୁ କିଛି ଚିନ୍ତା କରନା। ମୁଁ ତୋ ପାଇଁ ସବୁ କିଣି ଦେବି। ଛେଳି ବିକି ଦେବି, ମେଣ୍ଢା ବିକି ଦେବି, ତୋତେ ମୁଁ ସୁଖରେ ରଖିବି।' ହେଲେ ସେ ଗାଁକୁ ଆସିବା ପୂର୍ବରୁ ଝିଅର ବାପା ଘର ଲୋକେ ଧନୀ ଘର ପୁଅ ସଙ୍ଗେ ବାହା ଦେବା ପାଇଁ ସ୍ଥିର କରିଦେଉଛନ୍ତି। ନାୟକ ଗାଁକୁ ଫେରି ସବୁ ଜାଣିବା ପରେ ତାଙ୍କର ମନ ଭାଙ୍ଗି ଯାଉଛି। ସେ ଦୁଃଖରେ ଭାଙ୍ଗି ପଡ଼ି ନିଜର ମନର ମାନସାକୁ ଝରି ବେଦନା ଜଣାଉଛି। ପାଖାପାଖି ୩୨ ବର୍ଷ ତଳେ ଏହି ଗୀତଟି ରେକର୍ଡ଼ିଂ ହୋଇଥିଲା ଆଜିର ସାର୍ଥକ ମ୍ୟୁଜିକ କମ୍ପାନୀ ବ୍ୟାନରରେ। ଏହି ଗୀତଟିର କଣ୍ଠଶିଳ୍ପୀ ଥିଲେ ଜୟପୁର ସହରର ଜଣେ ଜଣାଶୁଣା ଆଇନଜୀବୀ ଓ ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ସ୍ୱର୍ଗତଃ ସତ୍ୟନାରାୟଣ ଅଧିକାରୀ। ସ୍ୱର୍ଗତଃ ଅଧିକାରୀ ଏହାକୁ ନିଜେ ଲେଖିବା ସହ କଣ୍ଠଦାନ କରିଥିଲେ।

୧୯୯୨ ମସିହାରେ ସ୍ୱର୍ଗତଃ ସତ୍ୟନାରାୟଣଙ୍କ ଏହି ବାଲିଫୁଲ




## ସୋସିଆଲ ଟ୍ରେଣ୍ଡରେ ଧୂମ୍ ମଚାଉଛି

କ୍ୟାସେଟ ରେକର୍ଡ଼ିଂଟି ହୋଇଥିଲା ଯେଉଁ ସମୟରେ ଆଜିକାଲି ପରି ସୋସିଆଲ ମିଡ଼ିଆର ଅତ୍ୟାଧୁନିକ ସଙ୍ଗୀତର ବ୍ୟବସ୍ଥା ନଥିଲା ଯାହା ଟେପ ରେକର୍ଡ଼ର ମାଧମରେ ଗୀତ ଶୁଣିବା ହେଉଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୪ରେ ସମ୍ବଲପୁରର ମାନଭଞ୍ଜନ ନାୟକଙ୍କୁ ନେଇ ଏହି ଗୀତର ଭିଡ଼ିଓ ମଧ ପ୍ରସ୍ତୁତ ହୋଇଥିଲା। ଯେଉଁଥିରେ ବିଭୂତି ଭୂଷଣ ବିଶ୍ୱାଳ ବେଶ ହୃଦୟସ୍ପର୍ଶୀ ଅଭିନୟ କରି ନିଜର ମନର ମାନସିକୁ ଝୁରି ହୋଇ ବେଦନା ଜଣାଉଥିବାର ନିଖୁଣ ଅଭିନୟ କରିଥିଲେ। ବର୍ତ୍ତମାନ ସମୟରେ ଗାଁରୁ ସହର ସବୁଠି ହଜାର ହଜାର ଯୁବ ବର୍ଗ ଏହି ହିଟ ଗୀତକୁ ନେଇ ନିଜେ ରିଲ ପ୍ରସ୍ତୁତ କରି ମୋବାଇଲରେ ଛାଡ଼ୁଛନ୍ତି। ସେ ସମୟରେ 'ବାଲିଫୁଲ'ରେ ଆଠଟି ଗୀତକୁ ନେଇ କ୍ୟାସେଟଟି ତିଆରି ହୋଇଥିଲା। ଚାରଟି ଗୀତ ସୁପରହିଟ ପର୍ଯ୍ୟାୟକୁ ଯାଇଥିଲା ଏହି ଗୀତଟି ଓଡ଼ିଶା ଅପେକ୍ଷା ସେତେବେଳେ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଚହଳ ସୃଷ୍ଟି କରିଥିଲା। ସାଉଥ ଓ ତାମିଲ ଫିଲ୍ମରେ ମଧ ଏହି ଗୀତଟି ବ୍ୟାପକ ଲୋକାଦୃତ ହୋଇଥିଲା। ଓଡ଼ିଶାର ପ୍ରାଚୀନ ପରମ୍ପରା, ନାଚଗୀତ ଓ ଅନେକ ସଂସ୍କୃତି ଆଜି ମଧ ଏକ ପ୍ରକାର ପ୍ରଚାର ପ୍ରସାର ଅଭାବରୁ ସମୟର ଉହାଡ଼ରେ ରହି ଯାଉଛି। ଆମ ସମୟରେ ଏତେ ପୁରୁଣା ଗୀତଟି ବର୍ତ୍ତମାନ ସମୟରେ ସୋସିଆଲ ମିଡ଼ିଆରେ ଯେଉଁପରି ଟ୍ରେଣ୍ଡରେ ହଇଚଇ ସୃଷ୍ଟି କରିଛି ତାହା ପ୍ରମାଣିତ କରିଛି ଯେ ସଙ୍ଗୀତର ଅନ୍ତରାର୍ଥ ଓ ଭାବସ୍ପର୍ଶୀ ଯାଦୁ ଦିନେ ନା ଦିନେ ଶ୍ରୋତାବର୍ଗଙ୍କୁ ବାନ୍ଧିପାରିବ। ସ୍ୱର୍ଗତଃ ସତ୍ୟନାରାୟଣ ଅଧିକାରୀଙ୍କ ପରି ଅନେକ ଯୁବ କଣ୍ଠଶିଳ୍ପୀ ଏବେ ବି ସେମାନଙ୍କ କଣ୍ଠର ଯାଦୁକୁ ପ୍ରଚାର ପ୍ରସାର କରିବା ପାଇଁ ସମର୍ଥ ହୋଇପାରୁନାହାଁନ୍ତି। ସେମାନଙ୍କ ପାଇଁ ପ୍ରେରଣା ଓ ପୃଷ୍ଠପୋଷକତା ନିଶ୍ଚିନ୍ତ ଜରୁରୀ। ଆମ୍ଭ ମାନଙ୍କର ଭଲ ପାଇବା ରହିଲେ ଅନେକ ଏପରି ଚର୍ଚ୍ଚିତ ଗୀତ ଲୋକଲୋଚନକୁ ଆସିପାରିବ। ଗୀତର ପ୍ରେମିକଟି ହୁଏତ ତା ନାୟିକାକୁ ପାଇପାରିନି, ତାର ବିରହ ବେଦନା ଭିତରେ ସେ ଆରମ୍ଭ କରିଛି 'ଛି ଛି ଛିରେ ନନୀ ଛି' କିନ୍ତୁ ସୋସିଆଲ ମିଡ଼ିଆରେ ଛିନଛତର କରିଦେଇଛି ନବେ ଦଶକର ଏହି ଦେଶୀଆ ଗୀତ ଛି ଛି.....।

**'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ**

# ମହାକୁମ୍ଭରେ ଭୟଙ୍କର ଅଗ୍ନିକାଣ୍ଡ





**ପ୍ରୟାଗରାଜ, ୧୯।୧:** ପ୍ରୟାଗରାଜ ମହାକୁମ୍ଭ ମେଳାରେ ବଡ଼ ଧରଣ ଅଘଟଣ। ମେଳାରେ ବଡ଼ ଧରଣର ଅଗ୍ନିକାଣ୍ଡର ଚିତ୍ର ସାମ୍ନାକୁ ଆସିଛି । ଶାସ୍ତ୍ରୀ ବ୍ରିଜ୍ ନିକଟ କ୍ୟାମ୍ପରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ଟେଣ୍ଟ ଗୁଡ଼ିକ ଜଳିଯାଇଥିବା ଦେଖିବାକୁ ମିଳିଛି। ସିଲିଣ୍ଡର ବ୍ଲାଷ୍ଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ କରିଛି । ଅଗ୍ନିକାଣ୍ଡରେ ଘଟିଥିବା କ୍ଷୟକ୍ଷତି ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିନାହିଁ। ମହାକୁମ୍ଭମେଳାର ସେକ୍ଟର ୨୦ରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏହି କାରଣରୁ ମେଳା ପରିସରରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ମହାକୁମ୍ଭ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଦୂରରୁ ନିଆଁ ଏବଂ ଧୂଆଁ ଦେଖାଯାଉଥିଲା; ଅଗ୍ନିକାଣ୍ଡ ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ, ଅଗ୍ନିଶମ ବାହିନୀର ଅନେକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ସୂଚନାଯୋଗ୍ୟ, ଅନେକ ତମ୍ବୁରେ ନିଆଁ ଲାଗିଯାଇଛି। ଅଗ୍ନିକାଣ୍ଡ ଯୋଗୁଁ ଅଞ୍ଚଳରେ ଘନ ଧୂଆଁ ବ୍ୟାପିଯାଇଥିଲା, ଯାହା ଫଳରେ ଲୋକମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ପ୍ରୟାସ ପରେ, ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିପାରିଛି। ଅଗ୍ନିକାଣ୍ଡ ଘଟଣାରେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ଖବର ନାହିଁ। କୁହାଯାଉଛି ଯେ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ। ତଥାପି, ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ୬ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ତୁରନ୍ତ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା।

# ବିଜେପିର ସଂକଳ୍ପ ପତ୍ରକୁ ଟାର୍ଗେଟ କଲେ ଆପ ସାଂସଦ

**ନୂଆଦିଲ୍ଲୀ, ୧୯।୧:** ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ରାଜନୈତିକ ଦଳଗୁଡ଼ିକ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ଏହି ସମୟରେ, ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ଏବଂ ସାଂସଦ ସଞ୍ଜୟ ସିଂହ ପାଲମ ଏବଂ ନଜଫଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ସାଧାରଣ ସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ବିଜେପି ଲୋକମାନେ ଅରବିନ୍ଦ କେଜରିୱାଲଙ୍କୁ ଆକ୍ରମଣ କରୁଛନ୍ତି। ମୁଁ ଦିଲ୍ଲୀବାସୀଙ୍କୁ ନିବେଦନ କରୁଛି ଯେ ଯେଉଁମାନେ ଆପଣଙ୍କ ପୁଅ ଅରବିନ୍ଦ କେଜ୍ରିୱାଲଙ୍କ ଉପରେ ଆକ୍ରମଣ କରୁଛନ୍ତି ସେମାନଙ୍କୁ ଭୋଟର ଶକ୍ତିରେ ଜବାବ ଦିଅନ୍ତୁ।



ଆମେ ସେମାନଙ୍କ କାପୁରୁଷତାପୂର୍ଣ୍ଣ କାର୍ଯ୍ୟରୁ ଭୟଭୀତ ହେବୁ ନାହିଁ ବୋଲି ଦେଖାଇବା ପାଇଁ ସାଂସଦ ଅରବିନ୍ଦ କେଜ୍ରିୱାଲଙ୍କୁ ଆକ୍ରମଣ କରିଥିବା ଲୋକଙ୍କୁ ହରାଇବାକୁ ନିବେଦନ କରିଥିଲେ। ଆମେ ମୁଣ୍ଡ ନୁଆଁଇବୁ ନାହିଁ। ଆମେ ଲଢ଼ିବୁ ଏବଂ ଜିତିବୁ। ସେ କହିଛନ୍ତି ଯେ ବିଜେପି ମାଗଣା ବିଦ୍ୟୁତ୍-ପାଣି, ମହିଳା ବସ୍ ଯାତ୍ରା, ମୋହଲ୍ଲା କ୍ଲିନିକ୍, ସିସିଟିଭି ଏବଂ ମହିଳା ସମ୍ମାନ ରାଶି ଯୋଜନାକୁ ବିରୋଧ କରୁଛି। ଏବେ ବିଜେପି କହୁଛି ଯେ ଅରବିନ୍ଦ କେଜରିୱାଲ ଯାହା କାମ କରୁଛନ୍ତି, ଆମେ ମଧ୍ୟ ସେହି କାମ କରିବୁ। ବିଜେପିର ଘୋଷଣାପତ୍ର ସମ୍ପୂର୍ଣ୍ଣ ମିଥ୍ୟା। ପାଲମ ବିଧାନସଭାରେ ଏକ ସାଧାରଣ ସଭାରେ ଆମ ଆଦମୀ ପାର୍ଟିର ବରିଷ୍ଠ ନେତା ଏବଂ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଯେତେବେଳେ ଆମେ ୨୦୧୨ ରେ ଆମ ଆଦମୀ ପାର୍ଟି ଗଠନ କରିଥିଲୁ, ଲୋକମାନେ ଆମ ଉପରେ ହସୁଥିଲେ। ଲୋକମାନେ କହୁଥିଲେ ଯେ ଆମ ଆଦମୀ ପାର୍ଟି ଚାଲିବ ନାହିଁ । ବିଜେପିର ଜଣେ ବହୁତ ବଡ଼ ନେତା କହିଥିଲେ ଯେ ଯଦି ଆମ ଆଦମୀ ପାର୍ଟି ୨ଟି ଆସନ ମଧ୍ୟ ପାଏ, ତେବେ ସେ ରାଜନୀତିରୁ ସନ୍ୟାସ ନେବେ। ଏବେ ସେ ଆଉ ଏହି ଦୁନିଆରେ ନାହାନ୍ତି।

୨୦୧୩ରେ, ଦିଲ୍ଲୀର ଲୋକମାନେ ସେମାନଙ୍କ ଭୋଟ ଶକ୍ତିରେ ଇତିହାସ ଲେଖିଥିଲେ। ଜନତା ପ୍ରଥମ ଥର ପାଇଁ ଆମ ଆଦମୀ ପାର୍ଟିର ସରକାର ଗଠନ କଲେ। ତା'ପରେ ଅରବିନ୍ଦ କେଜରିୱାଲଙ୍କୁ ୪୯ ଦିନିଆ ସରକାରରୁ ଇସ୍ତଫା ଦେବାକୁ ପଡିଲା। ଏହା ପରେ, ୨୦୧୫ରେ ଆମ ଆଦମୀ ପାର୍ଟି ସରକାର କ୍ଷମତାକୁ ଆସିଥିଲା। ସେତେବେଳେ ମଧ୍ୟ, ବିଜେପି ଏବଂ କଂଗ୍ରେସ କହିଥିଲେ ଯେ ଆମ ଆଦମୀ ପାର୍ଟି ଶେଷ ହୋଇଯାଇଛି। କିନ୍ତୁ ଦିଲ୍ଲୀର ଲୋକମାନେ ୭୦ଟି ଆସନରୁ ୬୭ଟି ଦେଇଥିଲେ।

## ପାରାଗ୍ଲାଇଡିଂ ବେଳେ ପ୍ରଶିକ୍ଷକଙ୍କ ସହ ଯୁବତୀଙ୍କ ମୃତ୍ୟୁ

**ପାଣାଜୀ, ୧୯।୧:** ପାରାଗ୍ଲାଇଡିଂ ସମସ୍ତଙ୍କର ସ୍ୱପ୍ନ। ତଥାପି, ପାରାଗ୍ଲାଇଡିଂ ସମୟରେ ଅନେକ ସମୟରେ ଦୁର୍ଘଟଣା ଘଟେ, ଯାହାକୁ ଏଡାଇବା ପାଇଁ ସତର୍କ ରହିବା ଆବଶ୍ୟକ। ଉତ୍ତର ଗୋଆରୁ ଏପରି ଏକ ଦୁର୍ଘଟଣା ସାମ୍ନାକୁ ଆସିଛି। ପାରାଗ୍ଲାଇଡିଂ ସମୟରେ ଅବହେଳା ଯୋଗୁଁ ଏଠାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ପାରାଗ୍ଲାଇଡିଂ କରୁଥିବା ଜଣେ ମହିଳା ପର୍ଯ୍ୟଟକ ଏବଂ ତାଙ୍କ ପ୍ରଶିକ୍ଷକଙ୍କ ମୃତ୍ୟୁ ହୋଇଛି। ପୁଲିସ ରବିବାର ଏହି ଘଟଣା ବିଷୟରେ ସୂଚନା ଦେଇଛି। ଜଣେ ଅଧିକାରୀ କହିଛନ୍ତି ଯେ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ କେରି ଗାଁରେ ଦୁର୍ଘଟଣା ଘଟିଥିଲା। ସେ କହିଛନ୍ତି ଯେ ଦୁର୍ଘଟଣାରେ ପୁଣେର ବାସିନ୍ଦା ତଥା ପର୍ଯ୍ୟଟକ ଶିବାନୀ ଡେବଲେ ଏବଂ ତାଙ୍କ ପ୍ରଶିକ୍ଷକ ସୁମନ ନେପାଳୀ (୨୬)ଙ୍କ ମୃତ୍ୟୁ ହୋଇଛି। ମହିଳାଙ୍କ ପ୍ରଶିକ୍ଷକ ଜଣେ ନେପାଳୀ ନାଗରିକ ଥିଲେ। ଅଧିକାରୀ ଜଣକ କହିଛନ୍ତି ଯେ ଡେବଲେ ଯେଉଁ କମ୍ପାନୀଠାରୁ 'ପାରାଗ୍ଲାଇଡିଂ' ପାଇଁ ବୁକିଂ କରିଥିଲେ ତାହା ବେଆଇନ ଭାବରେ ପରିଚାଳିତ ହେଉଥିଲା। ସେ କହିଛନ୍ତି ଯେ ଅଭିଯୋଗ ଅନୁଯାୟୀ, ପାରାଗ୍ଲାଇଡରଟି ଉଡ଼ାଣ ଭରିବା ପରେ ତୁରନ୍ତ ଏକ ଖାଲରେ ପଡ଼ିଯାଇଥିଲା, ଯାହା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

### ସୈଫ ଅଲ୍ଲୀ ଖାନଙ୍କୁ ଆକ୍ରମଣ ଘଟଣା

## ବିଚାର ବିଭାଗୀୟ ହାଜତକୁ ଗଲା ଗିରଫ ଅଭିଯୁକ୍ତ

**ମୁମ୍ବାଇ, ୧୯।୧:** ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନଙ୍କୁ ଛୁରି ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ଯୁବକକୁ ପୋଲିସ ୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ନିଆଯାଇଛି। ଆଜି ସକାଳେ ଗିରଫ ହୋଇଥିବା ଯୁବକକୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାକୁ ପଚରାଉଚରା କରାଯିବା ପରେ ପୋଲିସ ହେପାଜତକୁ ନେଇଛି। କୋର୍ଟରେ ପ୍ରଥମେ ଅଭିଯୁକ୍ତର ନାମ ପଚରାଯିବା ସହିତ ଅନ୍ୟ ପ୍ରଶ୍ନ ପଚରାଯାଇଥିଲା। ତେବେ ପୋଲିସ ଗିରଫ କରିଥିବା ଯୁବକ ବାଂଲାଦେଶୀ ବୋଲି ଜଣାପଡିଛି। ସୈଫଙ୍କୁ ଆକ୍ରମଣ ହୋଇଥିବା ଛୁରି ୩ ଖଣ୍ଡ ହୋଇଛି। ଯାହାର ୨ ଖଣ୍ଡ ମିଳିଥିବା ବେଳେ ଅନ୍ୟ ଖଣ୍ଡକୁ ଖୋଜୁଛି ପୋଲିସ। ଅଭିଯୁକ୍ତ ଜଣକ ଆକ୍ରମଣ କରିଥିବା ଦିନ ଯେଉଁ ଡ୍ରେସ ପିନ୍ଧିଥିଲା, ସେ ପୋଷାକ ମଧ୍ୟ ପୋଲିସ ଖୋଜୁଛି। ପୋଲିସ କହିବା ମୁତାବକ, ଆକ୍ରମଣ କରିଥିବା ଯୁବକ ଗୁପ୍ତ ରାସ୍ତା ଦେଇ ବାଂଲାଦେଶରୁ ଭାରତ ଆସିଥିଲା। ତାଙ୍କୁ କିଏ ଓ କେମିତି ସାହାଯ୍ୟ କରିଥିଲା, ତାହା ଏଯାଏଁ ଜଣାପଡିନି। ଏହାର ଯାଞ୍ଚ କରୁଛି ପୋଲିସ। ପୋଲିସ କୋର୍ଟଙ୍କୁ ଅଭିଯୁକ୍ତକୁ ନେବାକୁ ୧୪ ଦିନିଆ କଷ୍ଟଡି ମାଗିଛି। ଅଭିଯୁକ୍ତ ଓକିଲ କୋର୍ଟକୁ କହିଛନ୍ତି, ତାଙ୍କ ଉପରେ ଲାଗିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ। ଏପରି କଥାରେ ସରକାରୀ ଓକିଲ କହିଛନ୍ତି କି, ଅଭିଯୁକ୍ତ ଜାଣିଥିଲା, ସେ ଅଞ୍ଚଳରେ ସେଲିବ୍ରିଟି ରୁହନ୍ତି। ସେ ଜାଣିଥିଲା କେତେ ସୁରକ୍ଷିତ ସେ ସ୍ଥାନ। ତଥାପି ଘରେ ପଶିଥିଲା ଅର୍ଥାତ୍ ଅଭିଯୁକ୍ତ ପ୍ଲାନିଂ କରିଥିଲା।

### କୋଲକାତା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା

## ସଞ୍ଜୟଙ୍କୁ ଦଣ୍ଡ ସପକ୍ଷରେ ମା'

**କୋଲକାତା,୧୯।୧:** କୋଲକାତା ଆରଜିକର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳାଙ୍କ ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛି ସଞ୍ଜୟ ରାୟ। ଏବେ ଏହି ମାମଲାରେ ସଞ୍ଜୟର ମା' ରବିବାର ନିଜର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଯଦି ତାଙ୍କ ପୁଅ ଦୋଷୀ ତେବେ ତାକୁ ସଜା ମିଳିବା ଦରକାର। ତାହା ଫାଶୀ ହେଉ ପଛେ। ସଞ୍ଜୟର ମା' ମାଳତୀ ରାୟ କହିଛନ୍ତି, ସେ ଏକାକୀ କାନ୍ଦିବେ କିନ୍ତୁ ଯେଉଁ ସଜା ମିଳିଛି ତାକୁ ସ୍ୱୀକାର କରିବେ। ଏହା ପୂର୍ବରୁ ଶିଆଲଦାହର କୋର୍ଟ ଗତକାଲି ଅର୍ଥାତ ୧୮ ଜାନୁଆରୀରେ ସଞ୍ଜୟ ରୟକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଆରମ୍ଭରୁ ମିଡିଆ ସହ କଥା ହେବାରେ ସଙ୍କୋଚ କରୁଥିବା ସଞ୍ଜୟଙ୍କ ମା' ରବିବାର କହିଛନ୍ତି, ଜଣେ ମହିଳା' ଓ ତିନି ଝିଅର ମା' ହୋଇଥିବାରୁ ମୁଁ ମହିଳା ଡାକ୍ତରଙ୍କ ମା'ଙ୍କ କଷ୍ଟ ଅନୁଭବ କରିପାରୁଛି।' ସଞ୍ଜୟର ମା' କହିଛନ୍ତି , ଯଦି କୋର୍ଟ ଫାଶୀ ରାୟ ଦିଅନ୍ତି ତେବେ ମୋର କୌଣସି ଆପତ୍ତି ନାହିଁ। କାରଣ ତା'ର ଅପରାଧ ଆଇନ ନଜରରେ ପ୍ରମାଣିତ ହୋଇସାରିଛି। ମୁଁ ଏକୁଟିଆ କାନ୍ଦିବି, କିନ୍ତୁ ଭାଗ୍ୟର ଖେଳକୁ ସ୍ୱୀକାର କରିବି। ଏପରିକି କୋର୍ଟରେ ଶୁଣାଣି ବେଳେ କିମ୍ବା ଜେଲ୍‌କୁ ସେ ସଞ୍ଜୟକୁ ଦେଖା କରିବାକୁ ଯାଇନଥିଲେ ବୋଲି କହିଛନ୍ତି। ତାଙ୍କର କହିବା ଅନୁସାରେ, ସେ ଯଦି ଦୋଷୀ ନଥାନ୍ତା ତେବେ ମୋର ଦେହ ଖରାପ ଥିବେ ବି ତାକୁ ଦେଖା କରିବାକୁ ଚେଷ୍ଟା କରିଥାନ୍ତି। କେବଳ ସେତିକି ନୁହେଁ ସଞ୍ଜୟର ଭଉଣୀ ମଧ୍ୟ କୋର୍ଟଙ୍କ ରାୟକୁ ଗ୍ରହଣ କରିନେଇଛନ୍ତି। ଦୋଷୀ ହୋଇଥିଲେ ଦଣ୍ଡ ମିଳିବା ଦରକାର ବୋଲି କହିଛନ୍ତି।

### ବର୍ଷର ପ୍ରଥମ 'ମନ୍ କୀ ବାତ୍'

# କୁମ୍ଭମେଳା ମୂଳଦୁଆକୁ ସୁଦୃଢ଼ କରିବ ଯୁବପିଢ଼ି ଭାଗିଦାରୀ

**ନୂଆଦିଲ୍ଲୀ,୧୯।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଚଳିତ ନୂଆବର୍ଷରେ ପ୍ରଥମ ଥର ପାଇଁ ଦେଶବାସୀଙ୍କ ସାମ୍ନାରେ ତାଙ୍କ ମନର କଥା ଉପସ୍ଥାପନ କରିଛନ୍ତି। ସାଧାରଣତଃ ମାସର ଚତୁର୍ଥ ରବିବାର ଏହି କାର୍ଯ୍ୟକ୍ରମ ପ୍ରସାରିତ ହୋଇଆସିଥିଲେ ହେଁ ଆସନ୍ତା ୨୬ରେ ସାଧାରଣତନ୍ତ୍ର ଦିବସ ଥିବାରୁ ଏହା ପୂର୍ବରୁ ତୃତୀୟ ରବିବାରରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ଏହି ଅବସରରେ ସେ ଦେଶବାସୀଙ୍କୁ ସାଧାରଣତନ୍ତ୍ର ଦିବସର ଆଗୁଆ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି। ବର୍ଷର ଏହି ପ୍ରଥମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏଥରର ସାଧାରଣତନ୍ତ୍ର ଦିବସର ଅନେକ ବିଶେଷତ୍ୱ ରହିଛି। ଏହା ଭାରତୀୟ ଗଣତନ୍ତ୍ରର ୭୫ତମ ବାର୍ଷିକୀ। ଚଳିତ ବର୍ଷ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ ବର୍ଷ ପୂରଣ ହେଉଛି। ସମ୍ବିଧାନ ସଭା ସମୟରେ ଅନେକ ବିଷୟ ଉପରେ ସୁଦୀର୍ଘ ଆଲୋଚନା ହୋଇଥିଲା। ସେହି ଆଲୋଚନା, ସମ୍ବିଧାନ ସଭାର ସଭ୍ୟମାନଙ୍କ ଚିନ୍ତାଧାରା, ସେମାନଙ୍କ ବାଣୀ ଦେଶ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ସମ୍ବିଧାନ ସଭା କାର୍ଯ୍ୟ ଆରମ୍ଭ କରିବା



ସମୟରେ ବାବାସାହେବ ଆମ୍ବେଦକର ମିଳିତ ସହଯୋଗ ସମ୍ପର୍କରେ କହିଥିବା ମହତ୍ତ୍ୱପୂର୍ଣ୍ଣ କଥା ସମ୍ପର୍କରେ ସୂଚନା ଦେଇଥିଲେ। ବାବାସାହେବ ସମ୍ବିଧାନ ସଭା, ମିଳିତ ଭାବେ, ଏକମତ ସହ ମିଶିକରି ସମସ୍ତଙ୍କ ହିତ ପାଇଁ କାର୍ଯ୍ୟ କରୁ ବୋଲି ଚାହୁଁଥିଲେ ବୋଲି ମୋଦି କହିବା ସହ ସମ୍ବିଧାନ ସଭା ମୁଖ୍ୟ ଡ. ରାଜେନ୍ଦ୍ର ପ୍ରସାଦ ଓ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଅଭିଭାଷଣର ଅଡିଓ କ୍ଲିପ୍ ଶୁଣାଇଥିଲେ। ସେ କହିଥିଲେ ଯେ ସାଧାରଣତନ୍ତ୍ର ଦିବସର ପୂର୍ବଦିନକୁ ଦେଶରେ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ଭାରତୀୟ ନିର୍ବାଚନ ଆୟୋଗର ପ୍ରତିଷ୍ଠା ହୋଇଥିଲା। ଭାରତ ଗଣତନ୍ତ୍ରର ଜନନୀ ହୋଇଥିବା ବେଳେ ବିଗତ ଦଶନ୍ଧିମାନଙ୍କରେ ଦେଶର ଗଣତନ୍ତ୍ର ସଶକ୍ତ ଓ ସମୃଦ୍ଧ ହୋଇଛି। ସେହିପରି ପ୍ରୟାଗରାଜରେ ଆରମ୍ଭ ହୋଇଥିବା ମହାକୁମ୍ଭମେଳାରେ ଏଥର ଯୁବବର୍ଗର ଭାଗିଦାରୀତା ଅଧିକ ରହିଥିବାରୁ ଏହି ମେଳାର ମୂଳଦୁଆ ଆହୁରି ସୁଦୃଢ଼ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କୁମ୍ଭମେଳାର ଏହି ବୈଶ୍ୱିକ ଲୋକପ୍ରିୟତା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନିକଟରେ ପଶ୍ଚିମବଙ୍ଗରେ ଆୟୋଜିତ 'ଗଙ୍ଗା ସାଗର ମେଳା'ରେ ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ଭକ୍ତ ବୁଡ଼ ପକାଇଛନ୍ତି। ଚଳିତ ମାସରେ 'ପୌଷ ଶୁକ୍ଳ ଦ୍ୱାଦଶୀ'ରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପର୍ବର ପ୍ରଥମ ବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ଲକ୍ଷ ଲକ୍ଷ ଭକ୍ତ ଅଯୋଧ୍ୟାରେ ରାମଲାଲାଙ୍କ ସାକ୍ଷାତ ଦର୍ଶନ କରି ତାଙ୍କ ଆଶୀର୍ବାଦ ପାଇଛନ୍ତି। ପ୍ରାଣ ପ୍ରତିଷ୍ଠାର ଏହି ଦ୍ୱାଦଶୀ, ଭାରତର ସାଂସ୍କୃତିକ ଚେତନାର ପୁନଃପ୍ରତିଷ୍ଠାର ଦ୍ୱାଦଶୀ । ସେଇଥିପାଇଁ ପୌଷ ଶୁକ୍ଳ ଦ୍ୱାଦଶୀର ଏହି ଦିନ ଏକ ପ୍ରକାରର ପ୍ରତିଷ୍ଠା-ଦ୍ୱାଦଶୀ ଦିବସ ପାଲଟିଯାଇଛି ବୋଲି ମୋଦି କହିଛନ୍ତି। ନିକଟରେ ଇସ୍ରୋ ମହାକାଶ କ୍ଷେତ୍ରରେ 'ଡକିଂ' ପରି ଐତିହାସିକ ସଫଳତା ପାଇବା ସହ ଜଣେ ଭାରତୀୟ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ ବେଙ୍ଗାଲୁରୁର ପିକ୍ସେଲ୍ ଭାରତର ପ୍ରଥମ ଘରୋଇ ସାଟେଲାଇଟ୍ 'ଫାୟାର୍‌ଫ୍ଲାଏ'କୁ ସଫଳତାର ସହ ଆରମ୍ଭ କରିଛି। ଏହି ସଫଳତା ପାଇଁ ପିକ୍ସେଲ୍ ଟିମ୍ ଓ ଇସ୍ରୋ ଟିମକୁ ମୋଦି ଅଭିନନ୍ଦନ ଜଣାଇଛନ୍ତି। ଏହାଛଡ଼ା ଦେଶର ବୈଜ୍ଞାନିକ ମହାକାଶରେ ଚାରା ଉତ୍ପାଦନ ଓ ସେଗୁଡ଼ିକୁ ଜୀବିତ ରଖିବାର ପ୍ରୟାସ ମଧ୍ୟ କରୁଥିବାରୁ ଏହା ଭବିଷ୍ୟତରେ ମହାକାଶରେ ପନିପରିବା ଉତ୍ପାଦନର ରାସ୍ତା ଖୋଲିବ। ଆମ ବୈଜ୍ଞାନିକମାନେ କେତେ ଦୂରଦର୍ଶୀ ବିଚାର ସହ କାର୍ଯ୍ୟ କରୁଛନ୍ତି, ଏହା ତା'ର ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଷ୍ଟାର୍ଟ-ଅପ ଇଣ୍ଡିଆକୁ ୯ ବର୍ଷ ପୂରଣ ହୋଇଥିବା ବେଳେ ଦେଶରେ ଆରମ୍ଭ ହୋଇଥିବା ବିଭିନ୍ନ ଷ୍ଟାର୍ଟଅପ୍‌ରେ ଅଧାରୁ ଅଧିକ ଟାୟାର-୨ ଏବଂ ଟାୟାର-୩ ବର୍ଗ ସହରରୁ ଆସିଛନ୍ତି। ତେଣୁ ଦେଶର ଷ୍ଟାର୍ଟ-ଅପ୍ ସଂସ୍କୃତି ଆଉ ବଡ଼ ସହରରେ ସୀମିତ ନାହିଁ। ସେହିପରି ଛୋଟ ଛୋଟ ସହରର ଷ୍ଟାର୍ଟ-ଅପ୍‌ଗୁଡ଼ିକରୁ ଅଧିକାଂଶର ନେତୃତ୍ୱ ଝିଅମାନେ ନେଉଛନ୍ତି। ଏପରିକି ନାଗାଲାଣ୍ଡ ଭଳି ରାଜ୍ୟରେ ଗତବର୍ଷ ୨୦୦ରୁ ଅଧିକ ଷ୍ଟାର୍ଟ-ଅପ୍‌ର ପଞ୍ଜୀକରଣ ହୋଇଛି। ଆମ ଦେଶର ଯୁବପିଢ଼ି ପାରମ୍ପରିକଠାରୁ ଆହୁରି ଆଗକୁ ଚିନ୍ତା କରୁଥିବା ପ୍ରମାଣ ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେହିପରି ଲାକ୍ଷାଦ୍ୱୀପର କାୱାର୍ତ୍ତି ଦ୍ୱୀପରେ ନର୍ସ କାମ କରୁଥିବା କେ. ହିଙ୍ଗଡୁମ୍ବିଜୀଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ୧୮ ବର୍ଷ ତଳୁ ସେବାନିବୃତ୍ତ ହୋଇସାରିଥିଲେ ମଧ୍ୟ ସେ କରୁଣା ଓ ସ୍ନେହର ସହ ଲୋକଙ୍କ ସେବାରେ ଲାଗିଛନ୍ତି। ଏହାଛଡ଼ା ଲାକ୍ଷାଦ୍ୱୀପର କେ.ଜି. ମହମ୍ମଦଙ୍କ ପ୍ରୟାସକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି, ଯିଏକି ନିଜର ପରିଶ୍ରମ ଦ୍ୱାରା ମିନିକଏ ଦ୍ୱୀପର ସାମୁଦ୍ରିକ ଇକୋସିଷ୍ଟମକୁ ମଜଭୁତ କରିପାରିଛନ୍ତି। ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ଲକ୍ଷ୍ୟନେଇ ସେ ଅନେକ ଗୀତ ଲେଖିଛନ୍ତି। ଲାକ୍ଷାଦ୍ୱୀପ ସାହିତ୍ୟ କଳା ଏକାଡେମୀ ପକ୍ଷରୁ ତାଙ୍କୁ ଉତ୍ତମ ଲୋକସଙ୍ଗୀତ ପୁରସ୍କାର ମଧ୍ୟ ମିଳିସାରିଛି। କେ.ଜି. ମହମ୍ମଦ୍ ଅବସର ଗ୍ରହଣ କରିବା ପରେ ମଧ୍ୟ ସେଠାକାର ସଂଗ୍ରହାଳୟ ସହ ମିଶି କାମ କରୁଥିବାରୁ ତାଙ୍କୁ ମୋଦି ପ୍ରଶଂସା କରିଛନ୍ତି। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ନିକୋବର ଜିଲ୍ଲାରେ ବିନା ରାସାୟନିକ ପ୍ରକ୍ରିୟାକରଣରେ ନଡ଼ିଆ ତେଲ ପ୍ରସ୍ତୁତିକୁ ଜିଆଇ ଟ୍ୟାଗ୍ ମିଳିଥିବାରୁ ଏହା ଆଦିବାସୀ ସମୁଦାୟକୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ ବୋଲି ମୋଦି ଆଶା କରିଛନ୍ତି।

# ଟ୍ରମ୍ପଙ୍କ ଡିନରରେ ଯୋଗଦେଲେ ଅମ୍ବାନି ଦମ୍ପତି



**ୱାଶିଂଟନ, ୧୯।୧:** ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ପୂର୍ବରୁ ଆୟୋଜିତ ରାତ୍ରୀ ଭୋଜନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନୀ ଯୋଗ ଦେଇଥିଲେ। ଅମ୍ବାନୀ ପରିବାର ଅନ୍ୟ ଭାରତୀୟ ଉଦ୍ୟୋଗୀଙ୍କ ସହ ରାତ୍ରି ଭୋଜନରେ ଉପସ୍ଥିତ ଥିଲେ, ଯେପରିକି ଏମ୍‌ଥ୍ରୀଏମ ଡେଭଲପର୍ସର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ବଂଶଲ ଏବଂ ଟ୍ରାଇବେକା ଡେଭଲପର୍ସ ପ୍ରତିଷ୍ଠାତା କଲ୍ପେଶ ମେହେଟ୍ଟା। ଭାରତରେ ଟ୍ରମ୍ପ ଟାୱାର ସ୍ଥାପନରେ କଲ୍ପେଶ ମେହେଟ୍ଟା ପ୍ରମୁଖ ଅଂଶୀଦାର ଅଟନ୍ତି। ଇନଷ୍ଟାଗ୍ରାମରେ ସେୟାର କରାଯାଇଥିବା ଫଟୋରେ ମେହେଟ୍ଟା ମୁକେଶ ଏବଂ ନୀତା ଅମ୍ବାନୀଙ୍କ ସହ ପୋଜ ଦେଉଥିବାର ଦେଖିବାକୁ ମିଳିଛି। ଏହି ଅବସରରେ ମୁକେଶ ଅମ୍ବାନୀ କଳା ରଙ୍ଗର ସୁଟ୍ ପିନ୍ଧିଥିବା ବେଳେ ନୀତା ଅମ୍ବାନୀ ସିଲ୍କ ଶାଢ଼ି ସହ ଲମ୍ବା ଓଭରକୋଟ୍ ପିନ୍ଧିଥିଲେ। ଏହି କାର୍ଯ୍ୟକ୍ରମରେ ଆହୁରି ଅନେକ ବଡ଼ ବଡ଼ ଶିଳ୍ପପତି ମଧ୍ୟ ଯୋଗ ଦେଇଥିଲେ। ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଏବଂ ମେଟା ସିଇଓ ମାର୍କ ଜୁକରବର୍ଗ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଟେସଲା ଓ ଟ୍ୱିଟରର ମୁଖ୍ୟ ଏଲନ ମସ୍କ ମଧ୍ୟ ଏହି ଡିନରରେ ଉପସ୍ଥିତ ଥିଲେ।

## ଫେବୃଆରୀ ୧୪ରେ ଚାଷୀଙ୍କ ସହ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ବୈଠକ

**ନୂଆଦିଲ୍ଲୀ, ୧୯।୧:** ଚଣ୍ଡିଗଡରେ ଆନ୍ଦୋଳନ କରୁଥିବା କୃଷକଙ୍କ ସହ ଫେବୃଆରୀ ୧୪ରେ ବୈଠକରେ କରିବେ କେନ୍ଦ୍ର ସରକାର। ଏନେଇ କେନ୍ଦ୍ର କୃଷି ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆମରଣ ଅନଶନ କରୁଥିବା ଚାଷୀ ନେତା ଜଗଜୀତ ସିଂହ ଦଲେଓ୍ୱାଲ ଏବଂ ମିଳିତ କୃଷକ ମୋର୍ଚ୍ଚାର ପ୍ରତିନିଧିଙ୍କୁ କେନ୍ଦ୍ର କୃଷି ସଚିବ ପ୍ରିୟ ରଞ୍ଜନ ସାକ୍ଷାତ କରିବା ପରେ ଏହି ନିଷ୍ପତ୍ତି ହୋଇଛି। ସେପଟେ ୫୪ ଦିନ ହେଲା ଆମରଣ ଅନଶନରେ ବସିଥିବା ଚାଷୀ ନେତା ଜଗଜୀତ ଦଲେଓ୍ୱାଲ ମେଡିକାଲ୍ ସହାୟତା ନେବାକୁ ରାଜି ହୋଇଛନ୍ତି ଏବଂ ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ପ୍ରିୟ ରଞ୍ଜନ କହିଛନ୍ତି, 'ଆମେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଛୁ ଏବଂ କୃଷକ ସଂଗଠନର ପ୍ରତିନିଧିଙ୍କ ସହ ଆଲୋଚନା କରିଛୁ। ତାଙ୍କୁ ଅନଶନ ଭଙ୍ଗ କରିବାକୁ ଅନୁରୋଧ କରାଯାଇଛି।' ଖନୌରି ସୀମାରେ ନଭେମ୍ବର ୨୬ରୁ ଦଲେଓ୍ୱାଲ ଆମରଣ ଅନଶନରେ ବସିଛନ୍ତି। ଦଲେୱାଲଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଥିବା ବେଳେ ତାଙ୍କ ଶରୀରର ଓଜନ ୨୦ କେଜି ହ୍ରାସ ପାଇଛି। ସେ ଏବେ ସୁଦ୍ଧା ମେଡିକାଲ ସହାୟତା ନେଇ ନାହାନ୍ତି। ଗତବର୍ଷ ଫେବୃଆରୀ ୮, ୧୨,୧୫ ଏବଂ ୧୮ରେ ସରକାର ଏବଂ କୃଷକଙ୍କ ମଧ୍ୟ ଆଲୋଚନା ହୋଇଥିଲା କିନ୍ତୁ ନିଷ୍କର୍ସ ବାହାରି ପାରିନଥିଲା। ଫସଲର ଏମଏସ୍‌ପି ପାଇଁ ଆଇନଗତ ଗ୍ୟାରେଣ୍ଟି ଦାବି କରିଆସିଛନ୍ତି କୃଷକ। ଜାନୁଆରୀ ୧୮ (ଶିନାବର) ପାଖରୁ ଖନୌରି ସୀମାରେ ଅନ୍ୟ ୧୦ କୃଷକ ଅନଶନ ଆରମ୍ଭ କରିଛନ୍ତି। ଏହା ସହ ଅନଶନରେ ବସିଥିବା କୃଷକଙ୍କ ସଂଖ୍ୟା ୧୨୧କୁ ବୃଦ୍ଧି ପାଇଛି। ସରକାରଙ୍କ ପାଖରୁ ମିଳିଥିବା ତାଜା ପ୍ରସ୍ତାବ ଉପରେ ଆଲୋଚନା କରାଯିବ ବୋଲି କୃଷକ ସଂଗଠନ ପକ୍ଷରୁ କୁହାଯାଇଛି।

# ମହାକୁମ୍ଭମେଳାରେ ଜାତୀୟ ସ୍ତରୀୟ ଖଦୀ ମେଳା ଉଦ୍‌ଘାଟିତ

**ପ୍ରୟାଗରାଜ, ୧୯।୧:**ପ୍ରୟାଗରାଜ କୁମ୍ଭନଗରୀ ମହାତ୍ମା ଗାନ୍ଧୀ ମାର୍ଗ ସେକ୍ଟର-୧ରେ ଗତ ୧୭ରେ ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ (କେଭିଆଇସି) ଅଧ୍ୟକ୍ଷ ମନୋଜ କୁମାରଙ୍କ ଦ୍ୱାରା ଜାତୀୟସ୍ତରୀୟ ଖଦୀ ମେଳା ଉଦଘାଟିତ ହୋଇଛି। ଫେବୃୟାରୀ ୨୬ ପର୍ଯ୍ୟନ୍ତ ଏହି ମେଳା ଚାଲୁ ରହିବ ବୋଲି ସୂଚନା ମିଳିଛି। ପଡ଼ିଥିବା ୧୫୨ଟି ଷ୍ଟଲ ଭିତରୁ ୯୮ଟି ଷ୍ଟଲରେ ଖଦି ସାମଗ୍ରୀ ଓ ୫୪ଟି ଷ୍ଟଲରେ ଗ୍ରାମୋଦ୍ୟୋଗ ସାମଗ୍ରୀ ପ୍ରଦର୍ଶିତ ହେଉଛି।

ଉଦଘାଟନୀ ଅବସରରେ ଶ୍ରୀ କୁମାର କହିଥିଲେ ଯେ ମହାକୁମ୍ଭ କେବଳ ବିଶ୍ୱାସର ପ୍ରତୀକ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି, ପରମ୍ପରା ଓ ଆତ୍ମ ନିର୍ଭରଶୀଳତାର ଦ୍ୟୋତକ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆତ୍ମ ନିର୍ଭରତା ଓ ସ୍ୱଦେଶୀର ପ୍ରତୀକ ଖଦୀ ପ୍ରତିଭାତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହା ଖଦୀ କ୍ରାନ୍ତିରେ ପରିଣତ ହୋଇ ଆତ୍ମନିର୍ଭର ଭାରତର ପ୍ରତୀକ ଭାବେ ପରିଗଣିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖଦି ଫର ନେସନ, ଖଦି ଫର ଫେସନ, ଖଦି ଫର ଟ୍ରାନ୍ସଫର୍ମେସନ ମିଶନ ଜରିଆରେ ଖଦି ଓ ଗ୍ରାମୋଦ୍ୟୋଗ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇପାରିଛି।

କାଶ୍ମୀରରୁ ତାମିଲନାଡୁ ଓ ମହାରାଷ୍ଟ୍ରରୁ ନାଗାଲାଣ୍ଡ ପର୍ଯ୍ୟନ୍ତ ୨୦ଟି ରାଜ୍ୟର ସାମଗ୍ରୀ ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛି। ଖଦୀ ପ୍ରଦର୍ଶନୀକୁ ବୁଲି ଆସି ଉଭୟ ଶ୍ରଦ୍ଧାଳୁ ଓ ପରିଦର୍ଶକ ଭୋକାଲ ଫର ଲୋକାଲ ମିଶନକୁ ପ୍ରୋତ୍ସାହିତ କରିବା ଦରକାର ବୋଲି ଶ୍ରୀ କୁମାର କହିଥିଲେ। ଏଥିସହ ଗତ ଦଶ ବର୍ଷ ଭିତରେ ଖଦୀ ଓ ଗ୍ରାମୋଦ୍ୟୋଗର ବିକାଶ ସମ୍ପର୍କରେ ସେ ସୂଚନା ଦେଇ କହିଥିଲେଯେ ଖଦୀ ଓ



ଗ୍ରାମୋଦ୍ୟୋଗ ଉତ୍ପାଦ ୨୬ ହଜାର କୋଟିରୁ ଏକ ଲକ୍ଷ କୋଟି ଟଙ୍କାକୁ ବଢ଼ିଥିବା ବେଳେ ବିକ୍ରି ପରିମାଣ ୩୧ ହଜାର କୋଟିରୁ ୧.୫୫ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ପୂର୍ବରୁ ଏହା ୪୩.୬୫ ପ୍ରତିଶତ ଥିବା ବେଳେ ଏବେ ୧.୮୭ କୋଟି ନିଯୁକ୍ତି ସୃଷ୍ଟି କରିପାରିଛି। ଏହାଛଡ଼ା ଗତ ଆର୍ଥିକ ବର୍ଷରେ ୧୦.୧୭ ଲକ୍ଷ ନୂଆ ଚାକିରି ସୃଷ୍ଟି ହୋଇପାରିଛି। ଏହାଛଡ଼ା ଖଦୀ କାରିଗରଙ୍କ ରୋଜଗାର ୨୧୩ ପ୍ରତିଶତ ବୃଦ୍ଧି ପାଇ ବଣ୍ଡଲ ଦର ୪ ଟଙ୍କାରୁ ୧୨ ଟଙ୍କା ୫୦ ପଇସାରେ ପହଞ୍ଚିସାରିଛି।

ଉତ୍ତର ପ୍ରଦେଶର ୪୫୦ଟି ଖଦି ଶିଳ୍ପୋଦ୍ୟୋଗରେ ୧.୪ ଲକ୍ଷ କୁଶଳୀ କାରିଗର ନିଯୁକ୍ତି ପାଇଥିବା ଏହି

### ୯୮ ଷ୍ଟଲରେ କେବଳ ଖଦୀ ସାମଗ୍ରୀ ଓ ୫୪ଟିରେ ଗ୍ରାମୋଦ୍ୟୋଗ ଉତ୍ପାଦ ସ୍ଥାନିତ

ଅବସରରେ କେଭିଆଇସି ଅଧ୍ୟକ୍ଷ ସୂଚନା ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ୟୁପିରେ ଏମଏମଡିଏ ଯୋଜନାରେ ୧୫ କୋଟି ଓ ଆଇଏସଇସି ଯୋଜନାରେ ୪ କୋଟି ଟଙ୍କା ବିତରଣ କରାଯାଇଛି। ଗ୍ରାମୋଦ୍ୟୋଗ ବିକାଶ ଯୋଜନାରେ ଗତବର୍ଷ ୧,୫୫୦ ହିତାଧିକାରୀଙ୍କୁ ଆବଶ୍ୟକୀୟ ଯନ୍ତ୍ରପାତି ପ୍ରଦାନ କରାଯାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧, ୮୫୦କୁ ବୃଦ୍ଧି ପାଇବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ନିଯୁକ୍ତି ସୁଯୋଗ କାର୍ଯ୍ୟକ୍ରମ (ପିଏମଇଜିପି) ଅଧୀନରେ ଡିସେମ୍ବର ସୁଦ୍ଧା ୟୁପିରେ ୧୩୭ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଫଳରେ ୩୮, ୫୮୮ଟି ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି।

ଭାରତର ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ଖଦୀ ବିପ୍ଳବର ପ୍ରମୁଖ ଭୂମିକା ରହିଥିବା ଶ୍ରୀ କୁମାର କହିଥିଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ମହାକୁମ୍ଭ ପ୍ରୟାଗରାଜକୁ ଏକ ପ୍ରମୁଖ ତୀର୍ଥସ୍ଥାନରେ ପରିଣତ କରିବ ବୋଲି ଶ୍ରୀ ମନୋଜ କୁମାର କହିଥିଲେ। କାର୍ଯ୍ୟକ୍ରମରେ ଉତ୍ତର ପ୍ରୟାଗରାଜ ବିଧାୟକ ହର୍ଷ ବର୍ଦ୍ଧନ ବାଜପେୟୀ ଓ ମେୟର ଗଣେଶ କେଶରବାନି, ଖଦୀ ପ୍ରତିଷ୍ଠାନର ପ୍ରତିନିଧି, ପିଏମଇଜିପି ହିତାଧିକାରୀ, ୟୁପି ସରକାରଙ୍କ ଖଦୀ କର୍ମଚାରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ।



## ଅଷ୍ଟ୍ରେଲିଆନ୍ ଓପନରେ ଇତିହାସ ରଚିଲେ ତିଏନ୍

**ମେଲବର୍ଣ୍ଣ, ୧୯।୧:** ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ପ୍ରତିଯୋଗିତାରେ ଆମେରିକୀୟ କିଶୋର ଲିନର ତିଏନ୍ ଇତିହାସ ରଚିଛନ୍ତି। ଗତ ୨୦ବର୍ଷ ମଧ୍ୟରେ ଯୋଗ୍ୟତା ପର୍ଯ୍ୟାୟ ଖେଳି ମୁଖ୍ୟ ଡ୍ର'କୁ ଯାଇଥିବା ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲିଆନ୍ ଓପନ୍‌ର ଚତୁର୍ଥ ରାଉଣ୍ଡ୍‌ରେ ପ୍ରବେଶ କରିବାରେ ସ୍ପେନ୍‌ର କିଂବଦନ୍ତି ତାରକା ରାଫେଲ ନାଦାଲଙ୍କ ପରେ ସର୍ବକନିଷ୍ଠ ହୋଇଛନ୍ତି ସେ । ଶନିବାର କଡ଼ା ସଂଘର୍ଷପୂର୍ଣ୍ଣ ତୃତୀୟ ରାଉଣ୍ଡ୍ ମୁକାବିଲାରେ ଫ୍ରାନ୍ସର କରେଣ୍ଟିନ୍ ମୁତେତଙ୍କୁ ୭-୬ (୧୦), ୬-୩, ୬-୩ ସେଟ୍‌ରେ ହରାଇ ୧୯ ବର୍ଷୀୟ ଲିନର ଏଭଳି ସ୍ମରଣୀୟ ସଫଳତା ପାଇଛନ୍ତି। ବିଶ୍ୱମାନ୍ୟତାର ୧୨୧ତମ ସ୍ଥାନରେ ଥିବା ଲିନରଙ୍କ ସହ ୨୦ବର୍ଷୀୟ ଆମେରିକୀୟ ଆଲେକ୍ସ ମିଚେଲସନ୍ ମଧ୍ୟ ୨୦୨୩ ସେମିଫାଇନାଲିଷ୍ଟ ରୁଷିଆର କାରେନ୍ ଖାଚାନୋଭଙ୍କୁ ୬-୩, ୭-୬ (୫), ୬-୨ରେ ହରାଇ ଚତୁର୍ଥ ରାଉଣ୍ଡକୁ ଯାଇଛନ୍ତି। ଏହା ପୂର୍ବରୁ ପୁରୁଷ ଏକକ ପ୍ରଥମ ରାଉଣ୍ଡ୍‌ରେ ମିଚେଲସନ୍ ଏକାଦଶ ସିଡ୍ ଷ୍ଟିଫାନସ୍ ସିସିପାସ୍‌ଙ୍କୁ ହରାଇ ଆରମ୍ଭରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ଟାଇଟଲ୍ ଦାବିଦାର ସର୍ବିୟାର ନୋଭାକ ଜୋକୋଭିକ୍ ୬-୧, ୬-୪, ୬-୪ରେ ଚେସ୍ ରିପବ୍ଲିକ୍‌ର ଟୋମାସ୍ ମାଚାକ୍‌ଙ୍କୁ ମାତ୍ ଦେଇ ନିଜ ସପ୍ତଦଶ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ବିଜୟ ଦିଗରେ ଆଉ ଏକ ବଡ଼ ପାଦ ବଢ଼ାଇଛନ୍ତି। ସେହିଭଳି ତୃତୀୟ ସିଡ୍ କାର୍ଲୋସ୍ ଆଲକାରାଜ୍, ଗତଥର ବିଜେତା

## ଡ୍ରାଗନ୍ସ ବିଜୟରେ ବ୍ରେକ୍ ଲଗାଇଲା ତୋଫାନ୍ସ

### ୪-୦ ଗୋଲ୍‌ରେ ଜିତିଲା



ହକି ଇଣ୍ଡିଆ ଲିଗ୍

**ରାଞ୍ଚି,୧୯।୧:** ଚଳିତ ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ହାଇଦ୍ରାବାଦ ତୋଫାନ୍ସ ଏବଂ ୟୁପି ରୁଦ୍ରସ ବିଜୟ ହାସଲ କରିଛନ୍ତି। ତୋଫାନ୍ସ ୪-୦ରେ ଟେବୁଲ ଟପ୍ପର ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଥିଲା। ଏଥିସହ ଡ୍ରାଗନ୍ସର ବିଜୟଧାରାରେ ବ୍ରେକ୍ ଲାଗିଛି। ତଥାପି ଦଳ (୧୫ପଏଣ୍ଟ) ପଏଣ୍ଟ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଅନ୍ୟ ଏକ ମ୍ୟାଚ୍‌ରେ ରୁଦ୍ରସ ୧-୦ ଗୋଲ୍‌ରେ ଗୋନାଶିକାକୁ ହରାଇଥିଲା।

**ତୋଫାନ୍ସ-ଡ୍ରାଗନ୍ସ:** ଏହି ମ୍ୟାଚ୍ ଏକତରଫା ହୋଇଥିଲା। ୪ଟି ଯାକ କ୍ୱାର୍ଟରରେ ତୋଫାନ୍ସ ଆଧିପତ୍ୟ ବିସ୍ତାର କରି ଖେଳି ୪ଟି ଗୋଲ୍ ସ୍କୋର କରିଥିଲା। ଦଳ ପକ୍ଷରୁ ଗୋଞ୍ଜାଲୋ ପିଲାଟ ୨ଟି (୨୧, ୪୮ମିନିଟ୍) ଏବଂ ୩୧ମିନିଟ୍‌ରେ ଆର୍ଥର ଡି ସ୍ଲୋଭର ଓ ୩୩ମିନିଟ୍‌ରେ ଟିମ୍ ବ୍ରାଣ୍ଡ ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ। ସିଜନରେ ଦଳ ପଞ୍ଚମ ବିଜୟ ସହ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ତୋଫାନ୍ସ ୭ଟି ମ୍ୟାଚ୍ ଖେଳି ମୋଟ ୧୩ ପଏଣ୍ଟ ପାଇଛି।

**ରୁଦ୍ରସ-ଗୋନାଶିକା:** ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରର ଅନ୍ତିମ ମିନିଟରେ ହାର୍ଦ୍ଦିକ ସିଂହଙ୍କ ଗୋଲ୍ ବଳରେ ରୁଦ୍ରସ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ବାକି ସମୟର ଖେଳରେ ଆଉ ଗୋଲ୍ ହୋଇନଥିଲା। ଏହି ବିଜୟ ସହ ରୁଦ୍ରସ ପଏଣ୍ଟ ତାଲିକାରେ ତୃତୀୟକୁ ଉଠିଛି। ଦଳ ୭ଟି ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ସହ ମୋଟ ୧୨ ପଏଣ୍ଟ ପାଇଛି।

# ଖୋଖୋ ବିଶ୍ୱକପ୍‌ରେ ଭାରତକୁ ଡବଲ୍ ଟାଇଟଲ୍




**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ) :** ପ୍ରଥମ ଖୋଖୋ ବିଶ୍ୱକପ ପ୍ରତିଯୋଗିତାରେ ଇତିହାସ ରଚିଲା ଭାରତୀୟ ମହିଳା ଓ ପୁରୁଷ ଖୋଖୋ ଦଳ। ନେପାଳ ବିରୁଦ୍ଧରେ ଉଭୟ ଦଳ ବିଜୟ ହାସଲ କରି ଟାଇଟଲ୍ ଅର୍ଜନ କରିଛନ୍ତି। ନେପାଳ ମହିଳା ଖୋଖୋ ଦଳକୁ ପରାସ୍ତ କରି ବିଜୟ ହାସଲ କଲା ଭାରତୀୟ ମହିଳା ଖୋଖୋ ଦଳ। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ଖୋଖୋ ବିଶ୍ୱକପ୍ ପ୍ରତିଯୋଗିତାରେ ମହିଳା ଟିମର ବିଜୟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ। ପ୍ରଥମ ଖୋଖୋ ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତୀୟ ମହିଳା ଖୋଖୋ ଦଳର ଐତିହାସିକ ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ଭାରତୀୟ ମହିଳା ଖୋଖୋ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଭାତୀୟ ମହିଳା ଖୋଖୋ ଦଳର ସମସ୍ତ କ୍ରୀଡ଼ାବିତମାନେ ବିଶ୍ୱ ମଞ୍ଚରେ ଆମ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ଆଜିର ଏହି ଐତିହାସିକ ବିଜୟ ଦେଶର ଲକ୍ଷଲକ୍ଷ ଯୁବ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ାକ୍ଷେତ୍ରରେ ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ୨୦୨୫ ଜାନୁଆରୀ ଠାରୁ ୨୦୨୭ ଡିସେମ୍ବର ପର୍ଯ୍ୟନ୍ତ (୩ ବର୍ଷ ପାଇଁ) ରାଜ୍ୟ ସରକାର ଭାରତୀୟ ଜାତୀୟ ଖୋଖୋ ଦଳକୁ ସ୍ପନସର କରୁଛନ୍ତି। ଏଥିପାଇଁ ବର୍ଷକୁ ୫ କୋଟି ଏବଂ ସମୁଦାୟ ୧୫ କୋଟି ଟଙ୍କା ଖର୍ଚ୍ଚ କରିବେ ସରକାର ।

## ଦୁର୍ଘଟଣାରେ ମନୁ ଭାକରଙ୍କ ଆଈ ଓ ମାମୁଁ ମୃତ

**ନୂଆଦିଲ୍ଲୀ, ୧୯।୧:** ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ୨ଟି ପଦକ ଜିତିଥିବା ସୁଟର୍ ମନୁ ଭାକରଙ୍କ ଆଈ ଏବଂ ମାମୁଁଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମହେନ୍ଦ୍ରଗଡ ବାଇପାସ୍ ରୋଡରେ ସଡ଼କ ଦୁର୍ଘଟଣାରେ ଏମାନଙ୍କ ଜୀବନ ଚାଲିଯାଇଛି। ଏକ କାର ସହିତ ସ୍କୁଟି ଧକ୍କା ହେବା ଫଳରେ ଜୀବନ ଚାଲିଯାଇଛି। ଧକ୍କା ଏତେ ଜୋରରେ ଥିଲା ଯେ, ଘଟଣା ସ୍ଥଳରେ ମନୁ ଭାକରଙ୍କ ମାମୁଁ ଏବଂ ଆଈଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ କାର୍ ଚାଳକ ଫେରାର ହୋଇଯାଇଛି। ମନୁ ଭାକରଙ୍କ ମାମୁଁ ଯୁଦ୍ଧବୀର ହରିୟାଣା ରୋଡୱେଜରେ କାମ କରନ୍ତି। ସେ ସକାଳେ ଚାକିରି ପାଇଁ ସ୍କୁଟିରେ ବାହାରୁଥିବା ବେଳେ ଆଈ ସାନ ମାମୁଁଙ୍କ ପାଖକୁ ଯିବାକୁ ବାହାରିଥିଲେ। ତେଣୁ ବଡ ମାମୁଁ (ଯୁଦ୍ଧବୀର), ଆଈଙ୍କୁ ନେଇ ସ୍କୁଟିରେ ଯାଇଥିବା ବେଳେ କଲିୟାଣା ମୋଡ ନିକଟରେ ଅନ୍ୟ ଦିଗରୁ ଆସୁଥିବା ଦ୍ରୁତଗାମୀ କାର ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଗାଡିର ରାସ୍ତା କଡ଼ରେ ଓଲଟି ପଡିଥିଲା। ଆଉ ଘଟଣା ସ୍ଥଳରେ ଉଭୟଙ୍କ ଜୀବନ ଚାଲିଯାଇଥିଲା। ଘଟଣା ବିଷୟରେ ଖବର ପାଇଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି। ମନୁ ଭାକରଙ୍କ ମାମୁଁ ଏବଂ ଆଈଙ୍କ ମୃତଦେହକୁ ଜବତ କରି ପୋଷ୍ଟ ମର୍ଟମ ପାଇଁ ପଠାଯାଇଛି। ଗାଡି ଡ୍ରାଇଭରକୁ ପୋଲିସ ଖୋଜୁଛି। ପୋଲିସ ମୃତକଙ୍କ ପରିଚୟ ପାଇଛି। ୫୦ ବର୍ଷୀୟ ଯୁଦ୍ଧବୀର (ମାମୁଁ) ଏବଂ ୬୫ ବର୍ଷୀୟ ସାବିତ୍ରୀ (ଆଈ) ଭାବେ ପରିଚୟ ମିଳିଛି। ଏମାନେ ହରିୟାଣାର ଭିବାନୀ ଜିଲ୍ଲାର କଲାଲୀ ଗାଁରେ ରହୁଥିଲେ। ୨୦୨୪ର ପ୍ୟାରିସ ଅଲିମ୍ପିକ୍ସରେ ୧୦ ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ଇଭେଣ୍ଟ ଏବଂ ୧୦ ମିଟର ଏୟାର ପିସ୍ତଲର ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଲେ ମନୁ ଭାକର। ଏଥିପାଇଁ ତାଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯାଇଥିଲା ।

# ପଞ୍ଚମ ଥର ପାଇଁ କର୍ଣ୍ଣାଟକ ଜିତିଲା ବିଜୟ ହଜାରେ ଟ୍ରଫି

### ୩୬ ରନରେ ହାରି କରୁଣ ନାୟରଙ୍କ ଟିମ୍ ରନର୍ସଅପ୍



**ନୂଆଦିଲ୍ଲୀ, ୧୯।୧:** ମୟଙ୍କ ଅଗ୍ରୱାଲଙ୍କ ଅଧିନାୟକତ୍ୱରେ କର୍ଣ୍ଣାଟକ ଇତିହାସ ରଚିଛି। ବିଜୟ ହଜାରେ ଟ୍ରଫି ନିଜ ନାମରେ କରିଛି କର୍ଣ୍ଣାଟକ। ସ୍ମରଣ ରବିଚନ୍ଦ୍ରନଙ୍କ ଶତକୀୟ ଇନିଂସ ବଳରେ କର୍ଣ୍ଣାଟକ ପ୍ରଥମେ ଖେଳି ୩୪୮ ରନ୍ କରିଥିଲା। ଜବାବରେ କରୁଣ ନାୟରଙ୍କ ବିଦର୍ଭ ଟିମ୍ ୩୧୨ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ କର୍ଣ୍ଣାଟକ ୩୬ ରନରେ ଜିତିଛି। କର୍ଣ୍ଣାଟକ ୫ମ ଥର ପାଇଁ ବିଜୟହଜାରେ ଟ୍ରଫି ଟାଇଟଲ ନିଜ ନାମରେ କରିଛି।

ବାମହାତୀ ବ୍ୟାଟର ସ୍ମରଣ ରବିଚନ୍ଦ୍ରନ ୯୨ ବଲରେ ୧୦୧ ରନ୍ ଇନିଂସ ଖେଳିବା ସହିତ ଚତୁର୍ଥ ୱିକେଟ୍ ପାଇଁ ୱିକେଟ୍ କିପର ବ୍ୟାଟର କୃଷ୍ଣନ୍ ଶ୍ରୀଜିତ୍ (୭୪ ବଲରେ ୭୮ ରନ୍) ଏବଂ ଅଭିନାଭ ମନୋହର (୪୨ ବଲରେ ୭୯ ରନ୍)ଙ୍କ ସହିତ ୧୬୦ ରନ୍ କରିଥିଲେ। ଫଳରେ କର୍ଣ୍ଣାଟକ ୫୦ ଓଭରରେ ୬ ଟି ୱିକେଟ୍ ୩୪୮ ରନ୍ କରିଥିଲା। ଲକ୍ଷ୍ୟକୁ ପିଛା କରି ଶୋରେ ୧୧୦ ରନ ଏବଂ ଶେଷ ଓଭରରେ ୩୦ ଟି ବଲରେ ହର୍ଷ ଦୁବେଙ୍କ ୬୩ ଇନିଂସ ସତ୍ତ୍ୱେ କର୍ଣ୍ଣାଟକ ଦଳ ୪୮.୨ ଓଭରରେ ୩୧୨ ରନ୍ ରେ ଅଲଆଉଟ ହୋଇଥିଲା। ହର୍ଷ ୫ଟି ଚଉକା ଏବଂ ୫ଟି ଛକା ମାରିଥିଲେ। କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ଶତକ ହାସଲ କରିଥିବା ଶୋରେଙ୍କୁ ସାଥି ଖେଳାଳିଙ୍କ ସହଯୋଗ ମିଳିନଥିଲା। ତେଣୁ ପ୍ରସିଦ୍ଧ କୃଷ୍ଣାଙ୍କ ବଲରେ 'ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ' କରୁଣ ୨୭ରନ କରି ଆଉଟ ହୋଇଥିଲେ। ତେବେ ବିଦର୍ଭ ମ୍ୟାଚ୍ ନ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଟୁର୍ନାମେଣ୍ଟରେ ଏହାର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବଡ଼ ଇନିଂସ ଯୋଗୁଁ ମଧ୍ୟମ ଅର୍ଡର ବ୍ୟାଟିଂ କରିବାକୁ ଅଧିକ ସୁଯୋଗ ପାଇ ନଥିଲା। କର୍ଣ୍ଣାଟକ ଟିମ୍ ୨୦୧୩-୧୪ ସିଜିନ, ୨୦୧୭-୧୮, ୨୦୧୯-୨୦ ଏବଂ ୨୦୨୪-୨୫ସିଜିନରରେ ଚାମ୍ପିଅନ ହୋଇଛି।

**ବିଦର୍ଭଙ୍କ ଏକାଦଶ:** ଧ୍ରୁବ ଶୋରେ, ଯଶ ରାଠୋର, କରୁଣ ନାୟାର (ଅଧିନାୟକ), ଜିତେଶ ଶର୍ମା (ୱିକେଟ୍ କିପର), ଶୁଭମ୍ ଦୁବେ, ଅପୂର୍ବ ୱାନଖଡେ, ହର୍ଷ ଦୁବେ, ନଚିକେଟ ଭୁଟ୍, ଯଶ କଦମ, ଦର୍ଶନ ନାଲକାଣ୍ଡେ, ଯଶ ଠାକୁର।

**କର୍ଣ୍ଣାଟକର ଏକାଦଶ:** ମୟଙ୍କ ଅଗ୍ରୱାଲ (ଅଧିନାୟକ), ଦେବଦତ୍ତ ପାଡିକଲ, ଅନିଶ କେ.ଭି, ସ୍ମୃତି ରବୀଚନ୍ଦ୍ରନ, କୃଷ୍ଣନ ଶ୍ରୀଜିତ୍ (ୱିକେଟ୍ କିପର), ଅଭିନଭ ମନୋହର, ଶ୍ରେୟାସ ଗୋପାଳ, ହାର୍ଦ୍ଦିକ ରାଜ, ପ୍ରସାଦ କୃଷ୍ଣ, ଭାସୁକି କୌଶିକ, ଅଭିଲାଶ ଶେଟ୍ଟୀ



## ଜାତୀୟ ସୁନ୍ଦରସ୍ୱାସ୍ଥ୍ୟ: ପିଙ୍କିଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୯।୧:** ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଆ ଝିଅ ପିଙ୍କି ବେହେରା। ୨୮ ବର୍ଷୀୟା ପିଙ୍କି ମହିଳା ବିକିନି ପତ୍ରିଯୋଗିତାରେ ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍ସ ବିବେଚିତ ହୋଇ 'ମିସ୍ ଇଣ୍ଡିଆ' ମୁକୁଟ ବି ଜିତିଛନ୍ତି। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ୧୮ ରାଜ୍ୟରୁ ୧୨୮ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥି ମଧ୍ୟରେ ୨୯ ଜଣ ମହିଳା ବଡି ବିଲ୍ଡର ବି ସାମିଲ ଥିଲେ। ବିଗତ ୫ ବର୍ଷ ଧରି ପିଙ୍କି ଭୁବନେଶ୍ୱର ଜାଗୁଆର୍ ଫିଟ୍‌ନେସ୍ ଲାଇଭ୍‌ର ପ୍ରଶିକ୍ଷକ ଗୌରୀଶଙ୍କର ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଇ ଖେଳ ଜୀବନ ଗଢ଼ିଛନ୍ତି। ଜାତୀୟ ମୁକୁଟ ବିଜୟିନୀ ହେବା ପରେ ପିଙ୍କିଙ୍କୁ ଅଲ୍ ଓଡ଼ିଶା ବଡ଼ି ବିଲ୍ଡିଂ ଆଣ୍ଡ୍ ଫିଟନେସ୍ ସଂଘର ସଭାପତି ଦାଶରଥି ଗରାବଡ୍ଡୁ, କାର୍ଯ୍ୟକାରୀ ସଭାପତି ସୁରେଶ ପଣ୍ଡା, ସାଧାରଣ ସମ୍ପାଦକ ଗୌରୀଶଙ୍କର ବେହେରା, ଉପ ସଭାପତି ମାନସ ରଂଜନ ଦାସ ପ୍ରମୁଖ ଅଭିନନ୍ଦନ ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ଆୟକର...

ପ୍ରାବଧାନକୁ ହଟାଯିବ। ଆୟକର ଅଧିନିୟମ, ୧୯୬୧ରେ ବର୍ତ୍ତମାନ ପ୍ରାୟ ୨୯୮ ସେକ୍ସନ ଏବଂ ୨୩ ଚାପ୍ଟର ରହିଛି। ଏଥିରେ ବ୍ୟକ୍ତିଗତ ଆୟକର, କର୍ପୋରେଟ୍ ଟ୍ୟାକ୍ସ, ସିକ୍ୟୁରିଟିଜ୍ ଟ୍ରାଞ୍ଜେକ୍ସନ ଟ୍ୟାକ୍ସ, ଗିଫ୍ଟ ଆଣ୍ଡ ୱେଲ୍ଥ ଟ୍ୟାକ୍ସ ପରି ଟିକସ କଥା ଉଲ୍ଲେଖ ରହିଛି। ତେବେ ଧିରେ ଧିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବେ ସବୁ କ୍ଷେତ୍ରରେ ବ୍ୟବହାର ହେଉଥିବାରୁ ସାଇବର ସୁରକ୍ଷା ଏବେ କେନ୍ଦ୍ର ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ। ତେଣୁ ବଜେଟରେ ସାଇବର ସୁରକ୍ଷାକୁ ଅନ୍ୟାନ୍ୟ ଆବଶ୍ୟକତା ଭଳି ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଉଛି। ଶିକ୍ଷା, କେନ୍ଦ୍ର ସରକାରଙ୍କ ଅନ୍ୟତମ ଫୋକସ ଏରିଆ। ଏହି କ୍ଷେତ୍ରରେ ବଜେଟ ପ୍ରାବଧାନ ୨୦୧୫ରୁ ୨୦୨୪ ମଧ୍ୟରେ ଜିଡିପିର ୪.୧ରୁ ୪.୬ ପ୍ରତିଶତ ମଧ୍ୟରେ ରହୁଛି। ତେବେ ଜାତୀୟ ଶିକ୍ଷା ନୀତି ଲାଗୁ ହେବା ପରେ ଶିକ୍ଷା କ୍ଷେତ୍ରରେ ୬ ପ୍ରତିଶତ ପର୍ଯ୍ୟନ୍ତ ବଜେଟ ବ୍ୟୟ ବରାଦ ବୃଦ୍ଧି କରାଯିବ ବୋଲି ଆକଳନ କରାଯାଉଛି। ସେହିଭଳି ଟେକ୍ନୋଲୋଜି ଏବେ ପ୍ରଶାସନର ଏକ ଅଙ୍ଗ ଭଳି କାମ କରୁଛି। ଆଗକୁ ମଧ୍ୟ ପ୍ରଶାସନକୁ ଟେକ୍ନୋଲୋଜି ଦ୍ୱାରା ହିଁ ନିୟନ୍ତ୍ରଣ କରାଯିବ। ଏହିଦୃଷ୍ଟିରୁ ଦେଶରେ ଟେକ୍ନୋଲୋଜି ବ୍ୟବହାରକୁ ବଢାଇବା ସହ ଡିଜିଟାଲ ଇନଭେଷ୍ଟମେଣ୍ଟ ପାଇଁ ଅଧିକ ବ୍ୟୟବରାଦ କରାଯିବ ବୋଲି ଆଶା କରାଯାଉଛି। ବୀମା କ୍ଷେତ୍ରରେ ମଧ୍ୟ ଟିକସ ହାର ହ୍ରାସ କିମ୍ବା ଜିଏସଟି ସମତୁଲ କରିବା ନେଇ ଆଶା କରାଯାଉଛି। ଏପିରିକି ଟିକସ ରିହାତି ପାଇଁ ୮୦-ସି ଓ ୮୦-ଡି ଭିନ୍ନ ଅନ୍ୟ ଏକ ସେକ୍ସନ ଲାଗୁ କରାଯିବା ନେଇ ଆଶା କରାଯାଉଛି। ଏଥିସହିତ ବୀମା କ୍ଷେତ୍ରରେ ଶହେ ପ୍ରତିଶତ ବିଦେଶୀ ପୁଂଜିନିବେଶକୁ ପ୍ରୋତ୍ସାହିତ କରାଯିବ ବୋଲି ମଧ୍ୟ ଆଶା କରାଯାଉଛି। ଏଥିସହ ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ବିକାଶକୁ ପୂର୍ବ ପରି କେନ୍ଦ୍ର ସରକାର ଗୁରୁତ୍ୱ ଦେବେ। କେନ୍ଦ୍ରର ଫ୍ଲାଗସିପ ଯୋଜନା ଆୟୁଷ୍ମାନ ଭାରତର କାର୍ଯ୍ୟକାରିତାରେ ଥିବା ତ୍ରୁଟି ଦୂର କରିବା ସହ ଏହାର ସଫଳ ରୂପାୟନ ନେଇ ଗୁରୁତ୍ୱ ଦେବେ କେନ୍ଦ୍ର ସରକାର। ଏଥର ରେଳ ପାଇଁ ବ୍ୟୟବରାଦ ୨୦% ବଢ଼ିପାରେ ବୋଲି ରେଳବାଇ ଅଧିକାରୀ ସୂଚନା ଦେଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷ ଭାରତୀୟ ରେଳ ପାଇଁ ୨.୬୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟବରାଦ କରାଯାଇଥିବାବେଳେ ୨୦୨୫-୨୬ ପାଇଁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିପାରେ ବୋଲି ଆକଳନ କରାଯାଉଛି । ଏଥର ବଜେଟରେ ରେଳ ଷ୍ଟେଶନ୍‌ଗୁଡ଼ିକର ବିକାଶ, ଅତ୍ୟାଧୁନିକ ଟ୍ରେନ୍ ଲଞ୍ଚିଂ ଏବଂ ଟ୍ରାକ୍ ନେଟ୍‌ୱର୍କ ବିସ୍ତାରକୁ ପ୍ରାଥମିକତା ଦିଆଯିବ ବୋଲି ଆଶା କରାଯାଉଛି। ରେଳପଥ ଆକଳନ ଅନୁସାରେ, ଚଳିତ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ପୁଞ୍ଜିବରାଦର ପ୍ରାୟ ୮୦ ପ୍ରତିଶତ ଖର୍ଚ୍ଚ ହୋଇସାରିଛି ।

### ଓଡ଼ିଶା...

ପ୍ଲାଣ୍ଟ, ଇଭି, ଲିଥିୟମ୍ ରିଫାଇନାରୀ, ତମ୍ବା ସ୍ମେଲଟର ଏବଂ ଆନୁଷଙ୍ଗିକ ଉପାଦାନ ଉତ୍ପାଦନ ୟୁନିଟ୍ ସ୍ଥାପନ ହେବାର ଅଛି। କମ୍ପାନୀର ଉଚ୍ଚାଭିଳାଷୀ ଇଭି ଏବଂ ଉପାଦାନ ଉତ୍ପାଦନ ପ୍ରକଳ୍ପ ପାଇଁ ରାଜ୍ୟ କ୍ୟାବିନେଟ୍ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ଅନୁମୋଦନ କରିବା ପରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂ ବୋର୍ଡର ୬୪ତମ ବୈଠକ ଲୋକସେବା ଭବନସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଖଣି ମନ୍ତ୍ରଣାଳୟ ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଭିଏଲ କାନ୍ତ ରାଓ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ସାହା ଓ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅନୁସନ୍ଧାନ, ଗବେଷଣା ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରି ଭୂବିଜ୍ଞାନର ଅଗ୍ରଗତି, ଖଣିଜ ଅନୁସନ୍ଧାନ ରଣନୀତି ଏବଂ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋଚନା କରିଥିଲା। ଖଣିଜ ସମ୍ପଦ ବୃଦ୍ଧି, ସ୍ୱଚ୍ଛ ଶକ୍ତି ପଦକ୍ଷେପ, ଭୂ-ବିପର୍ଯ୍ୟୟ ପରିଚାଳନା ଏବଂ ନିରନ୍ତର ବିକାଶ ଉପରେ ଗୁରୁତ୍ୱ ଦେଇ ଉଦୀୟମାନ ପ୍ରାଥମିକତା ପ୍ରତି ସହଯୋଗୀ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ୨୦୨୫-୨୬ ବର୍ଷ ପାଇଁ ଜିଏସଆଇ ପ୍ରାୟ ୧୦୬୫ଟି ବୈଜ୍ଞାନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି, ଯେଉଁଥିରେ ୪୦୨ଟି ଖଣିଜ ବିକାଶ ପ୍ରକଳ୍ପ ଅନ୍ତର୍ଭୁକ୍ତ ଯାହା ନିକଟ ଭବିଷ୍ୟତରେ ନିଲାମଯୋଗ୍ୟ ଖଣିଜ ବ୍ଲକ ସୃଷ୍ଟି କରିବାର କ୍ଷମତା ରଖିଛି। ଅନୁସନ୍ଧାନ କାର୍ଯ୍ୟକଳାପ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନୁସନ୍ଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଆରଇଇ, ଆରଏମ, ଗ୍ରାଫାଇଟ୍, ଲିଥିୟମ୍, ଭାନାଡିୟମ୍ ଏବଂ ପିଜିଇ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟକୁ ଲକ୍ଷ୍ୟ କରି ୨୨୭ଟି ଉତ୍ସର୍ଗୀକୃତ ପ୍ରକଳ୍ପ ପୂର୍ବ ବର୍ଷ ତୁଳନାରେ ୧୬% ବୃଦ୍ଧି ପାଇଛି। ଏଫଏସ ୨୦୨୫-୨୬ ପାଇଁ ଜିଏସଆଇର କ୍ଷେତ୍ର ରତ୍ନ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ୨୫% ଅନୁସନ୍ଧାନ ଅନ୍ତର୍ଭୁକ୍ତ, ଯେଉଁଥିରେ ଜିଏସଆଇର ମୋଟ ବଜେଟ ମଧ୍ୟରୁ ପ୍ରାୟ ୩୦୦ କୋଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନ୍ୱେଷଣ ଏବଂ ଅନୁସନ୍ଧାନରେ ଖର୍ଚ୍ଚ କରାଯିବ।

### ଛୁଟିଦିନରେ...

କଡାକଡ଼ି କରିବାକୁ ପୁଲିସ୍ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥିସହ ମାଓ ପ୍ରବଣ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ଆଗାମୀ ଦିନରେ ପୁଲିସ ବିଭାଗର ଖାଲି ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପୁଣି ଶ୍ରୀମନ୍ଦିର...

ପରେ ଶ୍ରୀମନ୍ଦିର ପ୍ରଶାସନର ଚେତା ପଶିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୁରୀ ଏସପିଙ୍କ ସହ କଥା ହୋଇଛନ୍ତି। ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇସାରିଛି। ଶ୍ରୀମନ୍ଦିର ଭିତର ଚିତ୍ର ତଥା ଭିଡିଓ ଉତ୍ତୋଳନ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁନର୍ବାର ଶ୍ରୀମନ୍ଦିରର ସମସ୍ତ ସେବକ, ଅଧିକାରୀ ତଥା କର୍ମଚାରୀଙ୍କୁ ଚେତାଇ ଦିଆଯାଇଛି ଯେ ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ୍ କିମ୍ବା କ୍ୟାମେରା ଯିବନାହିଁ । ଯିଏ ଏହାର ବ୍ୟତିକ୍ରମ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଚିତ୍ର ବା ଭିଡିଓ ଉତ୍ତୋଳନ କରିଥିବା ଭକ୍ତଙ୍କୁ ଦର୍ଶନ କରେଇଥିବା ସେବକ ବା ପଣ୍ଡାଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ହସ୍ପିଟାଲ୍‌ରେ...

ରବୀନ୍ଦ୍ର ତାଙ୍ଗ (୧୦) ଓ ସୁଜିତ ତାଙ୍ଗ (୪) ସାଙ୍ଗ ହୋଇ ଗ୍ରାମର ସୁନ୍ଦରସିଂ ଟିଉଙ୍କ ବାଡ଼ିରେ ଖେଳୁଥିଲେ। ଖେଳୁ ଖେଳୁ ବାଡ଼ିରେ ଫଳିଥିବା ଏକ କମଳା ତୋଳି ଖାଇବା ପାଇଁ ଲୁଣ ଖୋଜିଥିଲେ। ତେବେ ବଗିଚାରେ ଦେବା ପାଇଁ କାଛରେ ଟଙ୍ଗା ଯାଇଥିବା ପଟାସ ଓ ୟୁରିଆ ସାରକୁ ଲୁଣ ଭାବି ଖାଇ ଦେଇଥିଲେ । ଫଳରେ କିଛି ସମୟ ପରେ ସମସ୍ତେ ବାନ୍ତି କରିବା ସହ ଅଚେତ ହୋଇଯାଇଥିଲେ। ଏହା ଦେଖି ପରିବାର ଲୋକେ ଦେଶୀ ଚିକିତ୍ସା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ପରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ନିକଟସ୍ଥ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସା ପରେ ୩ ଜଣଙ୍କ ଅବସ୍ଥା ସ୍ଥିର ଥିବା ବେଳେ ୨ ଜଣ ଶିଶୁ ଗୁରୁତର ଥିବା ଜଣାପଡ଼ିଛି।

### କହି ଦେଉଥାଇ...

ଏଥିସହିତ ରାଜ୍ୟ ସରକାର ସରକାରୀ କର୍ମଚାରୀମାନଙ୍କ ପାଇଁ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ଫଳରେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଇଭି ଖରିଦ ପାଇଁ ଆଗ୍ରହ ବଢ଼ିବାରେ ଲାଗିଛି। ତେବେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ କୋଟି କୋଟି ଟଙ୍କାର ସବସିଡି ହାତେଇ ନେଉଥିବାବେଳେ ସରକାରୀ ବିଭାଗଗୁଡିକ ନିଜ ନିଜ ଅଧିକାରୀଙ୍କ ପାଇଁ ଇଭି ଯାନ ନ କିଣିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।ତେବେ ସରକାରଙ୍କର ଇଭି ଯାନ କିଣାରେ କେତେକ ସରକାରୀ କର୍ମଚାରୀ କେଁ ପୂରାଉଥିବା ନେଇ ଆଲୋଚନା ହେଉଛି। ଯେଉଁ ବାବୁମାନେ ଗାଡ଼ି କିଣି ବିଭିନ୍ନ ବିଭାଗରେ ଭଡ଼ାରେ ଲଗାଇଛନ୍ତି ସେମାନେ ନିଜ ବେପାର ବୁଡିବା ଆଶାରେ ଇଭି ଯାନ କିଣାରେ କେଁ ପୂରାଇଛନ୍ତି। ସେହିଭଳି ଅର୍ଥ ବିଭାଗ ମଧ୍ୟ ଇଭିକୁ ସବୁଜ ସଙ୍କେତ ଦେଉନଥିବା ନେଇ ଚର୍ଚ୍ଚା ହେଉଛି। ତେବେ କେନ୍ଦ୍ର ସରକାର ଇଭି ଯାନ ଉପରେ ଗୁରୁତ୍ୱ ଦେବା ଓ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ହାଇଡ୍ରୋଜେନ ଚାଳିତ ଯାନ ନେଇ ସଂସଦକୁ ଆସିବା ପରେ ବି ଓଡ଼ିଶା ସରକାର ପରିବେଶ ଅନୁକୂଳ ଇଭି ଯାନ ଖରିଦ ନ କରିବା ଏବେ ଆଲୋଚନାର ବିଷୟବସ୍ତୁ ହୋଇଛି।

### ନବୀନଙ୍କ...

ଦଳରୁ ସେ ବହିସ୍କୃତ ହୋଇଛନ୍ତି ବୋଲି ଧରିନିଆଯାଉଥିଲା। ତେଣୁ ପ୍ରାୟ ଦେଢ ବର୍ଷ ପରେ ସୁଧାଂଶୁ ଶେଖରଙ୍କ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯିବା ନବୀନଙ୍କ ନୀତି ଓ ଆଦର୍ଶକୁ କାଠଗଡାରେ ଛିଡା କରାଇଛି ।

## ଯୁବତୀ ଚାଲାଣ କରୁଥିଲେ ହଂସୀତା !

**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** କର୍ପୋରେଟ୍ ଦଲାଲ୍ ହଂସୀତା ଅଭିଲିପ୍ସାଙ୍କ ବିରୋଧରେ ଆଉ ଏକ ସଙ୍ଗିନ ମାମଲା ସାମ୍ନାକୁ ଆସିଛି। ସବୁ ଅପରାଧର ସୀମା ଟପି ନବାବଙ୍କ ଭଳି ଥାଟବାଟ ସହ ସାଦାସିଧା ଦେଖାଯାଉଥିବା ଏହି କର୍ପୋରେଟ ଦଲାଲ ବଡ଼ବଡ଼ିଆଙ୍କୁ ଯୁବତୀ ଯୋଗାଣ କରୁଥିବା ଭଳି ଅପରାଧିକ ମାମଲାରେ ଜଡ଼ିତ ଥିବା ଇନଫୋସିଟି ପୁଲିସର ଏକ ଏଫ୍‌ଆଇଆର୍ କପିରୁ ସ୍ପଷ୍ଟ ହୋଇଛି। ଏଥିରେ ହଂସୀତାଙ୍କ ବିରୋଧରେ ୧୨୦-ବି ଆଇପିସି ଧାରା ଲାଗିଛି, ଯାହା ଅପରାଧିକ ଷଡ଼ଯନ୍ତ୍ର ପାଇଁ ଉଦ୍ଦିଷ୍ଟ। ସେହିପରି ଆଇଟି ଆକ୍ଟ ୨୦୦୦ର ଧାରା ୬୭ ଅର୍ଥାତ କୌଣସି ଯୁବତୀଙ୍କ ନଗ୍ନ ଫଟୋକୁ ସୋଶାଲ ମିଡ଼ିଆରେ ଭାଇରାଲ କରିବା କିମ୍ବା ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ମାଧ୍ୟମରେ ଅନ୍ୟକୁ ଦେଖାଇବା। ଇମୋରାଲ ଟ୍ରାଫିକ୍ ପ୍ରିଭେନ୍ସନ୍ ଆକ୍ଟ ୧୯୫୬ର ଧାରା ୫- ଅର୍ଥାତ ଯୁବତୀ ଚାଲାଣ କରିବା। ଗତ ୧୬ରେ ରୁଜୁ ହୋଇଥିବା ଏହି ମାମଲାର ଖୋଳତାଡ଼ କରୁଛି ସ୍ପେସାଲ କ୍ରାଇମ ୟୁନିଟ୍। ବାଙ୍ଗାଲୋର ଓ ଦିଲ୍ଲୀକୁ ଏକାଧିକ ଯୁବତୀଙ୍କୁ ପଠାଯାଇଥିବା ନେଇ ତଦନ୍ତ ସମୟରେ ଜଣାପଡ଼ିଛି। କେବେ କାହା ପାଖକୁ, କେଉଁ ଉଦ୍ଦେଶ୍ୟରେ ଯୁବତୀମାନଙ୍କୁ ଚାଲାଣ କରାଯାଇଥିଲା, ତା'ର ପ୍ରମାଣ ଖୋଜା ଚାଲିଛି। ଏହି କର୍ପୋରେଟ ଦଲାଲ ପତି-ପତ୍ନୀ ଯୁବତୀମାନଙ୍କୁ ବାହାର ରାଜ୍ୟକୁ ପଠାଇ କ'ଣସବୁ ଲାଭ ପାଇଛନ୍ତି, ତାର ମଧ୍ୟ ଖୋଳତାଡ଼ ଚାଲିଛି। ପୁଲିସ ଯୁବତୀମାନଙ୍କୁ ପୀଡିତା ଭାବେ ଗ୍ରହଣ କରି ସେମାନଙ୍କ ବୟାନ ରେକର୍ଡ କରିବା ବୋଲି କହିଛି। ଯୁବତୀମାନଙ୍କ ବୟାନ ପରେ ବଡ ବଡ ଚେହେରା ସାମନାକୁ ଆସିପାରେ।



# ସାଲେପୁର ବ୍ଲକ ବିଜେପିର ସମ୍ବର୍ଦ୍ଧନା ସଭା

**ସାଲେପୁର,୧୯।୧ (ସଂଚାର ବ୍ୟୁରୋ) :** ଆଜି ସନ୍ଧ୍ୟା ୬ଘଟିକା ସମୟରେ ସାଲେପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାଟି ଅଫିସ, ଭାତପଡାଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟବାଦୀ ଚଇନି, ଦେବୀପ୍ରସାଦ ଦାଶ, ତାପସ ରଞ୍ଜନ ଜେନା ଉପସ୍ଥିତ ଥିଲେ। ଉକ୍ତ ସଭାରେ ସମସ୍ତ ୭ ଗୋଟି ମଣ୍ଡଳର ନୂତନ ନିର୍ବାଚିତ ମଣ୍ଡଳ ସଭାପତି ଏବଂ ସମସ୍ତ ୨୫୩ଟି ନୂତନ ବୁଥ ସଭାପତିଙ୍କୁ ବିଜେପିର ଉତ୍ତରୀୟ ସହ ସମ୍ବର୍ଦ୍ଧନା କରଯାଇଥିଲା।

# ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ଏବଂ କିଏ!'



**କଳାକାରଙ୍କ ଗାରିମା, ଚଳଚ୍ଚିତ୍ର ଅଭିନେତାଙ୍କ ଗାରିମାଠାରୁ ବହୁ ଗୁଣରେ ଅଧିକ:ଅରୁଣ**

**ନୟାଗଡ଼,୧୯।୧ (ସଂଚାର ବ୍ୟୁରୋ) :** ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମଠାରେ ଚାଲିଥିବା ନାଟକ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ବାଗଦେବୀ ଲିଟରେଚର ଟ୍ରଷ୍ଟ, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହେଲା ନାଟକ 'ଏବଂ କିଏ!'। ନୟାଗଡ଼ର ଅନନ୍ୟ ନାଟ୍ୟାନୁଷ୍ଠାନ ସିରିୟସ୍ ଜୋନ୍ ଦ୍ୱାରା ଆୟୋଜିତ ନାଟକ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ କବି ଗୋପୀନାଥ ସେଠୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ ଅରୁଣ କୁମାର ସାହୁ ଯୋଗ ଦେଇ ମଞ୍ଚ ନାଟକ କଳାକାରଙ୍କ ଗାରିମା, ଚଳଚ୍ଚିତ୍ର ଅଭିନେତାଙ୍କ ଗାରିମାଠାରୁ ବହୁ ଗୁଣରେ ଅଧିକ । ନାଟକ ହୃଦୟକୁ ଆନ୍ଦୋଳିତ କରିଥାଏ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି କିଷାନ କୁମାର ଦାସ, ନାଟ୍ୟଭୂଷଣ ଡ ବିଜୟ କୁମାର ଚୌଧୁରୀ ଓ ନାଟ୍ୟକାର ବିଶ୍ୱନାଥ ମହାପାତ୍ର ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ନାଟକର ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ସଂଧ୍ୟାରେ ମଞ୍ଚସ୍ଥ ନାଟକ ଏବଂ କିଏ!! ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଡ. ପ୍ରଦୀପ ଭୌମିକଙ୍କ ଲିଖିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ପବିତ୍ର ମହାନ୍ତି। ଯେଉଁମାନଙ୍କୁ ଆମେ ଅମ ସମାଜର ମୁଖିଆ ବୋଲି ଭାବୁଛନ୍ତି ସେମାନେ କଣ ସତରେ ଆମ ସମସ୍ୟାର ସମାଧାନ କରନ୍ତି ନା ଅଧିକ ଜଟିଳ କରାନ୍ତି ଏଇ କଥାକୁ ଦର୍ଶକଙ୍କ ସମ୍ମୁଖରେ ରଖିଥିଲା ମଞ୍ଚସ୍ଥ ନାଟକ। ବିଭିନ୍ନ ଚରିତ୍ରରେ ସୁନୀଲ୍ ପଟ୍ଟନାୟକ, ମାନୁ ପଟ୍ଟନାୟକ, ଦେବେନ୍ଦ୍ର ସୁନ୍ଦର ରାୟ, ଯାମିନୀକାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ସୂର୍ଯ୍ୟ, ରାଜେଶ ପଟ୍ଟନାୟକ ଏବଂ ଗୋକୁଳ ଷଡ଼ଙ୍ଗୀ ଅଭିନୟ କରି ନାଟକକୁ ଜୀବନ୍ତ କରିଥିଲେ। ସିରିୟସ୍ ଜୋନ୍ ର ଏହି ପ୍ରୟାସକୁ ନାଟ୍ୟପ୍ରେମୀମାନେ ଖୁବ୍ ପ୍ରଶଂସା କରିଛନ୍ତି।

# ସମସ୍ୟା ଭିତରେ ଗତି କରୁଛି ଗରଦପୁର ତହସିଲ କାର୍ଯ୍ୟାଳୟ



- ଅମିନ ଅଭାବରୁ ଅଟକି ରହିଛି ମାପଚୁପ
- ହାତଗଣତି କର୍ମଚାରୀ ଯୋଗୁ କାର୍ଯ୍ୟ ଠପ୍
- ବଢ଼ୁଛି ଜମିଜମା ମାମଲା
- କେବେ ଦୂର ହେବ କର୍ମଚାରୀ ସମସ୍ୟା ?

**ଗରଦପୁର,୧୯।୧ (ସଂଚାର ବ୍ୟୁରୋ) :** ଦୀର୍ଘଦିନ ହେଲା ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି ଗରଦପୁର ତହସିଲ କାର୍ଯ୍ୟାଳୟ । ନିୟମିତ ଲୋକେ ବିଭିନ୍ନ ସମସ୍ୟା ନେଇ ତହସିଲ କାର୍ଯ୍ୟାଳୟ ଆସୁଛନ୍ତି ହେଲେ କର୍ମଚାରୀଙ୍କ ଘୋର ଅଭାବ ଯୋଗୁଁ ବାଧ୍ୟ ହୋଇ ଘରକୁ ଫେରିଯାଉଛନ୍ତି । ଫଳରେ କୌଣସି କାମ ହେବା ସମ୍ଭବପର ହେଉନି । ପିଅନ ନଥିବାରୁ ତହସିଲଦାର, ଅତିରିକ୍ତ ତହସିଲଦାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ କାର୍ଯ୍ୟ କରିବାକୁ ଶେଷରେ ବାଧ୍ୟ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି । ଏମିତିକି ବର୍ଷ ବର୍ଷ ଧରି ସାଧାରଣ ଲୋକ ଡିମାରକେଶନ ପାଇଁ ଆବେଦନ କରିଥିଲେ ମଧ୍ୟ ତାହା ହୋଇପାରୁନି। କାରଣ କାର୍ଯ୍ୟାଳୟରେ ପିଅନ ଅଭାବ ଦେଖା ଦେଇଛି ଫଳରେ ଜମିଜମା ସମ୍ବନ୍ଧୀୟ ମାମଲା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ଭାଇ ଭାଇଠାରୁ ଆରମ୍ଭ କରି ପଡୋଶୀ ପର୍ଯ୍ୟନ୍ତ ଜମିଜମାକୁ ନେଇ ଆକ୍ରମଣ ପ୍ରତି ଆକ୍ରମଣ ମାମଲା ବଢ଼ିଚାଲିଛି । ଏନେଇ ଥାନାକୁ ମାମଲା ଗଲେ ଜମିଜମାକୁ ନେଇ ହୋଇଥିବା ମାମଲାକୁ ପୋଲିସ ଅଣଦେଖା କରୁଛି ।

ସୂଚନା ମୁତାବକ, ଗତ ୨୦୨୪ ମସିହାରୁ ଏପର୍ଯ୍ୟନ୍ତ ଜିଲ୍ଲାରେ ୩ ହଜାରରୁ ଉର୍ଦ୍ଧ୍ୱ ଗଣ୍ଡଗୋଳ କେବଳ ଜମିଜମାକୁ ନେଇ ଘଟିଛି । କେବଳ ଗରଦପୁର ଅଞ୍ଚଳରେ ୭ ଶହରୁ ଉର୍ଦ୍ଧ୍ୱ ଗଣ୍ଡଗୋଳ ଘଟିଛି । ଗତ ଜାନୁଆରୀ ମାସରେ ୧ ଶହରୁ ଉର୍ଦ୍ଧ୍ୱ ଗଣ୍ଡଗୋଳ ହେଲାଣି । ଯଦି ଉପଯୁକ୍ତ ସମୟରେ ସରକାର ଗରଦପୁର ତହସିଲକୁ ଅମିନ ଯୋଗାଇ ଦିଅନ୍ତେ ତେବେ ଏହିଭଳି ଘଟଣା କମ ହୋଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ଗରଦପୁର ତହସିଲରେ ଦୁଇଜଣ ସରକାରୀ ଅମିନ ରହିଛନ୍ତି । ହେଲେ ବର୍ତ୍ତମାନ ଜଣଙ୍କୁ ମହାକାଳପଡ଼ା ବଦଳି କରାଯାଇଛି । ଆଉ ଅନ୍ୟଜଣେ ଅମିନ ଜମିଜମାକୁ ନେଇ ବିଶେଷ ଭାବରେ ଅବଗତ ନାହାଁନ୍ତି। ଯଦିଓ ସରକାରୀ ନିୟମ ଅନୁଯାୟୀ ଯେଉଁ ସ୍ଥାନରେ ଅମିନ ନାହାଁନ୍ତି ଅବସରପ୍ରାପ୍ତ ଅମିନଙ୍କୁ ନେଇ କାର୍ଯ୍ୟରେ ଲଗାଇବା କଥା । ହେଲେ ଗରଦପୁର ତହସିଲରେ ତାହା ଦେଖିବାକୁ ମିଳିନି। ଏହାଛଡ଼ା ତହସିଲରେ ଡ୍ରାଫଟ୍ସମ୍ୟାନ ନାହାନ୍ତି । ଫଳରେ ନକ୍ସା ଓ ମୌଜା ସୀମାରେଖା ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରୁନି।

ଦୀର୍ଘ ବର୍ଷ ଧରି ଗରଦପୁର ତହସିଲର ଅନେକ ମୌଜାର ସୀମା ନିର୍ଦ୍ଧାରଣ ନ ହେବାରୁ ଜମି କିଣାବିକା କିମ୍ବା କୌଣସି ପ୍ରକାର ଭୁବିଭାଗୀୟ କାର୍ଯ୍ୟ ହୋଇ ପାରୁନାହିଁ । ଏଥି ନେଇ ବହୁବାର ବିଭିନ୍ନ ମୌଜାର ଲୋକ ଆବେଦନ ଓ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳୁନାହିଁ। ଫଳରେ ଝିଅ ପୁଅ ବାହାଘର, ଘର ନିର୍ମାଣ, ଭାଇଭାଗ ବଣ୍ଟନ, ମେଡିକାଲ ବାବଦୀୟ ଖର୍ଚ୍ଚ କରିବାରେ ଅସୁବିଧା ହେଉଛି । ତେବେ ମୌଜା ସୀମା ନିର୍ଦ୍ଧାରଣ ହୋଇ ନ ପାରିବାରୁ ବିଶେଷ ସମସ୍ୟା ବଢ଼ୁଛି । କେବଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡ୍ରାଫଟ୍ସମ୍ୟାନ ଥିବାରୁ ସେମାନେ ସବୁ ତହସିଲରେ କାମ କରିବା ଆଦୌ ସମ୍ଭବ ହେଉନାହିଁ । ବର୍ଷ ବର୍ଷ ହେବ ସୀମା ନିର୍ଦ୍ଧାରଣ କାମ ନ ହେବାକୁ ନେଇ ଉଦବେଗ ପ୍ରକାଶ ପାଉଛି ।

# ଅଞ୍ଚଳର ବିକାଶ ପାଇଁ ସାମ୍ବାଦିକମାନଙ୍କ ସହଯୋଗ ଲୋଡିଲେ ଗନ୍ଧର୍ବ



**ବନ୍ଧୁ ମିଳନ ଜରିଆରେ ସାମ୍ବାଦିକମାନଙ୍କ ସହ କଲେ ଆଲୋଚନା**

**ବିକଶିତ ନିର୍ବାଚନ ମଣ୍ଡଳୀ ପାଇଁ ଯୋଜନା**

**ମାର୍ଶାଘାଇ,୧୯।୧ (ସଂଚାର ବ୍ୟୁରୋ) :** ସମଗ୍ର ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ସାମୂହିକ ବିକାଶ ପାଇଁ ସାମ୍ବାଦିକ ବନ୍ଧୁ ମାନଙ୍କ ଆଦେଶ, ଉପଦେଶ ଓ ସହଯୋଗ ନିତ୍ୟାନ୍ତ ଆବଶ୍ୟକ। ରବିବାର ବନ୍ଧୁ ମିଳନ ଜରିଆରେ ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ୍ ର ସାମ୍ବାଦିକ ବନ୍ଧୁ ମାନଙ୍କୁ ନେଇ ମାର୍ଶାଘାଇ ଡ଼ାକବଙ୍ଗଳା ଠାରେ ଏମିତି କଥା କହିଛନ୍ତି ଶିକ୍ଷାବିତ୍ ଗନ୍ଧର୍ବ ନାୟକ। ସମସ୍ତ ସାମ୍ବାଦିକ ମାନଙ୍କ ସହଯୋଗ ରହିଲେ ହିଁ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ସାମୂହିକ ବିକାଶ ସମ୍ପୁର୍ଣ୍ଣ ହୋଇ ପାରିବ ବୋଲି କହିଛନ୍ତି।

ସାମ୍ବାଦିକ ମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ବିବେଚନା କରାଯାଇଥାଏ। ଅଞ୍ଚଳର ସମସ୍ୟା ହେଉ ଅବା ସାଧାରଣ ଲୋକଙ୍କ ଅସୁବିଧା, ସମସ୍ୟା ଯାହା ସବୁ ସମୟରେ ବିଧାୟକ ଜାଣି ପାରୁନାହାଁନ୍ତି ହେଲେ ସାମ୍ବାଦିକ ମାନଙ୍କ ପାଖରେ ସେ ସମ୍ପର୍କରେ ସମ୍ପୁର୍ଣ୍ଣ ସୂଚନା ଥାଏ। ଲୁଚି ରହିଥିବା ଅବହେଳିତ ନିଷ୍ପେସିତ ଖବରଟିକୁ ଜଣେ ସାମ୍ବାଦିକ ହିଁ ଖବର ମାଧ୍ୟମରେ ଲୋକଲୋଚନାକୁ ଆଣିଥାଏ। ସରକାର ଓ ଜନପ୍ରତିନିଧି ମାନଙ୍କ ପାଖରେ ଖବର ପହଞ୍ଚେ। ଯାହାର ସମାଧାନ ପାଇଁ ବାଟ ଫିଟେ। ତେଣୁ ସମସ୍ତ ସାମ୍ବାଦିକ ମାନଙ୍କ ସହଯୋଗ, ସମର୍ଥନ ଲୋଡି ନିର୍ବାଚନ ମଣ୍ଡଳୀର ବିକାଶରେ ସହଯୋଗ ପାଇଁ ସମର୍ଥନ ଲୋଡିଛନ୍ତି ବିଧାୟକଙ୍କ ଦାଦା ଗନ୍ଧର୍ବ ନାୟକ। ପ୍ରତିଟି ସମସ୍ୟାର ସମାଧାନ ପାଇଁ ମହାକାଳପଡ଼ା ବିଧାୟକ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଜଣେ ପଦବୀରେ ରହିଲେ ମଧ୍ୟ ସବୁ ଘଟଣା, ସମସ୍ୟା ସହିତ ଜଡିତ ହୋଇ ପାରେ ନାହିଁ। ତେଣୁ ସେହି ଅଜଣା ଘଟଣାକୁ ବିଧାୟକଙ୍କ ଦୃଷ୍ଟି ଗୋଚର କୁ ଆଣିବା ପାଇଁ ସାମ୍ବାଦିକ ମାନଙ୍କୁ କହିଥିଲେ। ଆମ ଅଞ୍ଚଳର ସମସ୍ୟା ସମାଧାନ କରି ଲୋକମାନଙ୍କ ପାଖରେ ସୁବିଧା ସୁଯୋଗ ପହଞ୍ଚାଇବା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ସେଥିପାଇଁ ସାମ୍ବାଦିକ ମାନଙ୍କଠାରୁ ସହଯୋଗ ଲୋଡିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ମାଧବ ଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ଉପସ୍ଥିତ ସାମ୍ବାଦିକ ମହାକାଳପଡା ଏବଂ କେନ୍ଦ୍ରାପଡା ଜିଲ୍ଲାର ଥିବା ବିଭିନ୍ନ ସମସ୍ୟା କୁ ଉପସ୍ଥାପନ କରିଥିଲେ । ପ୍ରଶାନ୍ତ ସେଠୀ,ବିକ୍ରମ ସାହୁ,ନିଗମ ରଥ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଷ୍ଟାର ଅଫ୍ ନୟାଗଡ଼ ସିଜନ୍ ୱାନ**

# ଟାଇଟଲ ହାତେଇଲେ ଶେଖ୍ ତୌଫିକ୍ ଅଲ୍ଲୀ

**ନୟାଗଡ଼,୧୯।୧ (ସଂଚାର ବ୍ୟୁରୋ) :** ସଂଗୀତ ପ୍ରତିଭା ଚୟନ କାର୍‌ଯ୍ୟକ୍ରମ ଷ୍ଟାର ଅଫ୍ ନୟାଗଡ଼ର ଆଜି ଥିଲା ଗ୍ରାଣ୍ଡ ଫାଇନାଲ । ଆଜି ଫାଇନାଲ ପ୍ରତିଯୋଗିତାରେ ୧୦ ଜଣ ପ୍ରତିଭାବାନ ପ୍ରତିଯୋଗୀ ସଂଗୀତ ପରିବେଷଣ କରିଥିଲେ ଇପ୍ସିତା ପ୍ରିୟଦର୍ଶିନୀ, ଶେଖ୍ ତୌଫିକ୍ ଅଲ୍ଲୀ, ଲକ୍ଷ୍ମୀପ୍ରିୟା ନାୟକ, ଅମ୍ରିତା ରଥ, ଆଶୁତୋଷ ବେହେରା, ଜଗନ ବେହେରା, ମିଳନ କୁମାର ସ୍ୱାଇଁ, ଶୁଭସ୍ମିତା ବେହେରା, ଲିପ୍ସା ରାଣୀ ପଣ୍ଡା, ଓ ଦିବ୍ୟାଶା ପ୍ରିୟଦର୍ଶିନୀ। ଫାଇନାଲ ରେ ବିଚାରକ ଭାବେ ଓଡ଼ିଶା ସଂଗୀତ ନାଟକ




ଏକାଡେ଼ମୀ ପୁରସ୍କାର ପ୍ରାପ୍ତ ବରିଷ୍ଠ କଣ୍ଠଶିଳ୍ପୀ ଶ୍ରୀ ନବକିଶୋର ମିଶ୍ର ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଶ୍ରୀ ଜଗଦୀଶ ପ୍ରସାଦ ରଥ ଯୋଗଦେଇଥିଲେ । ପ୍ରତ୍ୟେକ ପ୍ରତିଯୋଗୀ ଦୁଇଟି ଲେଖାଏଁ ଗୀତ ଗାଇଥିଲେ । ଶେଖ୍ ତୌଫିକ୍ ଅଲ୍ଲୀ ଏହି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଯୁଗ୍ମ ଦ୍ୱିତୀୟ ହୋଇଥିଲେ ଇପ୍ସିତା ପ୍ରିୟଦର୍ଶିନୀ ଓ ମିଲନ୍ କୁମାର ସ୍ୱାଇଁ, ସେହିପରି ତୃତୀୟ ସ୍ଥାନରେ ରହିଥିଲେ ଆଶୁତୋଷ ବେହେରା । ନୟାଗଡ଼ ପୌରପରିଷଦର ଅଧକ୍ଷା ନିରୁପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ଟ୍ରଫି, ମିମେଣ୍ଟୋ ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆଜିର ପ୍ରତିଯୋଗୀତାର ଉଦ୍‌ଘାଟନ ଉତ୍ସବକୁ ସଂଯୋଜନା କରିଥିଲେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ। ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ ପାଇକରାୟ । ବିଜେତା ମାନଙ୍କୁ ଆଗାମୀ ଦିନରେ ମ୍ୟୁଜିକ୍ ଆଲବମ୍ ରେ ଗୀତ ଗାଇବାକୁ ସୁଯୋଗ ଦିଆଯିବ ବୋଲି ସଂଯୋଜକ ଧିରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

**ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା**

# ଅନ୍‌ଲାଇନ୍ ଗେମ୍ କାରଣ ସନ୍ଦେହ

**କୁଜଙ୍ଗ,୧୯।୧ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ ସମାଗୋଳ ଗ୍ରାମର ରୋହିତ ପରିଡ଼ାଙ୍କ ପୁତ୍ର ସଞ୍ଜିତ ପରିଡ଼ା(୩୨)ଙ୍କ ବିଖଣ୍ଡିତ ମୃତଦେହ ଆଜି ସକାଳୁ କଟକ-ପାରାଦୀପ ରେଳ ଲାଇନର ବଉଳାଙ୍ଗ ନିକଟରେ ଠାବ କରାଯାଇଥିଲା। ମୃତ ସଞ୍ଜିତଙ୍କ ୧୧ ମାସର ଏକ ପୁତ୍ରସନ୍ତାନ ରହିଛନ୍ତି। ସେ ପାରାଦୀପର ଏକ କମ୍ପାନୀରେ କାର୍ଯ୍ୟକରୁଥିଲେ। ତେବେ ଅନଲାଇନରେ ସେ ଜୁଆ ଖେଳି ୭ ଲକ୍ଷରୁ ଉର୍ଦ୍ଧ୍ୱଟଙ୍କା ହରାଇଥିବା ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଏଥିପାଇଁ ସେ ମାନସୀକ ଭାବେ ସନ୍ତୁଳନ ହରାଇ ବସିଥିଲେ। ଗତକାଲି ରାତିରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ରେଳବାଇ ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

# ମା' ଦରିଆ ରାମଚଣ୍ଡୀ ମନ୍ଦିରର ପୁନଃ ନିର୍ମାଣ ପ୍ରୟାସ

- ଇଟା ବଦଳରେ ପଥରରେ ନିର୍ମାଣ ଲକ୍ଷ୍ୟ
- ଶ୍ରଦ୍ଧାଳୁ ଓ ସରକାରଙ୍କ ସହଯୋଗ ଦରକାର

**ମହାକାଳପଡ଼ା,୧୯।୧ (ସଂଚାର ବ୍ୟୁରୋ) :** ମା ଦରିଆ ରାମଚଣ୍ଡୀ ମନ୍ଦିରର ପୁନଃ ମନ୍ଦିର ନିର୍ମାଣ ପାଇଁ ଯୋଜନା ଚାଲିଛି। ଇଟା ବଦଳରେ ପଥରରେ ମନ୍ଦିର ନିର୍ମାଣ କରିବାକୁ ଲକ୍ଷ ରଖାଯାଇଛି। ଯାହା ଫଳରେ ମନ୍ଦିରର ସୁରକ୍ଷା ଦୀର୍ଘସ୍ଥାୟୀ ରହିବ। ରାମଚଣ୍ଡି ଆଞ୍ଚଳିକ ସେନାର ଆବାହକ ଲକ୍ଷ୍ମଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆଜିର ଏହି ସହମତି ବୈଠକରେ ମହାକାଳପଡ଼ା ର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମନ୍ଦିରର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଆଲୋଚନା କରିଥିଲେ।



ପୂର୍ବ ସରକାରଙ୍କ ସମୟରୁ ମନ୍ଦିରର ସାମୂହିକ ଉନ୍ନତିକରଣ କାର୍ଯ୍ୟ ପାଇଁ ସର୍ବମୋଟ୍ ୩ କୋଟି ୩୪ ଲକ୍ଷ ୪୮ ହଜାର ଟଙ୍କା ପୂର୍ତ୍ତ ବିଭାଗ ମାଧ୍ୟମରେ ଅନୁମୋଦନ କରାଯାଇଥିଲା। ୩୦ % କାମ ସମ୍ପୁର୍ଣ୍ଣ ହୋଇଛି ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ। ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ସେଥିମଧ୍ୟରୁ ଅନ୍ୟତମ। ଏହି ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ଇଟା ବଦଳରେ ପଥରରେ ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ପଥରରେ ନିର୍ମାଣ ହେଲେ ମାଆଙ୍କ ମନ୍ଦିରର ସ୍ଥାୟିତ୍ୱ ଦୀର୍ଘବର୍ଷ ଧରି ରହିପାରିବ। ଯେଉଁଥି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଯେଉଁ ଆର୍ଥିକ ବ୍ୟୟବରାଦ ସରକାରଙ୍କ ପକ୍ଷରୁ ମିଳିଛି ସେଥିରେ ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ଅଛି।

ମା ରାମଚଣ୍ଡୀ ମନ୍ଦିର ପୁନଃ ନିର୍ମାଣ ସହଯୋଗୀ ସମିତି ମାଧ୍ୟମରେ ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଖରୁ ସହଯୋଗ ଭିକ୍ଷା ସଂଗ୍ରହ କରାଯିବ। ବିଧାୟକ,ସାଂସଦ, ପ୍ରଶାସନ, ବିଭାଗୀୟ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଠାରୁ ସହଯୋଗ ଲୋଡାଯିବ। ଏହି ସମିତିର ଆବାହକ ନିରାକାର ଜେନା ଏଥିପାଇଁ ସମ୍ପୁର୍ଣ୍ଣ ଦାୟିତ୍ୱ ବହନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁତ ଶ୍ରଦ୍ଧାଳୁ ମାନଙ୍କ ସମେତ ଭୁବନମୋହନ ଜେନା,ବିରଞ୍ଚି ନାରାୟଣ ଦାସ, ପ୍ରତାପ ରଞ୍ଜନ ତ୍ରିପାଠୀ,ଆଶୋକ ସ୍ୱାଇଁ,ବାବୁଲି ଜେନା, ବିଭୂତି ରାଉତ ପବିତ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପ୍ରାଧ୍ୟାପକ ଭୁବନ ମୋହନ ଜେନା ନିଜର ଏକ ମାସର ପେନସନ ଟଙ୍କା ମାଆଙ୍କ ମନ୍ଦିରର ପୁନଃ ନିର୍ମାଣ କାର୍ଯ୍ୟ ପାଇଁ ସହଯୋଗ କରିବାକୁ କହିଛନ୍ତି।

# ବଜାର ଚାହିଦା ମେଣ୍ଟାଉଛି ଆନ୍ଧ୍ର ମାଛ

**ରାଜକନିକା,୧୯।୧ (ସଂଚାର ବ୍ୟୁରୋ) :** ରାଜକନିକା ବ୍ଲକରେ ବିଗତ ଦିନମାନଙ୍କ ଅପେକ୍ଷା ମାଛ ଉତ୍ପାଦନ ବଢିଛି । କିନ୍ତୁ ପ୍ରତିଦିନ ଆବଶ୍ୟକ ଦେଶୀ ପୋଖରୀ ମାଛ ମିଳୁନଥିବାରୁ କିମ୍ବା ସେହି ମାଛକୁ ସଂରକ୍ଷଣ କରି ରଖିବାର ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ଲୋକେ ଆନ୍ଧ୍ରମାଛ ଉପରେ ପୂର୍ଣ୍ଣ ନିର୍ଭରଶୀଳ ହେବାକୁ ହେଉଛି। ଫଳରେ ବରଫ ଦିଆ ଆନ୍ଧ୍ର ମାଛ ଉପରେ କିମ୍ବା ରାସାୟନିକ ପ୍ରଲୋପ ମିଶା ମାଛକୁ ଖାଇବାକୁ ବାଧ୍ୟ ହେଉଛନ୍ତି। ଅଥଚ ବ୍ଲକର ପରିସଂଖ୍ୟାନ ଅନୁଯାୟୀ ବର୍ଦ୍ଧିତ ମାଛ ଚାଷ ହେଉଥିଲେ ବି ଉତ୍ପାଦନ ମାଛ ଯାଉଛି କୁଆଡେ଼ ତାହା ସାଧାରଣରେ ଚକିତ କରୁଛି।




ସୂଚନା ଅନୁସାରେ ଉଦାହରଣ ଭାବେ ବ୍ଲକର ଏକମାତ୍ର ବ୍ୟସ୍ତବହୁଳ ଓଳାଭର ବଜାରକୁ ନିଆଯାଇପାରେ। ଓଳାଭର ସଂଲଗ୍ନ ଆଠପଟଣା ନୁହେଁ ବରଂ ପଶ୍ଚିମ କନିକାର ସମସ୍ତ ପଞ୍ଚାୟତ ଓ ଆଳି ବ୍ଲକର କେତେକ ପଞ୍ଚାୟତର ଲୋକେ ରାତି ପହିଲେ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଳାଭରକୁ ଆସିଥାନ୍ତି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବାକୁ ପ୍ରଥମ ପସନ୍ଦ ଭାବେ ମାଛ ଅଧିକ ବିକ୍ରି ହୋଇଥାଏ। ବଜାରରେ ଥିବା ସମସ୍ତ ମାଛ ଦୋକାନରେ ପ୍ରବଳ ଭିଡ ଲାଗିରହିଥାଏ। ଏଠାରେ ରବିବାର ଏବଂ ବୁଧବାର ଦିନ ହିଁ ୫କୁଇଣ୍ଟାଲାରୁ ଅଧିକ ମାଛ ବିକ୍ରି ହୋଇଥାଏ ବୋଲି ବେପାରୀ ଯୁଗଳ କିଶୋର ମଳିକ କହିଛନ୍ତି। ପାଇକରି ବିକ୍ରେତା ଅନନ୍ତ କୁହନ୍ତି ଯେ , ବାଲୁଗାଁ , ଆନ୍ଧ୍ରର ମାଛ ମଗାଇଥାନ୍ତି କେତେବେଳେ କେମିତି ବୈତରଣୀ, ଖରସ୍ରୋତା, ନଦୀର ମାଛ ଚାନ୍ଦବାଲି, ଜୟନଗର, ବଗାଡ଼ିଆଠାରୁ ମିଳିଥାଏ । ଯାହା ସମୁଦ୍ରକୁ ଶଙ୍ଖେ । ଓଳାଭର ବଜାର ସହିତ ଅନ୍ୟ ବଜାର ଗୁଡିକରେ କାହିଁକି ଲୋକେ ଆନ୍ଧ୍ର ମାଛକୁ ଭରସା କରୁଛନ୍ତି ତାହା ପ୍ରଶ୍ନ ହୋଇରହିଯାଇଛି। ବର୍ଷ ତମାମ କେବେଳ ଆନ୍ଧ୍ର ମାଛ ବିକ୍ରି ହେଉଥିବା ବେଳେ ଦେଶୀ ପୋଖରୀ ମାଛ ବିକ୍ରୀ ହେଉଥିବାବେଳେ ଦେଶୀ ପୋଖରୀ ମାଛ ବଜାରର ଆବଶ୍ୟକତା ମେଣ୍ଟାଇ ପାରୁ ନାହିଁ ।

# ଭିତରକନିକାରୁ ବାଟେରା ଚେର ସହ ୫ ଗିରଫ

**ରାଜନଗର,୧୯।୧ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜଡିଆ ଦ୍ୱୀପ ମଧ୍ୟରେ ବାଟେରା ଗଛର ଚେର ଓ ଗରାଣୀ ଗଛର ଚେରକୁ କାଟୁଥିବା ବେଳେ ବନବିଭାଗ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। କନିକା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଲକ୍ଷ୍ମୀଧର ବାରିକ, ଫରେଷ୍ଟଗାର୍ଡ କଳ୍ପତରୁ ସେଠୀ, ଗୋରାଚାନ୍ଦ ସିଂଙ୍କ ସହିତ ବନକର୍ମଚାରୀମାନେ ଆଜି ଭୋରରୁ କାଳିଭଞ୍ଜଡିଆରେ ପହଁଚି ଚେର କାଟୁଥିବା ବେଳେ ୫ଜଣଙ୍କୁ ମାଡି ବସିଥିଲେ। ପଶ୍ଚିମବଙ୍ଗର ମେଦିନାପୁର ଥାନାର ବଳାଇ ଦେବନାଥ, ତାଳଚୁଆ ମେରାଇନ ଥାନା ଅଞ୍ଚଳର ସହଦେବ ଆଡି, ଦେବାଶିଷ ମାଇତି, ବିଜୟକୃଷ୍ଣ ମଣ୍ଡଳ, ସୁବାଷ ଚନ୍ଦ୍ର ଆଡି ପ୍ରମୁଖ ୫ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୩ କୁଇଂଟାଲ ବାଟେରା ଚେର, ୨ କୁଇଂଟାଲ ଗରାଣି ଚେର, ହରିଣ ଶିକାର ଫାସ ୧୦ଟି ପ୍ରଭୃତି ଜବତ କରାଯାଇଛି। ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଟେରା ଓ ଗରାଣୀ ଚେରକୁ ଚନ୍ଦନ ସେଂଟ ଦେଇ ଚନ୍ଦନକାଠ କହି ଏହାକୁ ବିକ୍ରି କରିଥାନ୍ତି।

# ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟ ହାତାହାତି




**ନାଉଗାଁ,୧୯।୧ (ସଂଚାର ବ୍ୟୁରୋ) :** ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟ ହାତାହାତି ଥାନାରେ ପୃଥକ ପୃଥକ ଅଭିଯୋଗ । ଏପରି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଡେରିକି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ। ଶୁକ୍ରବାର ବିଳମ୍ବିତ ରାତିରେ ଡ଼ାକ୍ତରଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସା ପାଇଁ ଆସିଥିବା ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ଓ କର୍ମଚାରୀମାନେ ଗାଳିଗୁଲଜ କରିବା ନେଇ ପାଲଟା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଥିବା ଥାନାଧିକାରୀ ନିଳମଣୀ ନାୟକ କହିଛନ୍ତି। ଡାକ୍ତରଙ୍କ ସୂଚନା ମୁତାବକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କ୍ୱାର୍ଟରରେ ସେ ଶୁକ୍ରବାର ଦିନ ବିଳମ୍ବିତ ରାତିରେ ଶୋଇଥିବା ବେଳେ କିଛି ବ୍ୟକ୍ତି ଆସି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକର ଗେଟକୁ ବାଡ଼େଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷାକର୍ମୀ ଗେଟ୍ ଖୋଲିଲା ପରେ ସେମାନେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପଶି ଦୁର୍ଘଟଣାରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା କରିବା ପାଇଁ କହିଥିଲେ। ଏହା ଉପ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏବେ ଚିକିତ୍ସା ହୋଇପାରିବ ନାହିଁ ବୋଲି ଫାର୍ମାସିଷ୍ଟ ମିହିର ଲେଙ୍କା କହି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ସେମାନେ ରାଗିଯାଇ ପାଟିତୁଣ୍ଡ କରିବାରୁ ଡାକ୍ତର ବାହାରକୁ ଆସିବାରୁ ତାଙ୍କୁ ସେମାନେ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିଲେ ଯେଉଁଥିରେ ସେ ଲହୁଲୁହାଣ ହୋଇଥିବା ଡାକ୍ତର ସାଗର ଚରଣ ନାୟକ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି।

# ଭିତରକନିକାରେ ବିଦେଶାଗତ ପକ୍ଷୀଙ୍କ ଗଣନା ଶେଷ

- ଚଳିତ ବର୍ଷ ଆସିଛନ୍ତି ଅଧିକ ୧୯୩

**ରାଜନଗର,୧୯।୧ (ସଂଚାର ବ୍ୟୁରୋ) :** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ଗଣନା ଶେଷ ହୋଇଛି। ଚଳିତବର୍ଷ ଗତବର୍ଷ ଅପେକ୍ଷା ୧୯୩ଟି ଅଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି ବୋଲି ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି। ଗତବର୍ଷ ଭିତରକନିକାରେ ୧୨୧ ପ୍ରଜାତିର ୧ ଲକ୍ଷ ୫୧ ହଜାର ୪୨୧ଟି ପକ୍ଷୀ ଭିଡ ଜମାଇଥିବା ବେଳେ ଚଳିତବର୍ଷ ଭିତରକନିକାକୁ ୧୧୮ ପ୍ରଜାତିର ୧ ଲକ୍ଷ ୫୧ ହଜାର ୬୧୪କୁ ବୃଦ୍ଧି ପାଇଛି। ଚଳିତବର୍ଷ ଭିତରକନିକାକୁ ମାତ୍ର ୧୯୩ଟି ପକ୍ଷୀ ଅଧିକ ଆସିଥିବା ଜଣାପଡ଼ିଛି।

ଚଳିତବର୍ଷ ଭିତରକନିକାରେ ନୂଆ ଅତିଥି ପକ୍ଷୀ ଭାବେ ଗ୍ରେଟ ବିଟର୍ଣ୍ଣ ଜାତୀୟ ପକ୍ଷୀଙ୍କୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି। ଭିତରକନିକାରେ ବିରଳ କମନସେଲ ଡକ, କମନ ଟିଲ, ଆବୋସେଟ ଓ ଗଡ୍‌ୱିକ ପକ୍ଷୀଙ୍କ ସହ କମନ ସୋଲଭର ଜାତୀୟ ପକ୍ଷୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଚଳିତ ବର୍ଷ ଗ୍ରେବସ ଗୋଟିଏ ପ୍ରଜାତିର ୨୩୮ଟି, କରମୋରାନ୍‌ଟସ ଆଣ୍ଡ ଡାର୍ଟର ଜାତୀୟ ୪ ପ୍ରଜାତିର ୫୫୬୫ଟି, ହେରନଓ ଓ ଇଗ୍ରେଟ୍ସ ଜାତୀୟ ୧୦ ପ୍ରଜାତିର ୧୧୪୦୧ଟି, ଷ୍ଟୋର୍କସ ଜାତୀୟ ୩ ପ୍ରଜାତିର ୨୭୮୧ଟି, ଇବିସେସ ଏବଂ ସ୍ପୁନବିଲ ଜାତୀୟ ୨ ପ୍ରଜାତିର ୧୯୭୨ଟି, ଗିଜ ଏବଂ ଡକସ ଜାତୀୟ ୧୫ ପ୍ରଜାତିର ୮୯୬୧୪ଟି, ରେଲସ, ଗାଲିନଲସ ଏବଂ କୁଟ ଜାତୀୟ ୪ ପ୍ରଜାତିର ୫୭୬୨ଟି ଫିନଫୁଟ



ଏବଂ ଜାକାନାସ ୨ ପ୍ରଜାତିର ୭୬୬ଟି, ସୋରବାର୍ଡ ୱାଡର୍ସ ଜାତୀୟ ୩୦ ପ୍ରଜାତିର ୧୫, ୦୩୫ଟି, ଗଲ୍‌ସ, ଟରନ୍‌ସ ଏବଂ ସ୍କିମରସ ଜାତୀୟ ୧୦ ପ୍ରଜାତିର ୧୬୨୨୪ଟି ଏବଂ ଅନ୍ୟାନ୍ୟ ୩୫ ପ୍ରଜାତିର ବିଦେଶୀ ପକ୍ଷୀ ୨୨୫୬ଟି ଗଣନା ବେଳେ ଚିହ୍ନଟ କରାଯାଇଛି। ଗତ ୧୦ ବର୍ଷର ଭିତରକନିକାରେ ଭିଡ ଜମାଇଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ଅନୁସାରେ ଚଳିତବର୍ଷ ସର୍ବାଧିକ ବିଦେଶୀ ପକ୍ଷୀ ଭିଡ ଜମାଇଛନ୍ତି।




**ଜିଲ୍ଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ଲିଗ୍ ମ୍ୟାଚ୍‌ରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ବିଜୟୀ

**କେନ୍ଦ୍ରାପଡ଼ା,୧୯।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ଓ ବାଲାବାବା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବାଲାବାବା କ୍ରିକେଟ୍ କ୍ଲବ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ବ୍ୟାଟିଂ କରି ୪୦ ଓଭରରେ ୬ ୱିକେଟ୍ ବିନିମୟରେ ୩୯୮ ରନ୍ କରିଥିଲା । ଜବାବରେ ବାଲାବାବା କ୍ରିକେଟ୍ କ୍ଲବ ୨୪.୧ ଓଭରରେ ୧୦ ୱିକେଟ୍ ବିନିମୟରେ ୧୨୧ ରନ୍ କରିଥିଲା । ଫଳରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବ ୨୭୭ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଇଲେଭେନଷ୍ଟାର କ୍ରିକେଟ୍ କ୍ଲବର କୁବେର ସାହୁ ମ୍ୟାନ ଅଫ୍ ଦ ମ୍ୟାଚ୍ ହୋଇ ଟ୍ରଫି ହାସଲ କରିଥିଲେ। ଦୀପକ କୁମାର ବାରିକ ଟ୍ରଫି ପ୍ରଦାନ କରିଥିଲେ ।




## ଧର୍ମାଶୋକ ଏବେ ଚଣ୍ଡାଶୋକ

ସିଏ ଥିଲେ ନବୀନ ନିବାସର ସବୁଠାରୁ ଗେହ୍ଲାପୁଅ। ଶ୍ରଦ୍ଧାରେ ସମସ୍ତେ କହୁଥିଲେ ଧର୍ମାଶୋକ। ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଉଥିଲା। ପ୍ରଥମେ ବିଧାୟକ ଓ ପରେ ମନ୍ତ୍ରୀ ପଦ। ଦଳପତି-ଗୁମାସ୍ତା-କ୍ରୀତଦାସ ସମସ୍ତଙ୍କୁ ନିଜର କରି ରଖିଥିଲେ। ହେଲେ ଅନ୍ୟମାନଙ୍କୁ ଅଣଦେଖା କରିବାରୁ ଗତ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଥିଲେ। ହାରିବା ପରେ ବି ଦଳପତିଙ୍କ ନିକଟକୁ ନିୟମିତ ଯା ଆସ କରୁଥିଲେ। ତାଙ୍କ କଥା ବି ରହୁଥିଲା। ଭାବିଥିଲେ ଦଳରେ କିଛି ଗୋଟେ ପଦ ପଦବୀ ମିଳିବ। ହେଲେ ତାହା ହେଲାନାହିଁ। ଏବେ ମନମରା ଧର୍ମାଶୋକଙ୍କର ରୂପାନ୍ତର ହୋଇଛି। ନିକଟରେ ରାଜଧାନୀରେ ଅସନ୍ତୁଷ୍ଟମାନଙ୍କ ବୈଠକରେ ତାଙ୍କୁ ଦେଖିବାକୁ ମିଳିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ନିବାସର ମାଲିକ ଓ ସନ୍ୟାସୀଙ୍କ ପାଖଲୋକ ଏଠାକୁ ଆସିଲେ କିଭଳି। ତେବେ ଧର୍ମାଶୋକଙ୍କର କିଛି ପାଖଲୋକଙ୍କର କହିବାକଥା ହେଲା ଯେ ସେ ଏବେ ରୂପାନ୍ତରଣ ହୋଇ ଚଣ୍ଡାଶୋକ ପାଲଟିଛନ୍ତି। ନିଜର ପୁରୁଣା ବୃତ୍ତିକୁ ମନେ ପକାଇ ଗୋଟି ଚଳାଉଛନ୍ତି। ତାଙ୍କରି ନିଶ୍ୱାସରେ କୁଆଡେ ସନ୍ୟାସୀ ଜଳିଯିବେ ବୋଲି ବି ଖୋଦ୍ ଚଣ୍ଡାଶୋକ କହି ବୁଲିଲେଣି। ତେବେ ଦେଖାଯାଉ ଲିଙ୍ଗରାଜ କ୍ଷେତ୍ରରେ ନିଶ୍ୱାସ କେତେଦୂର କାମ କରୁଛି।



## ବୋମା ପକାଇଲେ ଦୀପାଳି

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁକୁ ଦୁଇବର୍ଷ ପୁରିବା ବେଳକୁ ଝିଅ ଦୀପାଳି ବୋମାଟିଏ ପକାଇଛନ୍ତି। ସିଧାସଳଖ କହିଛନ୍ତି ମୋ ବାପାଙ୍କ ମୃତ୍ୟୁର ସିବିଆଇ ତଦନ୍ତ କରାଅ। ଦୀପାଳିଙ୍କର ଏହି ପଦକ କଥା ଏବେ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଛି। ବିଶେଷକରି ବିଜେଡି ଶିବିରରେ ଭୂମିକମ୍ପ ଭଳି ଅବସ୍ଥା। କାରଣ ଯଦି ମୋହନ ସରକାର ସିବିଆଇ ତଦନ୍ତ ପାଇଁ ସୁପାରିଶ୍ କରନ୍ତି ଓ ଏହି ମାମଲାରେ ସିବିଆଇ ତଦନ୍ତ ହୁଏ ତେବେ ବିଜେଡି ମାର୍କା ନେତାଙ୍କ ଠାରୁ ଡାକ୍ତର ଓ ପୁଲିସ୍ କେହି ଛାଡ ପାଇବେ ନାହିଁ। ସିବିଆଇ ଦପ୍ତରକୁ ସମସ୍ତେ ଧାଡିରେ ଆସି ଜେରାର ସମ୍ମୁଖୀନ ହେବେ। ଝାରସୁଗୁଡା ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଅନେକ ଲୋକ ଟଣାହୋଇ ଆସିବେ। ସବୁଠାରୁ ଅଧିକ ଜେରାର ସମ୍ମୁଖୀନ ହେବେ ଚିକିତ୍ସା କରିଥିବା ଡାକ୍ତର ଓ ଡାକ୍ତରଖାନାରେ ଲୁହ ଗଡାଇଥିବା ନେତାଏ। ଏହାରି ଭିତରେ କିନ୍ତୁ କିଛି ଲୋକ ଦୀପାଳିଙ୍କୁ ସମାଲୋଚନା କରିବା ଆରମ୍ଭ କରିଦେଇଛନ୍ତି। ହେଲେ ବରିଷ୍ଠ ବିଜେପି ନେତା ଜୟ ନାରାୟଣ ଯେଭଳି ଭାବେ ଦୀପାଳୀଙ୍କ ସପକ୍ଷରେ ବାହାରିଛନ୍ତି ସେଥିରୁ ସିବିଆଇ ଆସିବାଟା ଏକ ପ୍ରକାର ଥୟ ବୋଲି ଆଲୋଚନା ଜୋର ଧରିଲାଣି। ହେଲେ ବିଜେଡି ସରକାରର ଏଫ୍‌ବିଆଇ ତଦନ୍ତ କୁଆଡେ ଗଲା ସେ ପ୍ରଶ୍ନଟି ବି ଦୀପାଳି ପଚାରିବା ଉଚିତ୍ ଥିଲା ବୋଲି କୁହାଯାଉଛି।



## ଅଡୁଆ ହୋଇଛନ୍ତି ବାଡୁଅ ଅଧ୍ୟାପକ

ରାଜଧାନୀର ଗୋଟିଏ ପ୍ରତିଷ୍ଠିତ କଲେଜରେ ଜଣେ ବାଡୁଅ ଅଧ୍ୟାପକ ଏବେ କେବଳ କଲେଜ କର୍ତ୍ତୃପକ୍ଷ ନୁହେଁ ସରକାରଙ୍କ ପାଇଁ ବି ଅଡୁଆ ହୋଇଛନ୍ତି। ବାହା ବୟସ ଗଡିଯିବାରୁ ସିଏ ନିଜକୁ ବ୍ୟାଚେଲର ତାଲିକାରେ ରଖି କାରନାମା ଦେଖାଉଛନ୍ତି। ଇତି ମଧ୍ୟରେ ଜଣେ ଛାତ୍ରୀଙ୍କ ପ୍ରତି ଅଶାଳୀନ ଆଚରଣ କରିବାପରେ ଏହି ବାଡୁଅ ଅଧ୍ୟାପଙ୍କର ଗୁମର ଖୋଲିବାରେ ଲାଗିଛି। ପୂର୍ବରୁ ସେ କାର୍ଯ୍ୟ କରିଥିବା ରାଜଧାନୀର ଗୋଟିଏ ପ୍ରତିଷ୍ଠିତ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟରେ ତାଙ୍କର ପୁରୁଣା କାରନାମାର ରେକର୍ଡ ରହିଛି। ଅବଶ୍ୟ ସେତେବେଳେ ଏହି ବାବୁଙ୍କର ବିବାହ ଯୋଗ୍ୟ ବୟସ ଥିଲା। ହେଲେ ସରକାରୀ ଚାକିରି ପାଇବାପରେ କାହିଁକି ବାବୁ ବାଡୁଅ ରହିଲେ ଓ ଛାତ୍ରୀଙ୍କ ପ୍ରତି ବାଙ୍କ ଚାହାଣୀ ମାରିଲେ ତାହା ଏବେ ଆଲୋଚନାର ବିଷୟ ପାଲଟିଛି। ବର୍ତ୍ତମାନ ବାବୁଙ୍କ କାରନାବା ପଦାକୁ ଆସିବା ପରେ ତାଙ୍କୁ କଲେଜ କର୍ତ୍ତୃପକ୍ଷ ବିଭାଗୀୟ ମୁଖ୍ୟ ପଦରୁ ହଟାଇ ଦେଇଥିବାବେଳେ କାର୍ଯ୍ୟାନୁଷ୍ଠାନ କିନ୍ତୁ ନେଉ ନାହାନ୍ତି। ଏଥିରେ ଉତ୍ସାହିତ ହୋଇ ବାଡୁଅ ଅଧ୍ୟାପକ ଜଣଙ୍କ କଲେଜ କର୍ତ୍ତୃପକ୍ଷଙ୍କୁ ଓଲଟା ଗାଳି ଦେବାରେ ଲାଗିଛନ୍ତି। ତେବେ କଲେଜର କିଛି କର୍ମଚାରୀ ଓ ଛାତ୍ରଛାତ୍ରୀ ଗୁରୁ ଜଣଙ୍କ କାହିଁକି ହାତକୁ ଦି ହାତ ନହୋଇ ନାଁ ପକା କାମ କରୁଛନ୍ତି ସେ ସଂକ୍ରାନ୍ତରେ ଏବେ ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରିବାରେ ଲାଗିଛନ୍ତି।

## ଆହାର ମୁହଁରେ କିଏ ଦେଲା ପାହାର ?




ଶଙ୍ଖ ଭବନରେ ଆରମ୍ଭ ସମୟରୁ ସେଠାରେ ଶାକାହାରୀ କ୍ୟାଣ୍ଟିନ ଖୋଲିଛି। ଶଙ୍ଖୁଆମାନଙ୍କ ସହିତ କିଛି ବାହାର ଲୋକେ ବି ଯାଇ ଖାଇପାରୁଥିଲେ। ଖାଦ୍ୟ ଦର ଯଦିଓ ବଜାର ସହିତ ସମାନ ରହୁଥିଲା ତଥାପି ପରିଷ୍କାର ପରିଚ୍ଛନ୍ନତା ଓ ଅନ୍ୟାନ୍ୟ ଦୃଷ୍ଟିରୁ ଲୋକେ ପସନ୍ଦ କରୁଥିଲେ। କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା କିଛି ଲୋକେ ଯେଉଁମାନେ କି ଶଙ୍ଖଭବନର ଖାଦ୍ୟ ସଂକ୍ରାନ୍ତରେ ଜାଣିଥିଲେ କିମ୍ବା ସେମାନଙ୍କର କେହି ଚିହ୍ନା ପରିଚୟ ଥିଲେ ସେମାନେ ବି ପଛ ଗେଟ୍ ବାଟେ ଯାଇ ଖାଇ ଦେଉଥିଲେ। ହେଲେ କାହାର ମୁଣ୍ଡର ଗୋଟିଏ ଉକୁଣ୍ଡିଆ ବୁଦ୍ଧି ବାହାରିଲା ଓ ମିଲ୍ ପିଛା ୮୦ଟଙ୍କା ଲେଖି ମାରିଲା ତାକୁ ଏବେ ଖୋଜା ପଡିଛି। କାରଣ ଏହି ଦର ତାଲିକା ଝୁଲିବାପରେ ପାଲା ଆରମ୍ଭ ହୋଇଛି। ବିଜେଡି ସେଠାରେ ହୋଟେଲ ଖୋଲିଲାଣି ବୋଲି ବିରୋଧି ଅଭିଯୋଗ କରୁଛନ୍ତି। କେତେକ ତ କୋର୍ଟ କଚେରୀ ଯିବାକୁ ବାହାରିଲେଣି। ତେବେ ଏହା ପଛରେ କୁଆଡେ ବିଜେଡିରେ ଥିବା ବିଭୀଷଣମାନେ କାମ କରିଥିବା କୁହାଯାଉଛି। ଏମାନେ ଦଳରେ ନୀଳବର୍ଣ୍ଣ ଶୃଗାଳ ହୋଇଛନ୍ତି। ତେଣୁ ଶଙ୍ଖୁଆମାନଙ୍କୁ ବଦନାମ କରିବାକୁ ମିଲ୍ ତାଲିକା ମାରିଥିବା ଆଲୋଚନା ହେଉଛି। ତେବେ ଦଳ ଭିତରେ ଏବେ ଏତେ ସଂଖ୍ୟାରେ ବିଭୀଷଣ ଭର୍ତ୍ତି ହେଲେଣି ଯେ କିଏ ଅସଲି ଓ କିଏ ନକଲି ସେମାନଙ୍କୁ ଖୋଜି ବାହାର କରିବା କଷ୍ଟକର। ତେବେ ଖାଇବାରେ ରାଜନୀତି ପଶିବାପରେ ଏବେ ଆହାର ମୁହଁରେ କିଏ ପାହାର ଦେଲା ତାହାକୁ କିଛି ଶଙ୍ଖୁଆ ଖୋଜିବାରେ ଲାଗିଛନ୍ତି।

## ପାଣିରେ ପଡିଲା ନନ୍ଦନକାନନ ପଇସା




ନନ୍ଦନକାନନ କର୍ତ୍ତୃପକ୍ଷଙ୍କର ପଇସା ପାଣିରେ ପଡିଛି। ପ୍ରବାସୀଙ୍କୁ ଶଙ୍ଖୋଳିବାପାଇଁ ସାଜ ସଜାରେ ଯେଉଁ ଅର୍ଥ ବ୍ୟୟ ହୋଇଥିଲା ତାହାର କାଣିଚାଏ ବି ଉଠିଲା ନାହିଁ। ପ୍ରଚାର ବି ଟିକେ ହେଲା ନାହିଁ। କର୍ତ୍ତୃପକ୍ଷଙ୍କର ଏବେ ଚୋର ମା' କବାଟ ଦେଇ କାନ୍ଦିବା ଅବସ୍ଥା। ହେଉଥିବା ଆଲୋଚନା ଅନୁଯାୟୀ ରାଜଧାନୀରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଉତ୍ସବରୁ ବିଦେଶୀମାନେ ନନ୍ଦନକାନନ ଯିବେ ବୋଲି ଜୋରସୋରରେ ପ୍ରଚାର ହେଲା। ପ୍ରଚାରକୁ ଦେଖି ନନ୍ଦନକାନନ କର୍ତ୍ତୃପକ୍ଷ ବି ଲାଗି ପଡିଲେ। ପ୍ରବାସୀମାନେ ଆସିଲେ ସେମାନଙ୍କୁ କିଭଳି ସତ୍କାର କରାଯିବ ସେଥିପାଇଁ ଧାଁ ଦଉଡ ଚାଲିଲା। ଗେଟ୍ ଠାରୁ ଭିତର ପର୍ଯ୍ୟନ୍ତ ସାଜ ସଜା ହେଲା। ପ୍ରବାସୀଙ୍କୁ ନନ୍ଦନକାନନ ବୁଲାଇବାପାଇଁ ଗାଡି ସଜ ହେଲା। ମାଳ ମାଳ ପ୍ରବାସୀଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇଥିଲା। ହେଲେ ଦେଖିଲା ବେଳକୁ ଦୁଇ ଦିନରେ ୧୮ଜଣ ପ୍ରବାସୀ ନନ୍ଦନକାନନ ଗଲେ। ପ୍ରଥମ ଦିନ ୬ଜଣ ଓ ତା ପରଦିନ ୧୩ଜଣ। ଇଜ୍ଜତ ଚାଲିଯିବା ଭୟରେ କୁଆଡେ ସେମାନଙ୍କୁ ବି ନେବାକୁ ପଡିଲା। ଏହାକୁ ଦେଖିଲା ପରେ ବହୁ ଆଡମ୍ବରରେ ଲଘୁକ୍ରିୟା ବୋଲି ନନ୍ଦନକାନନର କିଛି କର୍ମଚାରୀ ଆଲୋଚନା କରୁଛନ୍ତି। ପ୍ରବାସୀ ତ ଆସିଲେ ନାହିଁ ସେମାନଙ୍କ ପାଇଁ ଆସିଥିବା ଖାଦ୍ୟ ଗୁଡାକ କିଏ ଖାଇଲା ତାହାକୁ ନେଇ ଆଲୋଚନା ଚାଲିଥିବାବେଳେ ଏତିକି ପଇସା ବାଘ ଭାଲୁଙ୍କ ପାଇଁ ଖର୍ଚ୍ଚ ହୋଇଥିଲେ ସେମାନଙ୍କ ବଳ ବଢିଥାନ୍ତା ବୋଲି ଚର୍ଚ୍ଚା ହେଉଛି।

# ଟୋକନ୍ ପାଇନାହାନ୍ତି ୨୪ ଜିଲ୍ଲାର ଚାଷୀ

- ଧାନ ବିକି ନପାରି ହନ୍ତସନ୍ତ ହେଉଛନ୍ତି
- ଚାଷୀ ସରିନି, ତଥାପି ୧୭୧୩୬ ଜମିର ସାଟେଲାଇଟ ସର୍ଭେ
- ମାତ୍ର ୧୨ ପ୍ରତିଶତ ଜମିରେ ହେଉଛି ଧାନ ଚାଷ



**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ସରକାରୀ ଅଫିସରଙ୍କ ବେପରୱା ମନୋଭାବ ଓ ଅବହେଳା ଯୋଗୁ ଧାନ ବିକ୍ରି ପାଇଁ ଅପେକ୍ଷାରତ ଚାଷୀଙ୍କୁ ଏପର୍ଯ୍ୟନ୍ତ ମିଳିପାରିନି ଟୋକନ୍। ୧୭ ହଜାର ୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ସର୍ଭେ କାର୍ଯ୍ୟ ସରିନଥିବାରୁ ୨୪ଟି ଜିଲ୍ଲାର ସମ୍ପୃକ୍ତ ଚାଷୀଙ୍କୁ ଟୋକନ୍ ମିଳିପାରିନ ଥିବା ଜଣାପଡ଼ିଛି। ତେବେ ଏତେ ପରିମାଣର ଜମିର ସାଟେଲାଇଟ୍ ଫଟୋଚିତ୍ର ସର୍ଭେ କାର୍ଯ୍ୟ କାହିଁକି ଏପର୍ଯ୍ୟନ୍ତ ଶେଷ ହୋଇନି, ସେନେଇ କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳିପାରିନାହିଁ। ଧାନ ଅମଳ କରି ରଖିଥିବା ଚାଷୀ ଏପର୍ଯ୍ୟନ୍ତ ଟୋକନ୍ ପାଇନଥିବାରୁ କିଭଳି ନିଜ ଧାନ ବିକ୍ରି କରିବେ ତାକୁ ନେଇ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି । ରାଜ୍ୟ ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଜାନୁଆରୀ ୧୬ ତାରିଖ ସୁଦ୍ଧା ୧୭ ହଜାର ୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ରର ଫିଲଡ୍ ସର୍ଭେ ବାକି ରହିଛି। ଏହି ସବୁ ଜମି ୨୪ଟି ଜିଲ୍ଲାରେ ରହିଛି। ମୋଟ ୧୮ହଜାର ୨୩୯ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ଯାଞ୍ଚ୍ ଓ ଫିଲଡ୍ ସର୍ଭେକୁ ଅନୁମୋଦନ ମିଳିନଥିବାରୁ ସମ୍ପୃକ୍ତ ଜମିର ମାଲିକ ଅବା ଚାଷୀମାନେ ନିଜର ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଟୋକନ୍ ପାଇନଥିବା ଜଣାପଡ଼ିଛି। କେବଳ ବରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସବୁ ଜମି ରହିଛି । ବିଭାଗର ତଥ୍ୟ ଅନୁସାରେ, ମୋଟ ୧୯ ଲକ୍ଷ ୫ ହଜାର ୪୯୦ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ମଧ୍ୟରୁ ୧୮ ଲକ୍ଷ ୮୮ ହଜାର ୩୫୪ଟି ଜମିର ଫିଲଡ୍ ସର୍ଭେ ଶେଷ ହୋଇସାରିଛି। ବାକି ୧୭ ହଜାର ୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ରର ଫିଲଡ୍ ସର୍ଭେ ଏବେବି ଶେଷ ହୋଇପାରିନାହିଁ। ଏଥିରେ ସର୍ବାଧିକ ଯାଜପୁର ଜିଲ୍ଲାର ୫୦୫୦ଟି ପ୍ଲଟ, ଭଦ୍ରକ ଜିଲ୍ଲାର ୨୭୪୩ଟି ଜମି, ପୁରୀ ଜିଲ୍ଲାର ୧୯୫୫ଟି ଜମି ଓ ବାଲେଶ୍ୱରର ୧୭୧୮ଟି ଜମି ରହିଛି। ଏହି ଜମିର ଚାଷୀମାନେ ନିଜର ଅମଳ ଧାନକୁ ବିକ୍ରି କରିବା ନିମନ୍ତେ ପ୍ୟାକ୍ସରେ ପଞ୍ଜିକରଣ କରିଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା, ଯେଉଁ ୧୮ ଲକ୍ଷ ୮୮ ହଜାର ୩୫୪ଟି ଜମିର ଫିଲଡ୍ ସର୍ଭେ ହୋଇଛି, ସେଥିରୁ ମାତ୍ର ୨ ଲକ୍ଷ ୨୩ ହଜାର ୧୮୧ଟି ଜମି ଅର୍ଥାତ ୧୨ ପ୍ରତିଶତ ଜମିରେ ହେଉଛି ଧାନ ଚାଷ। ବାକି ୧୬ ଲକ୍ଷ ୬୫ ହଜାର ୧୭୩ଟି ଜମି ହେଉଛି ଅଣଧାନ ଚାଷ ଜମି । ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଏସବୁ ଜମିର ତଥ୍ୟ ଦେଇଥିବା ବିଭାଗର ତଥ୍ୟରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗତକାଲି ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ରାଜ୍ୟ ସରକାର ପ୍ରାୟ ୩୦ ହଜାର ଟନ୍ ଧାନ କିଣିସାରିଛନ୍ତି। ଏ ବାବଦରେ ୮ ହଜାର କୋଟି ଟଙ୍କା ଧାନ ମୂଲ୍ୟ ଚାଷୀଙ୍କୁ ଦିଆଯାଇସାରିଛି। ଅଦିନିଆ ବର୍ଷା ପାଇଁ ଧାନର ମାନ ହ୍ରାସ ହୋଇଥିବାରୁ କିଛି ଜାଗାରେ କଟନୀ ଛଟନୀ ହେଉଛି। ଚାଷୀ ମଧ୍ୟ ଅଳ୍ପ କାଟିଲେ ବି ୩୧୦୦ ଟଙ୍କା ପାଇବେ ବୋଲି ଦେଖି ଧାନ ବିକ୍ରି କରୁଛନ୍ତି। ବାହାରେ ସେହି ଧାନ ବିକିଲେ କ୍ୱିଣ୍ଟାଲ ପିଛା ୨୧୦୦ କି ୨୨୦୦ ଟଙ୍କା ପାଇଥାନ୍ତେ ବୋଲି ଶ୍ରୀ ସାମନ୍ତ କହିଥିଲେ।

## ଗୁଣି ଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ଛୁରାମାଡ଼

**ରାୟଗଡ଼ା,୧୯।୧(ସଂଚାର ବ୍ୟୁରୋ):** ଗୁଣି ଗାରେଡି ସନ୍ଦେହରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ଛୁରାମାଡ଼ ଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡା ଟାଉନ୍ ଥାନା ଅନ୍ତର୍ଗତ ମାଙ୍କଡ଼ଝୋଲା ଗ୍ରାମରେ। ଆହତ ବୃଦ୍ଧା ଖାଲିମଣି ଜାନୀଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ପେଟର ଡାହାଣ ପାଖରେ ଗଭୀର ଆଘାତ ହୋଇଛି। ଗତକାଲି ରାତି ପ୍ରାୟ ୧୦ଟା ସମୟରେ ବାଲୁ ଝୋଡିଆ ଓ ବେଜୁ ଜାନି ମିଶି ବୃଦ୍ଧା ଖାଲିମଣିଙ୍କୁ ଘରୁ ବାହାରକୁ ଡାକିବା ସହ ଠେଲାପେଲା କରିଥିଲେ। ପରେ ସେମାନେ ଖଲିମଣିଙ୍କୁ ଏକ ଧାରୁଆ ଛୁରୀରେ ଆକ୍ରମଣ କରିବା ସହ ନିକଟସ୍ଥ ନଦୀପଠାରେ ଫିଙ୍ଗିଦେଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ଖବର ପାଇ ପରିବାର ଲୋକଙ୍କୁ ଜଣାଇବା ପରେ ଖାଲିମଣିଙ୍କୁ ଉଦ୍ଧାର କରାଯାଇଥିଲା। କିଛି ମାସ ତଳେ ଅଭିଯୁକ୍ତ ବାଲୁ ଝୋଡ଼ିଆର ବୋହୂ ଓ ନାତି ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଥିଲେ। ତେବେ ସେମାନଙ୍କ ମୃତ୍ୟୁ ପଛରେ ଖାଲିମଣିଙ୍କ ଗୁଣିଗାରେଡ଼ି ଥିବା ସନ୍ଦେହ କରି ବାଲୁ ଝଗଡ଼ା କରିଥିଲା। ଏପରିକି ସେ ଥରେ ତାଙ୍କୁ ନିସ୍ତୁକ ମାଡ଼ ମଧ୍ୟ ମାରିଥିଲେ। ଏହି କ୍ରମରେ ଗତକାଲି ରାତିରେ ଖାଲିମଣିଙ୍କୁ ଏକୁଟିଆ ପାଇ ସେ ଆକ୍ରମଣ କରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ନେଇ ଟାଉନ୍ ଥାନା ପୁଲିସ ମେଡିକାଲରେ ପହଞ୍ଚିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ ବାଲୁ ନିକଟରେ ପହଞ୍ଚିପାରିନଥିବା ଜଣାପଡ଼ିଛି।

## ପୃଥକ୍ ଦୁଷ୍କର୍ମ ମାମଲାରେ ୭ ଗିରଫ

**ଢେଙ୍କାନାଳ/ରାଉରକେଲା, ୧୯।୧(ସଂଚାର ବ୍ୟୁରୋ):** ରାଜ୍ୟର ଦୁଇଟି ପୃଥକ୍ ସ୍ଥାନରେ ଜନୈକା ମହିଳା ଓ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଢେଙ୍କାନାଳରେ ଜନୈକା ମହିଳା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ହାତଗୋଡ଼ ବାନ୍ଧି ଦୁଷ୍କର୍ମ କରିଥିବା ବେଳେ ରାଉରକେଲାରେ ଜନୈକା ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ସେହିପରି ଉଭୟ ଘଟଣାରେ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି।

ପ୍ରଥମ ଘଟଣାରେ ସଦର ଥାନା ଅଞ୍ଚଳରେ ମହିଳା ଜଣଙ୍କ ଏକ ଭଡ଼ାଘରେ ଏକୁଟିଆ ରହୁଥିବା ବେଳେ ହୃଷିକେଶ ନାମକ ଯୁବକର ତାଙ୍କ ଉପରେ ନଜର ଥିଲା। ଗତକାଲି ରାତିରେ ମହିଳା ଜଣଙ୍କ କୌଣସି କାମ ପାଇଁ ଘର ବାହାରକୁ ଆସି ପୁଣି ଭିତର ଯାଇଥିଲେ। କିନ୍ତୁ ଏହା ଭିତରେ ହୃଷିକେଶ ସାହୁ ଘର ଭିତରେ ପଶିଯାଇଥିଲା। ଏହା ଭିତରେ ଅଭିଯୁକ୍ତ ଘର ଭିତରକୁ ପଶି ଯାଇଥିଲା। ସେଠାରେ ମହିଳାଙ୍କୁ ସେ ପ୍ରଥମ ଛୁରୀ ଦେଖାଇ ଭୟଭୀତ କରିବା ସହ ପରେ ଗୋଡ଼ ହାତ ବାନ୍ଧି ପ୍ରାୟ ୩ ଘଣ୍ଟା ଧରି ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ସଦର ଥାନା ପୁଲିସ୍ ଘଟଣାର ଛାନଭିନ କରିବା ସହ ଅଭିଯୁକ୍ତ ହୃଷିକେଶକୁ ଗିରଫ କରିଛି। ଏଥିସହ ପୁଲିସ୍ ତା'ଠାରୁ ଛୁରି ମଧ୍ୟ ଜବତ କରିଛି। ଅଭିଯୁକ୍ତର ଘର ଦେବଗଡ ଜିଲ୍ଲାରେ ହୋଇଥିବା ବେଳେ ସେ ପୀଡ଼ିତାଙ୍କ ଘର ନିକଟରେ ଥିବା ଏକ କାଠ ମିଲରେ କାମ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଇସ୍ପାତ ନଗରୀ ରାଉରକେଲାର ବିଶ୍ରା ଥାନା ଅଞ୍ଚଳରେ ନାବାଳିକାଙ୍କୁ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ କୋର୍ଟ ଚାଲାଣ କରିବା ସହ ପୁଲିସ୍ ମାମଲାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଅଶ୍ଳୀଳ ନୃତ୍ୟ ବନ୍ଦ ପାଇଁ ଆସିବ ମାର୍ଗଦର୍ଶିକା



**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି, ଯାତ୍ରା କମିଟି, କଳାକାର ଓ ମାଲିକଙ୍କ ସହ ଆଲୋଚନା ହୋଇଛି। ତେବେ ତୁରନ୍ତ କଠୋର ଆଇନ ନ ନେବାକୁ ଯାତ୍ରା ମାଲିକଙ୍କ ଅନୁରୋଧ କରିଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ କିଛି ସମୟ ମାଗିଛନ୍ତି। ସେପଟେ ପୋଲିସ ଓ ଗୃହ ବିଭାଗ ଆଇନ ଶୃଙ୍ଖଳା ଦିଗକୁ ଦେଖୁଛି। ଆଗକୁ ଅଶ୍ଳୀଳତକୁ ନେଇ ମାର୍ଗଦର୍ଶିକା ଜାରି କରିବାକୁ ଯାଉଛନ୍ତି ସରକାର। ଉଲ୍ଲେଖଯୋଗ୍ୟ ବିଭିନ୍ନ କ୍ଷେତ୍ରର ଲୋକମାନେ ବିଶେଷକରି ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀମାନେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଦାବି କରିବା ପରେ ଏହି ପଦକ୍ଷେପ ଆସିଛି। ସେପଟେ ଖଣ୍ଡଗିରି ଯାତ୍ରା ୨୦୨୫ ମାଘ ସପ୍ତମୀରୁ ଆରମ୍ଭ ହେବ ଏବଂ ଫେବୃଆରୀ ୧୭ ପର୍ଯ୍ୟନ୍ତ ଚାଲିବ। ଅପେରାରେ ପ୍ରାୟ ୧୨ଟି ଯାତ୍ରା ଦଳ ପ୍ରଦର୍ଶନ କରିବେ।

## ନବ ଦାସ ହତ୍ୟାକାଣ୍ଡ ମାମଲା | ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ଜଣାଇବେ ଦୀପାଳି

**ଝାରସୁଗୁଡା,୧୯।୧(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯିବା ସକାଶେ ତାଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଦାବି କରିଥିଲେ। ତେବେ ଏନେଇ ସରକାରଙ୍କୁ ଲିଖିତ ଭାବେ ଜଣାଇଲେ ସରକାର ଏଦିଗରେ ବିଚାର କରିବେ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ଏହି କ୍ରମରେ ଦୀପାଳି ତାଙ୍କ ବାପାଙ୍କ ହତ୍ୟାକାଣ୍ଡ ମାମଲାର ସିବିଆଇ ତଦନ୍ତ ପାଇଁ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। ଏନେଇ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୀପାଳି କହିଛନ୍ତି ଯେ ରାଜନୈତିକ ଫାଇଦା ପାଇଁ ମୋ ବାପା ଓ ମୋ ପରିବାରକୁ ଟାର୍ଗେଟ କରାଯାଉଛି। ବର୍ତ୍ତମାନର କ୍ଷମତାସୀନ ବିଜେପି ସରକାର ପୂର୍ବରୁ କହୁଥିଲେ



ସିବିଆଇ ତଦନ୍ତ ପାଇଁ ଦୀପାଳି ଦାବି କରୁନାହାନ୍ତି। କିନ୍ତୁ ଏବେ ମୁଁ ସିବିଆଇ ତଦନ୍ତ ପାଇଁ କହିବା ପରେ ଏବେ ସେମାନେ କହୁଛନ୍ତି ଯେ ଲିଖିତ ଆକାରରେ ଜଣାନ୍ତୁ। ଆମେ ସାଧାରଣ ଲୋକ। ଯେଉଁ ସରକାର ମୋ ଭାଇଙ୍କୁ ବିନା କୌଣସି ଦୋଷରେ ୧୩ ଘଣ୍ଟା ଅଟକ ରଖିପାରୁଛନ୍ତି ସେ ସରକାରଙ୍କୁ ମୋତେ ଡର ଲାଗୁଛି ବୋଲି ଦୀପାଳି କହିଛନ୍ତି। ତେବେ ସେ ନିଶ୍ଚିତ ଭାବେ ଲିଖିତ ଆକାରରେ ଜଣାଇବେ। ଏହାପରେ ମୁଖ୍ୟମନ୍ତ୍ରୀ କ'ଣ ନିଷ୍ପତ୍ତି ନେଉଛନ୍ତି, ତା' ଉପରେ ଆମର ନଜର ରହିବ ବୋଲି ଦୀପାଳି କହିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଦୀପାଳି କ୍ରାଇମବ୍ରାଞ୍ଚ୍ ତଦନ୍ତରେ ଅସନ୍ତୋଷ ପ୍ରକାଶ କରିବା ସହ ଏ ନେଇ ସରକାର ତାଙ୍କ ପରିବାର ସହ ଆଲୋଚନା କରିବାକୁ ଦାବି କରିଥିଲେ।

## ଅଷ୍ଟ୍ରେଲିଆରେ ହେବ ରଥଯାତ୍ରା, ଲାଗିବ ପିପିଲି ଚାନ୍ଦୁଆ

**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ବିଶ୍ୱ ଦେଖିବ ଜଗନ୍ନାଥ ସଂସ୍କୃତିର ଝଲକ। ଅଷ୍ଟ୍ରେଲିଆରେ ହେବ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଓଡ଼ିଆ କମ୍ୟୁନିଟି ପକ୍ଷରୁ ଚଳିତ ବର୍ଷ ଆୟୋଜିତ କରାଯିବ ରଥଯାତ୍ରା। ଅଷ୍ଟ୍ରେଲିଆ ଓଡ଼ିଆ କମ୍ୟୁନିଟି ସଦସ୍ୟମାନେ ଆଜି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ସିଡନୀରେ ରଥଯାତ୍ରା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଛନ୍ତି । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଉପସ୍ଥିତରେ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଛନ୍ତି ସିଡନୀରେ ଥିବା ପ୍ରବାସୀ ଓଡ଼ିଆ । ଏଥିସହ ରଥଯାତ୍ରାରେ ରଥରେ ପିପିଲି




ଚାନ୍ଦୁଆ ଶୋଭା ପାଇବ। ୨୦ ଫୁଟ ଉଚ୍ଚତାର ରଥ ସହ ୫୦ ଫୁଟ ଗୋଲେଇ ଚାନ୍ଦୁଆ ରଥରେ ଲାଗିବ। ଏଥିପାଇଁ ପିପିଲି ଚାନ୍ଦୁଆ କାରିଗର ମଧ୍ୟ ମନ୍ତ୍ରୀଙ୍କୁ ଭେଟିଥିଲେ। ସିଡନୀରେ ରଥଯାତ୍ରା ପାଇଁ ୫୧ ହଜାର ଟଙ୍କାର ପ୍ରଥମ ପ୍ରୋତ୍ସାହନ ରାଶି ସଂସ୍କୃତି ମନ୍ତ୍ରୀ ପ୍ରଦାନ କରିଛନ୍ତି। ରଥଯାତ୍ରା ପରେ ସିଡନୀରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି ଅଷ୍ଟ୍ରେଲିଆରେ ରହୁଥିବା ଓଡ଼ିଆ। ଏହା ଏକ ଗୌରବର କଥା, ଜଗନ୍ନାଥ ସଂସ୍କୃତିର, ପିପିଲି ଚାନ୍ଦୁଆ ଶିଳ୍ପର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସହଯୋଗ ରହିବ ବୋଲି ମନ୍ତ୍ରୀ କହିଛନ୍ତି ।

# ପଥ ଉତ୍ସବ: ଅର୍ଚ୍ଚନା ଓ ରୁକୁଙ୍କ ଗୀତରେ ଝୁମିଲେ ଦର୍ଶକ



**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ଆଜି ଶୀତୁଆ ସକାଳରେ ରାଜଧାନୀ ଦର୍ଶକ ପଥ ଉତ୍ସବର ମଜା ନେଇଛନ୍ତି। ଜଣାଶୁଣା କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଓ ରୁକୁ ସୁନାଙ୍କ ଗୀତରେ ବିଭୋର ହୋଇଛନ୍ତି। ଓଡ଼ିଆଠୁ ହିନ୍ଦୀ ଓ ତା' ସହ ସମ୍ବଲପୁରୀ ଗୀତର ତାଳେ ତାଳେ ନାଚିବା ସହ ଗୀତ ଗୁଣୁଗୁଣେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଫୁଲ୍ ମଜା ଉଠାଇଛନ୍ତି ଦର୍ଶକ। ନାଚଗୀତର ତାଳେ ତାଳେ ରାଜଧାନୀବାସୀ ଝୁମିବା ଫଳରେ ଜାଗମରା ଇନଫୋସିଟି ଛକରୁ ସିଲିକନ କଲେଜ ପର୍ଯ୍ୟନ୍ତ ଏକ ଭିନ୍ନ ମାହୋଲ୍ ସୃଷ୍ଟି ହୋଇଥିଲା।

ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ବି ତା'ର ନିଆରା ନୃତ୍ୟ ଅନ୍ଦାଜରେ ଦର୍ଶକଙ୍କୁ ବେଶ୍ ଝୁମାଇଥିଲା। ଆହୁରି ଉପସ୍ଥିତ ଦର୍ଶକ ମ୍ୟୁଜିକ୍, କମେଡି, ଜୁମ୍ବା, ଯୋଗ, ତୀରଚାଳନା, ବାସ୍କେଟବଲ୍, ସାପ-ଶିଡ଼ି ଖେଳ, ବେଲୁନ ଶୁଟିଂ, ଏକଚକିଆ ସାଇକେଲ ଚାଳନା, ସାଧାରଣ ସାଇକେଲ ଚାଳନା, ଝୋଟି ବା ରଙ୍ଗୋଲି, ଡ୍ରଇଂ, କ୍ଲେ ମଡେଲିଂ, ମେହେନ୍ଦି ଇତ୍ୟାଦିର ମଜା ନେଇଛନ୍ତି। ଚଳିତ ବର୍ଷର ଏହା ତୃତୀୟ ପଥ ଉତ୍ସବ ହୋଇଥିବାବେଳେ ନିଜକୁ ଫିଟ୍ ରଖିବା ସହ ରାଜଧାନୀବାସୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଦେବାକୁ ଏହି ଉତ୍ସବ ଆୟୋଜିତ ହେଉଛି। ନାଚଗୀତର ଆସର ରାଜଧାନୀବାସୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଥିବାବେଳେ ସହର ଓ ବସ୍ତିର କୁନି ପ୍ରତିଭା ମଧ୍ୟ ସେମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଆଜିର ପଥ ଉତ୍ସବରେ ଭୁବନେଶ୍ୱର ମେୟର୍ ସୁଲୋଚନା ଦାସ ଯୋଗଦେଇ ପିଲାଠୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ପଥ ଉତ୍ସବ ଆକର୍ଷିତ କରୁଥିବାରୁ ଏହାକୁ ଆଗାମୀ ଦିନରେ ଜାରି ରଖାଯିବ ବୋଲି କହିଛନ୍ତି। ମେୟରଙ୍କ ବ୍ୟତୀତ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ ଓ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଏହି କାର୍ଯ୍ୟକ୍ରମ ଉପଭୋଗ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ବିଭିନ୍ନ କାରଣରୁ ଦେଶରେ ଏବେ ସୁନା ଓ ରୁପା ଦର ବଢ଼ିବାରେ ଲାଗିଛି। ଭୁବନେଶ୍ୱର ବଜାରରେ ଗତ ସପ୍ତାହକ ମଧ୍ୟରେ ସୁନା ଦର ପ୍ରାୟ ଦେଢ଼ ହଜାର ଟଙ୍କା ବଢ଼ିଯାଇଛି। ଜାନୁଆରି ୧୮ ତାରିଖରେ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୮୧,୧୦୦ ଟଙ୍କା ରହିଛି। ଯଦିଓ ଗତକାଲି ତୁଳନାରେ ଏଥିରେ କିଛିଟା ହ୍ରାସ ଘଟିଛି କିନ୍ତୁ ଚଳିତମାସ ୧୧ ତାରିଖ ତୁଳନାରେ ଏହାର ମୂଲ୍ୟରେ ୧୪୬୦ ଟଙ୍କା ବୃଦ୍ଧି ଘଟିଛି। ଜାନୁଆରି ୧୧ରେ ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ୭୯,୬୪୦ ଟଙ୍କା ରହିଥିଲା। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ଗତ ସପ୍ତାହକ ମଧ୍ୟରେ ୧୩୫୦ ଟଙ୍କା ବଢ଼ିଯାଇଛି। ଗତ ୧୧ ତାରିଖରେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ୭୩ ହଜାର ଟଙ୍କା ରହିଥିଲା। ଜାନୁଆରି ୧୮ରେ ଏହା ୭୪୩୫୦ ଟଙ୍କାରେ ପହଞ୍ଚି ଯାଇଛି।

# ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି । ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।



**ଅଷ୍ଟମ ବେତନ କମିଶନ**

# ଏହି ରାଜ୍ୟରେ ପ୍ରଥମେ ବଢ଼ିବ କର୍ମଚାରୀଙ୍କ ଦରମା

**ନୂଆଦିଲ୍ଲୀ,୧୯।୧:** ଭାରତ ସରକାର ସରକାରୀ କର୍ମଚାରୀଙ୍କ ବେତନ, ଭତ୍ତା ଏବଂ ପେନଶନ ସଂଶୋଧନ କରିବା ପାଇଁ ପ୍ରତି ୧୦ ବର୍ଷରେ ଏକ ବେତନ ଆୟୋଗ ଗଠନ କରନ୍ତି। ଏହି ଆୟୋଗ ଏହି କର୍ମଚାରୀଙ୍କ ଆୟ ଏବଂ ଜୀବନଧାରଣ ମାନ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ପ୍ରତି ଅଷ୍ଟମ ବେତନ ଆୟୋଗର ଘୋଷଣା କର୍ମଚାରୀ ଏବଂ ପେନସନଭୋଗୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିବ। ବର୍ତ୍ତମାନ ଏକ ମୁଖ୍ୟ ପ୍ରଶ୍ନ ହେଉଛି ଏହି ବେତନ କମିଶନ କେବେ କାର୍ଯ୍ୟକାରୀ ହେବ ଏବଂ କେଉଁ ରାଜ୍ୟରେ ଏହା ପ୍ରଥମେ କାର୍ଯ୍ୟକାରୀ ହେବ।

ଏଥିସହ, ଅଷ୍ଟମ ବେତନ ଆୟୋଗର କାର୍ଯ୍ୟକାରିତା ପରେ କେଉଁ ରାଜ୍ୟର ସରକାରୀ କର୍ମଚାରୀମାନେ ସର୍ବାଧିକ ବେତନ ପାଇବେ ତାହା ଉପରେ କୌତୁହଳ ରହିଛି। ଅଷ୍ଟମ ବେତନ ଆୟୋଗର ସୁପାରିଶଗୁଡ଼ିକ ପ୍ରଥମେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ ହେବ। ପରବର୍ତ୍ତୀ ସମୟରେ, ରାଜ୍ୟଗୁଡ଼ିକ ମଧ୍ୟ ଏହି ସୁପାରିଶଗୁଡ଼ିକ ଗ୍ରହଣ କରିବାକୁ ବାଧ୍ୟ ହେବେ। ସପ୍ତମ ବେତନ ଆୟୋଗର କାର୍ଯ୍ୟକାରିତା ସମୟରେ ଅଧିକାଂଶ ରାଜ୍ୟ କେନ୍ଦ୍ର ସରକାରଙ୍କ ନେତୃତ୍ୱକୁ ଅନୁସରଣ କରିଥିଲେ।

ତଥାପି, ପ୍ରତ୍ୟେକ ରାଜ୍ୟର ନିଜସ୍ୱ ସମୟସୀମା ଏବଂ ଆଭିମୁଖ୍ୟ ରହିଛି। ଅନ୍ୟ ଅର୍ଥରେ, ଏହା ନିଶ୍ଚିତ ନୁହେଁ ଯେ ଅଷ୍ଟମ ବେତନ ଆୟୋଗ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଏକକାଳୀନ ରାଜ୍ୟ କର୍ମଚାରୀଙ୍କୁ ପ୍ରଦାନ କରାଯିବ। ବର୍ତ୍ତମାନ, ଆସନ୍ତୁ ଜାଣିବା କିପରି ନୂଆ ପେ କମିଶନଙ୍କ ସୁପାରିଶଗୁଡ଼ିକ ସମଗ୍ର ରାଜ୍ୟରେ ପ୍ରୟୋଗ ହେବ।

ସୁପାରିଶଗୁଡ଼ିକ କିପରି କାର୍ଯ୍ୟରେ ଲଗାଯାଏ? ଯେତେବେଳେ କେନ୍ଦ୍ର ସରକାର ପେ କମିଶନଙ୍କ ଠାରୁ ନୂଆ ସୁପାରିଶ ବାହାର କରନ୍ତି, ସେତେବେଳେ ଏହା କିପରି କରାଯିବ ତାହା ଉପରେ ରାଜ୍ୟଗୁଡ଼ିକ ପାଇଁ ନିର୍ଦ୍ଦେଶାବଳୀ ମଧ୍ୟ ପ୍ରଦାନ କରିଥାଏ। ତା'ପରେ ପ୍ରତ୍ୟେକ ରାଜ୍ୟ ଏହାର ବଜେଟ ଏବଂ ଏଥିରେ ଥିବା କର୍ମଚାରୀଙ୍କ ସଂଖ୍ୟା ଉପରେ ଆଧାର କରି ଏକ ଯୋଜନା ପ୍ରସ୍ତୁତ କରନ୍ତି। ରାଜ୍ୟଗୁଡ଼ିକ ସେମାନଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ପେ ମ୍ୟାଟ୍ରିକ୍ସ ସୃଷ୍ଟି କରନ୍ତି। ବର୍ତ୍ତମାନର ଦରମାକୁ ନୂଆ ବେତନ ସ୍କେଲରେ ସଜାଡିବା ପାଇଁ ଫିଟମେଣ୍ଟ ଫ୍ୟାକ୍ଟର୍ ପ୍ରୟୋଗ କରାଯାଏ ଏବଂ କେନ୍ଦ୍ର ସରକାର ମଧ୍ୟ ସମାନ ପ୍ରକ୍ରିୟା ଫଲୋ କରନ୍ତି।

ଉଦାହରଣ ସ୍ୱରୂପ, ଯଦି ସାମ୍ପ୍ରତିକ ଫିଟମେଣ୍ଟ ଫ୍ୟାକ୍ଟର୍ ୨.୫୭ ଏବଂ ଏହା ୨.୮୬କୁ ବୃଦ୍ଧି ହୁଏ, ତେବେ ଆପଣଙ୍କର ବିଦ୍ୟମାନ ମୌଳିକ ଦରମା ୨.୮୬କୁ ବୃଦ୍ଧି ପାଇବ, ଫଳସ୍ୱରୂପ ଆପଣଙ୍କର ନୂଆ ମୌଳିକ ଦରମା। ଅତିରିକ୍ତ ଭାବରେ, କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ମୁଦ୍ରାସ୍ଫୀତି ଅନୁଯାୟୀ ବୃଦ୍ଧି କରାଯାଇଥାଏ। ସପ୍ତମ ବେତନ ଆୟୋଗ ସହିତ ଶେଷ ସମନ୍ୱୟକୁ ଦେଖିଲେ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ହାରାହାରି ପ୍ରାୟ ୨୦ରୁ ୨୫ ପ୍ରତିଶତ ବୃଦ୍ଧି ପାଇଛି।

କେଉଁ ରାଜ୍ୟରେ ପ୍ରଥମେ ବଢ଼ିବ କର୍ମଚାରୀଙ୍କ ଦରମା? କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଅଷ୍ଟମ ବେତନ ଆୟୋଗ କାର୍ଯ୍ୟକାରୀ ହେବା ପରେ କେନ୍ଦ୍ର ସରକାର ମଧ୍ୟ ରାଜ୍ୟଗୁଡ଼ିକ ପାଇଁ ନିର୍ଦ୍ଦେଶାବଳୀ ଜାରି କରିବେ। ଏହା ପରେ କାର୍ଯ୍ୟକାରିତା ବ୍ୟକ୍ତିଗତ ରାଜ୍ୟ ସରକାର ଉପରେ ନିର୍ଭର କରେ। ଐତିହାସିକ ଭାବରେ, ଏହା ଦେଖାଯାଇଛି ଯେ ବୃହତ ଏବଂ ଧନୀ ରାଜ୍ୟମାନେ ଏହି ସୁପାରିଶଗୁଡ଼ିକୁ ଶୀଘ୍ର ଗ୍ରହଣ କରନ୍ତି।

ସପ୍ତମ ବେତନ ଆୟୋଗ ସମୟରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଏବଂ ତାମିଲନାଡୁ ଭଳି ରାଜ୍ୟ ଏହି ପରିବର୍ତ୍ତନକୁ ଶୀଘ୍ର କାର୍ଯ୍ୟକାରୀ କରିଥିଲେ। ଅପରପକ୍ଷେ, ଯେତେବେଳେ ଏହା ଅଷ୍ଟମ ବେତନ ଆୟୋଗକୁ ଆସେ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟରେ କର୍ମଚାରୀମାନେ ଅଧିକ ସୁବିଧା ପାଇପାରନ୍ତି। ଏହା ମୁଖ୍ୟତଃ ଏହି ରାଜ୍ୟଗୁଡ଼ିକର ଦୃଢ଼ ଅର୍ଥନୈତିକ ଅବସ୍ଥା ସହିତ ସମାନ ରାଜନୈତିକ ଦଳ ଉଭୟ କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରରେ ଶାସନ କରନ୍ତି।

# ଲକ୍ଷେ ଟପିଲା ରୁପା ଦର



**ଭୁବନେଶ୍ୱର,୧୯।୧:** ବର୍ତ୍ତମାନ ସାରା ଦେଶରେ ବିବାହ ଋତୁ ଆରମ୍ଭ ହୋଇଯାଇଛି। ଏପରିକି ବିବାହ ସାଙ୍ଗକୁ ଅନ୍ୟାନ୍ୟ ଶୁଭକାର୍ଯ୍ୟରେ ସବୁବର୍ଗର ଲୋକ ଅଳ୍ପ ବହୁତ ସୁନା ଓ ରୁପା ଓ ମୂଲ୍ୟବାନ ଧାତୁ କିଣିଥାନ୍ତି। ହେଲେ ବିବାହ ଋତୁ ଆରମ୍ଭରୁ ଓଡିଶା ବଜାରରେ ସୁନା ଦର ୮୧,୦୦୦ ଉପରେ ଥିଲାବେଳେ ରୁପା ଦର ମଧ ଲକ୍ଷେ ଟପି ଯାଇଛି। ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଭୁବନେଶ୍ୱର ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୮୧,୧୯୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୪,୫୦୦ ଟଙ୍କା ରହିଛି। ଏପରିକି ରୁପା କିଲୋଗ୍ରାମ ପିଛା ୧,୦୪,୦୦୦ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ନୂଆଦିଲ୍ଲୀ ବଜାରରେ ସୁନା ଦର ପ୍ରତି ୧୦ ଗ୍ରାମ ୨୪କ୍ୟାରେଟ ସୁନାର ମୂଲ୍ୟ ୮୦,୮୦୩ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୭୪,୦୮୩ ଟଙ୍କା ରହିଛି। ଏପରିକି ଉକ୍ତ ବଜାରରେ ରୁପା ଦର କିଲୋଗ୍ରାମ ପିଛା ୯୮,୭୦୦ ଟଙ୍କାରେ କାରବାର ହେଉଛି। ସେହିପରି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ବଜାରରେ ପ୍ରତି ୧୦ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ୭୯,୬୬୭ ଟଙ୍କା, ୭୯,୬୬୫ ଟଙ୍କା ଏବଂ ୭୯,୬୬୧ ଟଙ୍କା ଥିଲାବେଳେ ଉପରୋକ୍ତ ବଜାରଗୁଡିକର ରୁପା ଦର କିଲୋଗ୍ରାମ ପିଛା ୯୫,୯୦୦ ଟଙ୍କା, ୯୭,୪୦୦ ଟଙ୍କା ଏବଂ ୧,୦୩,୭୦୦ ଟଙ୍କାରେ କାରବାର ହେଉଛି। ସେହିଭଳି ପାର୍ବଣ ପରଠାରୁ ସୁନା ଓ ରୁପା ଦର କିଛି ପରିମାଣରେ କମିଥିଲାବେଳେ ଗ୍ରାହକଙ୍କ ଆବଶ୍ୟକତା ଓ ପାର୍ବଣ ଖର୍ଚ୍ଚ ଯୋଗୁ ଅଧିକକାଂଶ ପରିବାର ସୁନା ଓ ରୂପା କିଣିପାରି ନ ଥିଲେ। ଏହାରି ମଧ୍ୟରେ ସୁନା ଦର ପୁଣି ଥରେ ବଢିବାରେ ଲାଗିଛି। ଆଗାକୁ ବିବାହ କାର୍ଯ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଶୁଭକାର୍ଯ୍ୟ ଅନୁଷ୍ଠିତ ହେବାକୁ ଥିଲାବେଳେ ବର୍ତ୍ତମାନ ଘରୋଇ ବଜାରରେ ସୁନା ଦର ୭୪,୦୦୦ ରୁ ୮୧,୨୦୦ ଟଙ୍କା ମଧ୍ୟରେ କାରବାର ହେଉଛି।

# ଗହଣା କିଣି କାର୍ ଜିତିଲେ ମହିଳା




**ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ରୋନକ ଅଗ୍ରୱାଲ ଆଜି ଅପରାହ୍ନ ପଟିଆସ୍ଥିତ କିସ୍ନା ଜୁଏଲାରୀରୁ ଏକ ଲକି ଡ୍ର'ରେ ମାରୁତୀ ସେଲେରିଓ କାର ଜିତିଥିବା ନେଇ ଫୋନ୍ ପାଇବାରୁ ନିଜ କାନକୁ ବିଶ୍ୱାସ କରିପାରିନଥିଲେ।

ସେ କହିଛନ୍ତି, "ମୁଁ ଆଜି ନିଜକୁ ଭାଗ୍ୟବାନ ମନେ କରୁଛି। ମୁଁ ଯେଉଁଠି ବି କିଣାକିଣି କରିବାକୁ ଯାଉଥିଲି, ମୋ ସ୍ୱାମୀଙ୍କ ସହ ହେଉ କିମ୍ବା ଏକୁଟିଆ, ମୁଁ ଲକି ଡ୍ର କୁପନ୍ ପୂରଣ କରୁଥିଲି କିନ୍ତୁ କେବେ ବି ପୁରସ୍କାର ପାଇନଥିଲି। ସେଥିପାଇଁ ମୁଁ ଏକ କାର୍ ଜିତିଛି ବୋଲି ବିଶ୍ୱାସ କରିବାକୁ ମୋତେ କିଛି ସମୟ ଲାଗିଲା । ମୁଁ ତୁରନ୍ତ ଚଣ୍ଡିଗଡ଼ ଯାଇଥିବା ମୋ ସ୍ୱାମୀଙ୍କୁ ଜଣାଇଥିଲି ଏବଂ ସେ ମଧ ସମାନ ଭାବରେ ଉତ୍ସାହିତ ଥିଲେ ବୋଲି କାର୍ ବିଜେତା ଶ୍ରୀମତୀ ଅଗ୍ରୱାଲ କହିଛନ୍ତି। ଭୁବନେଶ୍ୱରର ଅଗ୍ରଣୀ ଗହଣା ବ୍ରାଣ୍ଡ୍ କିସ୍ନା ଜୁଏଲାରୀର ମାଲିକ ଅମିତ ଅଗ୍ରୱାଲଙ୍କ ଠାରୁ ପତ୍ନୀ ରୋନକଙ୍କୁ କାର୍ ନେଉଥିବା ଦେଖି ତାଙ୍କ ସ୍ୱାମୀ କୁନାଲ ଅଗ୍ରୱାଲଙ୍କ ଆଖିରେ ବି ଲୁହ ଆସିଯାଇଥିଲା । ପୁରସ୍କାର ମିଳିବା ପରେ ଏହି ଦମ୍ପତି ଲଙ୍ଗ ଡ୍ରାଇଭ୍ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି। ଆଉ ଜଣେ ଗ୍ରାହକ ଶ୍ରୀ ଆଶୁତୋଷ ମହାନ୍ତି ପ୍ରଥମ ପୁରସ୍କାର ଆକାରରେ ୫୦୦୦ ଟଙ୍କା ପାଇଥିବା ବେଳେ ଦ୍ୱିତୀୟ ବିଜେତା ଭାବେ ସ୍ମୃତିରଞ୍ଜନ ରାଉତ ନଗଦ ୩୦୦୦ ଟଙ୍କାର ତୃତୀୟ ପୁରସ୍କାର ରାଶି ଜିତିଥିଲେ। କିସ୍ନା ଜୁଏଲାରୀର ମାଲିକ ଶ୍ରୀ ଅମିତ ଅଗ୍ରୱାଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ, ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏଭଳି ଅନେକ ପଦକ୍ଷେପ ନେଇଛୁ। ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦୋକାନ ଗ୍ରାହକଙ୍କ ପାଇଁ ସମାନ ଅଫର ଆରମ୍ଭ କରିବ ବୋଲି ସେ କହିଛନ୍ତି।

# ୨୦୨୪ରେ ରିଲାଏନ୍ସ ରିଟେଲ ଖୋଲିଛି ୭୭୯ ଷ୍ଟୋର



**ମୁମ୍ବାଇ,୧୯।୧:** ୨୦୨୪ କ୍ୟାଲେଣ୍ଡର ଇୟରରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆର୍‌ଆର୍‌ଭିଏଲ୍) ମୋଟ ୭୭୯ ନୂଆ ଷ୍ଟୋର ଖୋଲିଛି। ଏହାର ଅର୍ଥ ହେଉଛି କମ୍ପାନୀ ଗତ ବର୍ଷ ପ୍ରତିଦିନ ୨ରୁ ଅଧିକ ନୂଆ ଷ୍ଟୋର ଖୋଲିଥିଲା ଯାହା ଏକ ରେକର୍ଡ ବୋଲି କୁହାଯାଉଛି। ସାରା ଦେଶରେ ରିଲାଏନ୍ସ ରିଟେଲ ଷ୍ଟୋର ସଂଖ୍ୟା ବର୍ତ୍ତମାନ ୧୯,୧୦୨କୁ ବୃଦ୍ଧି ପାଇଛି, ଯେଉଁଥିରେ ଗତ ବର୍ଷ ୨୯ କୋଟି ୬୦ ଲକ୍ଷ ଗ୍ରାହକ ଶପିଂ ପାଇଁ ଆସିଥିଲେ। ଏହି ତଥ୍ୟ ରିଲାଏନ୍ସର ତ୍ରୈମାସିକ ଆର୍ଥିକ ଫଳାଫଳରେ ପ୍ରକାଶ ପାଇଛି। ୨୦୨୪ ଅକ୍ଟୋବରରୁ ଡିସେମ୍ବର ବା ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ଆର୍‌ଆର୍‌ଭିଏଲ୍ ୯୦,୩୩୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ୮.୮% ଅଧିକ ରହିଛି। ଏ ସମ୍ପର୍କରେ ଆର୍‌ଆର୍‌ଭିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକା ଈଶା ଅମ୍ବାନୀ କହିଛନ୍ତି, ଉତ୍ସବର ଶପିଂ ବଳରେ ରିଲାଏନ୍ସ ରିଟେଲ ଏହି ତ୍ରୈମାସରେ ଚମକତ୍କାର ପ୍ରଦର୍ଶନ କରିଛି। ସୁଲଭ ମୂଲ୍ୟରେ ବିବିଧ ଏବଂ ଗୁଣାତ୍ମକ ଉତ୍ପାଦ ଉପରେ ଧ୍ୟାନ ଗ୍ରାହକଙ୍କୁ ଆମର ଷ୍ଟୋର ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରତି ଆକର୍ଷିତ କରିଛି। କମ୍ପାନୀ ପ୍ରତ୍ୟେକ ବର୍ଗରେ ଚମକତ୍କାର ପ୍ରଦର୍ଶନକରି ବଜାରରେ ନିଜର ଅଗ୍ରଣୀ ସ୍ଥାନ ବଜାୟ ରଖିଛି।

**୧୨ ହଜାର କ୍ୟାମ୍ପସ୍ ନିଯୁକ୍ତି ଦେବ ୱିପ୍ରୋ**

**ବେଙ୍ଗାଲୁରୁ,୧୯।୧:** ଦେଶର ଅନ୍ୟତମ ପ୍ରମୁଖ ଆଇଟି କମ୍ପାନି ୱିପ୍ରୋ ୨୦୨୫-୨୬ ବର୍ଷରେ ୧୦ ହଜାରରୁ ୧୨ ହଜାର କର୍ମଚାରୀଙ୍କୁ କ୍ୟାମ୍ପସ୍ ଜରିଆରେ ନିଯୁକ୍ତି ଦେବ। ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ୱିପ୍ରୋର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ସୌରଭ ଗୋଭିଲ। ଚଳିତ ଆର୍ଥିକବର୍ଷରେ ୱିପ୍ରୋ ୧୦ ହଜାର ଫ୍ରେସରଙ୍କୁ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛି। ଅକ୍ଟୋବର-ଡିସେମ୍ବର ତ୍ରୟମାସରେ ଏଥିରୁ ପ୍ରାୟ ୭ ହଜାର ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆର୍ଥିକବର୍ଷର ଶେଷ ତ୍ରୟମାସରେ ଅବଶିଷ୍ଟ ୨୫୦୦ରୁ ୩ ହଜାର ଫ୍ରେସରଙ୍କୁ ନିଯୁକ୍ତି ଦିଆଯିବା ନେଇ କମ୍ପାନି ସୂଚନା ଦେଇଛି।

# ଘରୋଇ ପୁଞ୍ଜି ବଜାରର ହୋସ୍ ଉଡ଼ାଇଲେ ବିଦେଶୀ ନିବେଶକ




**ନୂଆଦିଲ୍ଲୀ,୧୯।୧:** ଭାରତୀୟ ବଜାରକୁ ନେଇ ବିଦେଶୀ ସଂସ୍ଥାଗତ ନିବେଶକଙ୍କ ମଧରେ ଭୟର ମାହୋଲ ରହିଛି । କେବଳ ଏତିକି ନୁହେଁ ଚଳିତ ଜାନୁଆରୀରେ ବିଦେଶୀ ନିବେଶକଙ୍କ ମଧରେ ଯେଉଁ ଭୟ ଦେଖିବାକୁ ମିଳିଛି ତାହା ଗତ ଦୁଇ ଦଶନ୍ଧିରେ କେବେ ଦେଖିବାକୁ ମିଳିନଥିଲା । ସେୟାର ବଜାରରେ ବିଦେଶୀ ନିବେଶକଙ୍କ ବିକ୍ରି ଯୋଗୁଁ ବଜାର ଧରାଶାୟୀ ହୋଇଛି । ବିଦେଶୀ ସଂସ୍ଥାଗତ ନିବେଶକ ୨୦୨୨ ପରେ ଜାନୁଆରୀ ମାସରେ ସବୁଠୁ ଅଧିକ ପୁଞ୍ଜି ସେୟାର ମାର୍କେଟରୁ ବାହାର କରିଛନ୍ତି । ୨୦୨୨ ଜାନୁଆରୀ ମାସରେ ୩୩ ହଜାର କୋଟି ଟଙ୍କାରୁ ଅଧିକ ସେୟାର ବିକ୍ରି ଦେଖିବାକୁ ମିଳିଥିଲା । ୨୦୨୫ ଜାନୁଆରୀ ମାସରେ ବର୍ତ୍ତମାନ ସୁଦ୍ଧା ବିଦେଶୀ ନିବେଶକ ସେୟାର ବଜାରରୁ ୪୪ ହଜାର କୋଟି ଟଙ୍କା ଉଠାଇ ସାରିଛନ୍ତି । ଜାନୁଆରୀ ସରିବାକୁ ଆହୁରି ୧୦ ଦିନ ବାକି ଥିବାରୁ ଏହି ସଂଖ୍ୟା ୫୦ ହଜାର କୋଟି ଟପିପାରେ ବୋଲି ଆଶଂକା କରାଯାଉଛି । ଡଲାରରେ ମଜଭୁତି, ଆମେରିକାରେ ବଣ୍ଡ ଇଲ୍ଡରେ ବୃଦ୍ଧି ଏବଂ କମ୍ପାନିଗୁଡ଼ିକର ତ୍ରୈମାସିକ ରେଜଲ୍ଟ ଦୁର୍ବଳ ରହିବା ସମ୍ଭାବନା ଭିତରେ ଏଫ୍‌ପିଆଇ ଚଳିତ ମାସରେ ବର୍ତ୍ତମାନ ସୁଦ୍ଧା ଭାରତୀୟ ସେୟାର ବଜାରରୁ ୪୪,୩୯୬ କୋଟି ଟଙ୍କା ବାହାର କରିଛନ୍ତି । ଏହା ପୂର୍ବରୁ ଡିସେମ୍ବରରେ ଏଫ୍‌ପିଆଇ ଭାରତୀୟ ସେୟାର ବଜାରରେ ୧୫,୪୪୬ କୋଟି ଟଙ୍କା ନିବେଶ କରିଥିଲା । ଘରୋଇ ଏବଂ ବୈଶ୍ୱିକ ମୋର୍ଚ୍ଚାରେ ଜାରି ଉତ୍ଥାନପତନ ଭିତରେ ବିଦେଶୀ ନିବେଶକଙ୍କ ମଧରେ ଭୟ ରହିଛି । ଜାନୁଆରୀ ୨କୁ ଛାଡ଼ି ଅନ୍ୟ ସବୁ ଦିନରେ ଏଫ୍‌ପିଆଇ ସେୟାର ବିକ୍ରି କରିଛନ୍ତି।

# ଜିଓ ଆଣିଲା VoNR ସର୍ଭିସ

**ନୂଆଦିଲ୍ଲୀ,୧୯।୧:** ଯଦି ଆପଣ ଜଣେ ରିଲାଏନ୍ସ ଜିଓ ୟୁଜର୍ ତେବେ ଆପଣଙ୍କ ପାଇଁ ଗୁଡ୍ ନ୍ୟୁଜ୍ । ରିଲାଏନ୍ସ ଜିଓ ଏହାର ୟୁଜର୍ସମାନଙ୍କର ଆବଶ୍ୟକତା ଏବଂ ସୁବିଧାର ବହୁତ ଭଲ ଭାବରେ ଯତ୍ନ ନେଇଥାଏ । ଏହି ସଂପର୍କରେ କମ୍ପାନୀ ବର୍ତ୍ତମାନ ଏହାର କୋଟି କୋଟି ୟୁଜର୍ସଙ୍କ ପାଇଁ ଏକ ନୂଆ ସର୍ଭିସ ଆରମ୍ଭ କରିଛି । ଜିଓର ଏହି ନୂଆ ସର୍ଭିସ ହେଉଛି VoNR । ଜିଓ ବର୍ତ୍ତମାନ ଟେଲିକମ୍ ସେକ୍ଟରରେ VoNR ସର୍ଭିସ ଆରମ୍ଭ କରିବାରେ ପ୍ରଥମ କମ୍ପାନୀ ଅଟେ । VoNR ର ଫୁଲ୍ ଫର୍ମ ହେଉଛି Voice Over New Radio । ଜିଓ ଏହାର 5G ୟୁଜର୍ସଙ୍କ ପାଇଁ ଏହି ବିଶେଷ ସର୍ଭିସ ଆରମ୍ଭ କରିଛି । VoNR ହେଉଛି ଏକ ସ୍ପେଶାଲ କଲିଂ ଟେକ୍ନୋଲୋଜି । ଏହି ସର୍ଭିସ ଆରମ୍ଭ କରି ଜିଓ ଏୟାରଟେଲ ଏବଂ ଭୋଡ଼ାଫୋନ ଆଇଡିଆକୁ ଏକ ବଡ ଝଟକା ଦେଇଛି ।

# ଦେଶର ପ୍ରଥମ ସୋଲାର କାର୍ ଲଞ୍ଚ

## ଦାମ୍ ୩.୨୫ ଲକ୍ଷ, ଥରେ ଚାର୍ଜ କଲେ ୨୫୦ କିମି ଯିବ




**ନୂଆଦିଲ୍ଲୀ,୧୯।୧:** କାରଟିଏ କିଣିବାକୁ ଅନେକଙ୍କ ସ୍ୱପ୍ନ ଥାଏ । କାର୍ ପ୍ରେମୀଙ୍କ ପାଇଁ ଖୁସି ଖବର । ଆସିଗଲା ପ୍ରଥମ ସୋଲାର କାର୍ । ଦେଶରେ ଯାନବାହାନ ଇଣ୍ଡଷ୍ଟ୍ରୀରେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ଗୋଟିଏ ପଟେ ଇଲେକ୍ଟ୍ରିକ କାର ଦେଖିବାକୁ ମିଳୁଥିବାବେଳେ ଏବେ ଭାରତୀୟ ବଜାରରେ ସୋଲାର ପାୱାର କାରର ଏଣ୍ଟ୍ରୀ ହୋଇଛି । ଦର ବି ସୁହାଇଲା ଭଳି ରହିଛି । ମାତ୍ର ୩.୨୫ ଲକ୍ଷ ଟଙ୍କାରେ କିଣି ନିଅନ୍ତୁ ସୋଲାର କାର । ଭାରତୀୟ ମୋବିଲିଟି ଗ୍ଲୋବାଲ ଏକ୍ସପୋ ୨୦୨୫ରେ ଭାୟାଭା ମୋବିଲିଟି ଦେଶର ପ୍ରଥମ ସୋଲାର ପାୱାର ଇଲେକ୍ଟ୍ରିକ କାର ଲଞ୍ଚ କରିଛି । କାରରେ ୫୦ ପଇସାରେ ଗୋଟିଏ କିମି ରନିଙ୍ଗ କଷ୍ଟ ରହିଛି । ଏହା ସହିତ ଥରେ ଚାର୍ଜ କଲେ ୭୦ ସ୍ପିଡରେ ୨୫୦ କିମି ଚାଲିବ ବୋଲି ଦାବି କରିଛି କମ୍ପାନୀ ।

ମାତ୍ର ୮୦ ପଇସାରେ ଗଡିବ ୧କିମି- କମ୍ପାନୀ ଦାବି କରିଛି କି ମାତ୍ର ଗୋଟିଏ କିଲୋମିଟର ଯିବାକୁ ୮୦ପଇସା ଖର୍ଚ୍ଚ ହେବ । ଏହା ଦେଶର ପ୍ରଥମ ସୋଲାର ପାୱାର ଇଲେକ୍ଟ୍ରିକ କାର । ଏହା ଆଗରେ ସିଙ୍ଗଲ ସିଟ ଏବଂ ତା ପାଖକୁ ଏକ ଛୋଟ ସିଟ୍ ରହିଛି ଯେଉଁଠି ଛୋଟ ପିଲାଟିଏ ବସିପାରିବ । ଡ୍ରାଇଭିଂ ସିଟକୁ ୬ ପ୍ରକାର ଆଡଜେଷ୍ଟ କରାଯାଇପାରିବ । କାରରେ ରିଭର୍ସ ପାର୍କିଂ କ୍ୟାମେରା ମଧ ରହିଛି ।

ଭାୟାଭା ଇଭିଏ ସୋଲାର କାର ପ୍ରାଇସ- ନୋଭା- ୩.୨୫ ଲକ୍ଷ ଟଙ୍କା, ଷ୍ଟେଲା-୩.୯୯ ଲକ୍ଷ ଟଙ୍କା, ଭେଗା-୪.୪୯ ଲକ୍ଷ ଟଙ୍କା, ୪୫ ମିନିଟରେ ଫୁଲ ଚାର୍ଜ- କାରରେ ୧୮kwhର ଲିଥିୟମ-ଆୟନ ବ୍ୟାଟେରୀ ରହିଛି । ଲିକୁଇଡ ଇଲେକ୍ଟ୍ରିକ ମୋଟର ରହିଛି । ଯାହା ୧୨kwh ପାୱାର ଏବଂ ୪୦Nm ଟ୍ରାକ ଜେନେରେଟ କରିବ । କମ୍ପାନୀ ଦାବି କରିଛି କି ସିଙ୍ଗଲ ଚାର୍ଜରେ ଏହା ୨୫୦ କିମି ଚାଲିବ । ମାତ୍ର ୪୫ ମିନିଟରେ କାର ଫୁଲ ଚାର୍ଜ ହୋଇଯିବ ।

# ନିଯୁକ୍ତିଦାତାଙ୍କ ମଞ୍ଜୁରୀ ବିନା କରିହେବ ଇପିଏଫ୍ ସ୍ଥାନାନ୍ତର

EPFO Employees Provident Fund Organisation

**ନୂଆଦିଲ୍ଲୀ,୧୯।୧:** ନିଯୁକ୍ତିଦାତାଙ୍କ ବିନା ଯାଞ୍ଚ ଏବଂ ଅନୁମୋଦନରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)ର ୭.୬ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ସେମାନଙ୍କ ନାମ, ଜନ୍ମତାରିଖ ଆଦି ଅନ୍‌ଲାଇନରେ ବଦଳାଇପାରିବେ। ଏହା ବ୍ୟତୀତ ଇ-କେୱାଇସି ଇପିଏଫ୍ ଆକାଉଣ୍ଟ ଥିବା ସଦସ୍ୟମାନେ ଅନ୍‌ଲାଇନରେ ସେମାନଙ୍କ ଇପିଏଫ୍ ଟ୍ରାନ୍ସଫର କ୍ଲେମ୍ ଫାଇଲ୍ କରିପାରବେ। ଏଥିପାଇଁ ନିଯୁକ୍ତିଦାତାଙ୍କ ହସ୍ତକ୍ଷେପ ଆବଶ୍ୟକ ପଡ଼ିବ ନାହିଁ। ଆଧାର ଓଟିପି ବଳରେ ଏହା କରାଯାଇପାରିବ। କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶନିବାର ଦୁଇଟି ନୂଆ ସେବାର ଶୁଭାରମ୍ଭ କରିଛନ୍ତି। ସଦସ୍ୟଙ୍କ ପ୍ରୋଫାଇଲ ବା କେୱାଇସି ପ୍ରସଙ୍ଗକୁ ନେଇ ୨୭ ପ୍ରତିଶତ ଅଭିଯୋଗ ରହିଥିବାବେଳେ ଉକ୍ତ ସେବା ବଳରେ ତାହା ଯଥେଷ୍ଟ ହ୍ରାସ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ନିଯୁକ୍ତିଦାତାମାନଙ୍କର ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ସେମାନେ ମଧ୍ୟ ଏଭଳି ଅନୁରୋଧରୁ ମୁକ୍ତ ହୋଇପାରିବେ। ଇପିଏଫ୍‌ଓ ପୋର୍ଟାଲରେ ମିଳିତ ଘୋଷଣାନାମା ପ୍ରକ୍ରିୟାକୁ ସରଳ କରାଯାଇଛି। ଏହାଦ୍ୱାରା କର୍ମଚାରୀ ନିଜେ ନିଜର ବ୍ୟକ୍ତିଗତ ତଥ୍ୟରେ ରହିଥିବା ତ୍ରୁଟି ସଂଶୋଧନ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

## ନୀଳଗିରିରେ ବିରଳ ସାବାନା ନାଇଟ ଜାର ପକ୍ଷୀ

**ନୀଳଗିରି,୧୯।୧ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟର ବିରଳ ସାବାନା ନାଇଟ ଜାର ନାମକ ଏକ ପକ୍ଷୀ ଦେଖିବାକୁ ମିଳିଛି। ଏହି ପକ୍ଷୀଟି ମୁଖ୍ୟତଃ ଭାରତ, ଶ୍ରୀଲଙ୍କା ଠାରୁ ଆରମ୍ଭ କରି ଇଣ୍ଡୋନେସିଆ, ଫିଲିପାଇନସ ସମେତ ଦକ୍ଷିଣ, ଦକ୍ଷିଣ ପୂର୍ବ ଏସିଆରେ ଦେଖିବାକୁ ମିଳିଥାନ୍ତି। ନିଳଗିରିର ଟୁରିଷ୍ଟ ଗାଇଡ ମନୋରଞ୍ଜନ ଦାସ ଶନିବାର ଦିନ ଏହି ବିରଳ ତଥା ପ୍ରଥମ



ଥରପାଇଁ କୁଳଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲରୁ ଭୂଇଁ ଚଢେଇ (ଶାବାନା ନାଇଟି ଜାର) ପକ୍ଷୀଟିକୁ ବସିଥିବାର ନିଜ କ୍ୟାମେରାରେ କରିବା ସହ ଉକ୍ତ ପକ୍ଷୀକୁ ଠାବ କରିବାରେ ସଫଳ ହୋଇଥିଲେ। ଏହା ଏକ ନିଶାଚର୍ ପକ୍ଷୀ ଅଟେ। ଉକ୍ତ ପକ୍ଷୀଟି ଜଙ୍ଗଲର ଖୋଲା ପ୍ରାକୃତିକ ପରିବେଶରେ ରହିବାକୁ ପସନ୍ଦ କରନ୍ତି। ଉକ୍ତ ବିରଳ ପ୍ରଜାତିର ପକ୍ଷୀଟି କୁଳଡ଼ିହା ଅଭୟାରଣ୍ୟ ବିବିଧତାକୁ ବଢ଼ାଇଛି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଏହି ରେକର୍ଡ଼ ଓଡ଼ିଶାର ପକ୍ଷୀ ବିବିଧତା ଦସ୍ତାବିଜ୍କୁ ସମୃଦ୍ଧ କରିଛି। ଏହି ପକ୍ଷୀଟି ଦିନ ସାରା ବାହାରକୁ ନ ବାହାରି ପଥର ସହିତ ପଥର ପାଲଟି, ପତ୍ର ସହିତ ପତ୍ର ହୋଇ ରହି ଥାଏ। ରାତି ହେଲେ ନିଶାଚର ଭାବେ ବୁଲେ। ଝିଣ୍ଟିକା, ପୋକ ଆଦି ଖାଦ୍ୟ ରୁପେ ଆହାର କରିଥାଏ।

## ୨୧ରୁ ବାଲେଶ୍ୱରରେ 'ଏକ୍ସପୋ ଓଡ଼ିଶା ୨୦୨୫'

**ବାଲେଶ୍ୱର,୧୯।୧ (ସଂଚାର ବ୍ୟୁରୋ) :** ଓଡିଶା ସରକାରଙ୍କ ଏମଏସଏମଇ ବିଭାଗ, ଭାରତ ସରକାରଙ୍କ ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତର ଓଡିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଆସନ୍ତା ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଆଇଟିଆଇ ପଡ଼ିଆରେ ହେବାକୁ ଥିବା ଜାତୀୟ ସ୍ତରର ଶିଳ୍ପ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା-୨୦୨୫' ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ବହୁ ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଶିକ୍ଷାନୁଷ୍ଠାନ, କୁଟୀର ଶିଳ୍ପ, ଅଟୋମୋବାଇଲ ସଂସ୍ଥା, ହୋଟେଲ ଶିଳ୍ପ ନିଜ ନିଜର ଉତ୍ପାଦ ପ୍ରଦର୍ଶନ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସିଆଇସିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଏହି ଜାତୀୟସ୍ତରୀୟ ଶିଳ୍ପ ମେଳାରେ ୩୨୦ ଷ୍ଟଲ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ମିଶନ ଶକ୍ତିର ୧୫ଟି ଷ୍ଟଲ ସହିତ ୨୫ଟି କୁଟୀର ଶିଳ୍ପ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ୨୫ଟି ଷ୍ଟଲ ରହିବ। ଚାନ୍ଦିପୁର ସ୍ଥିତ ଆଇଟିଆର ଓ ପିଏକ୍ସଇ ପକ୍ଷରୁ ମଧ୍ୟ ଷ୍ଟଲ ଲଗାଯିବ। ୨୩ତାରିଖ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ମାନସିକ ରୋଗ ବିଶେଷଜ୍ଞଙ୍କ ପରଲୋକ



**କଟକ,୧୯।୧ (ସଂଚାର ବ୍ୟୁରୋ):** ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କର ରବିବାର ସକାଳ ୧୦ ଘଟିକାରେ ପୁରୀଘାଟସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା । ଡାକ୍ତର କର ଓଡ଼ିଶା ସରକାରଙ୍କ ଅଧୀନରେ ସ୍ୱାସ୍ଥ୍ୟ ଓ ତାଲିମ ନିର୍ଦ୍ଦେଶକ (ଡିଏମଇଟି) ଭାବେ କାର୍ଯ୍ୟ କରିଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପ୍ରିନ୍ସପାଲ ଓ ମାନସିକରୋଗ ବିଭାଗର ଏଚଓଡି ଭାବେ ରହି ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ସେ ଜଣେ ଭାରତର ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଓ ଏକାଧାରରେ ସୁଲେଖକ, ଆଇନଜୀବୀ, ସୁବକ୍ତା, ରାଜନୀତିଜ୍ଞ, ବିଶିଷ୍ଟ ରୋଟାରିଆନ, କଟକ କ୍ଲବର ଆଜୀବନ ସଦସ୍ୟ ଥିଲେ। ସେ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ଚିକିତ୍ସକ ସଂଘର ସଭାପତି କାର୍ଯ୍ୟ ତୁଲାଇ ପାରିଛନ୍ତି। ସମାଜକଲ୍ୟାଣ ଓ ବିଭିନ୍ନ ସେବାପାଇଁ ସେ ବହୁ ପୁରସ୍କାର ପାଇଛନ୍ତି। ୧୯୯୮ ମସିହାରେ ସେ ସମାଜସେବା ପାଇଁ ଡକ୍ଟର ହରେକୃଷ୍ଣ ମହତାବ ବିଷୁବ ପୁରସ୍କାରରେ ପୁରସ୍କୃତ । ଚିକିତ୍ସା କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସମ୍ମାନ ଡିଏଲଏନ ମୂର୍ତ୍ତିରାଓ ଆୱାର୍ଡ ଓ ଏ.ପି. ବର୍ମା ଆରେସନ ଆୱାର୍ଡ ଅନ୍ୟତମ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ବେଳକୁ ପାଖରେ ସହଧର୍ମିଣୀ ଡକ୍ଟର ଗାୟତ୍ରୀ ଦେବୀ, ପୁତ୍ର- ଇଂ. ସୌମେନ୍ଦ୍ର କର, ଆଡଭୋକେଟ ସମ୍ବିତ କର, ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ସମ୍ରାଟ କର, ପୁତ୍ରବଧୂ-ନୀତି କର, ଶୈଳବାଳା କର, ଡାକ୍ତର ଶୁଭଶ୍ରୀ ମିଶ୍ର ଓ ନାତି ନାତୁଣୀ, ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ କଳିକା କେନ୍ଦ୍ର କାହା ପାଇଁ ?





**ବିଞ୍ଝାରପୁର,୧୯।୧ (ସଂଚାର ବ୍ୟୁରୋ) :** ପାଣି ଭଳି ଖର୍ଚ୍ଚ ହେଉଛି ଖଣି ପଇସା। ଅତି ଆବଶ୍ୟକ ନୁହେଁ କିନ୍ତୁ ଅନାବଶ୍ୟକ ଭାବେ ଚାଲିଛି ଖର୍ଚ୍ଚ। ଖାତାରେ ପିଲା ସଂଖ୍ୟା ୧୫ରୁ ୨୦ ବାସ୍ତବରେ କିନ୍ତୁ ଅଲଗା। ସାଧାରଣରେ ଏବେ ପ୍ରଶ୍ନ କାହାପାଇଁ ଏଠି କଳିକା କେନ୍ଦ୍ର?

ଶ୍ରମ ଲାଗି ଯାଉଥିବା ପିତାମାତାଙ୍କର ୬ ମାସରୁ ୩ ବର୍ଷର ପିଲାମାନଙ୍କର ଯତ୍ନ ନେବା ପାଇଁ ଏବଂ ସେମାନଙ୍କ ପିଲାମାନଙ୍କୁ ପୋଷଣ ଜାତୀୟ ଖାଦ୍ୟ ପ୍ରଦାନର ଲକ୍ଷ୍ୟ ରଖି ଆରମ୍ଭ ହୋଇଛି ଆମ କଳିକା କେନ୍ଦ୍ର। କିନ୍ତୁ କଳିକା କେନ୍ଦ୍ରରେ କୋଉଠି ପିଲା ନାହାଁନ୍ତି ତ ଆଉ କେଉଁଠି ଦୁଇରୁ ତିନୋଟି। ଯାଜପୁର ବିଞ୍ଝାରପୁରରେ ଥିବା କେତେକ କଳିକାକୁ ଅନୁଧ୍ୟାନ କରିବା ପରେ ଆସିଛି ଏଭଳି ଚିତ୍ର। ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା କେନ୍ଦ୍ରରେ ୧୫ରୁ ୨୦ ପିଲା ଥିବା ଦର୍ଶାଇ ଜିଲ୍ଲା ସମାଜ ମଙ୍ଗଳ ବିଭାଗକୁ ରିପୋର୍ଟ ଦେଉଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସଂପୂର୍ଣ୍ଣ ଅଲଗା। ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ କହିବା କଥା ପିଲାମାନେ ପର୍ଯ୍ୟାୟ କ୍ରମେ ଆସୁଛନ୍ତି ତ କେତେକ ନିର୍ଦ୍ଧାରିତ ସମୟ ପୂର୍ବରୁ ପଳାଇ ଯାଉଛନ୍ତି।

ଓଏମ୍ବିଏଡିସିର ସହାୟତାରେ ଚାଲିଛି ଆମ କଳିକା କେନ୍ଦ୍ର। ଆଉ ଏହି କେନ୍ଦ୍ର ଗୁଡ଼ିକର ପରିଚାଳନା ଦାୟିତ୍ୱ ନେଇଛି ଆଇଏମ୍ଟିଏସ୍। ଅତି ଆବଶ୍ୟକ ନୁହେଁ କିନ୍ତୁ ବହୁତ୍ ସ୍ଥାନରେ ଅନାବଶ୍ୟକ ଭାବେ ଖଣି ପଇସା ପାଣି ଭଳି ପରିଚାଳନା ସଂସ୍ଥା ଖର୍ଚ୍ଚ କରୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। କେବଳ ସେତିକି ନୁହେଁ କଳିକା କେନ୍ଦ୍ରର କର୍ମୀ ଏବଂ ସହାୟିକା ଚୟନରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ଆସିଛି। ଯୋଜନା ଆଳରେ ପରିଚାଳନା ସଂସ୍ଥା ସରକାରଙ୍କ କୋଟି କୋଟି ଟଙ୍କା ଅପବ୍ୟୟ କରୁଥିବା ଅଭିଯୋଗ କରିଛନ୍ତି ବିଂଝାରପୁର ବାସିନ୍ଦା। ସରକାରୀ ଯୋଜନାରେ ସରକାରଙ୍କ ଟଙ୍କାକୁ ଠିକ୍ ଭାବରେ ଖର୍ଚ୍ଚ କରାଯାଉନଥିବା ଅଭିଯୋଗ ଆସିଥିବା ବେଳେ ବିଭାଗୀୟ ଅଧିକାରୀ ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ମଙ୍ଗଳବାର ୧୨ ଘଣ୍ଟିଆ ବରଗଡ଼ ବନ୍ଦ ଡାକରା

**ବରଗଡ଼,୧୯।୧ (ସଂଚାର ବ୍ୟୁରୋ) :** ଧନୁଯାତ୍ରା ଦେଖିବାକୁ ଆସି ନିଖୋଜ ଯୁବତୀ ଜଙ୍ଗଲରୁ ଉଦ୍ଧାର ଘଟଣାରେ ମଙ୍ଗଳବାର ବରଗଡ଼ରେ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଆଜି ଏନେଇ ବରଗଡ଼ ଆଗ୍ରଗାମୀ ଯୁବକସଙ୍ଘ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜିର ବୈଠକରେ ବରଗଡ଼ ବାର ଏସିସିଏସନ ସହିତ ବିଭିନ୍ନ ରାଜନୈତିକ ଦଳ ଯଥା ବିଜୁ ଜନତା ଦଳ, ବରଗଡ଼ ଜିଲ୍ଲା କଂଗ୍ରେସ, ଆପ, ସହିତ ସଂଯୁକ୍ତ କୃଷକ ସଂଗଠନ, ଆମ୍ବେଦକର ଯୁବକ ସଙ୍ଘ, ଭୀମ ଆର୍ମି, ବରଗଡ଼ ନାଗରିକ କମିଟି, ସମ୍ବିଧାନ ସୁରକ୍ଷା ମଞ୍ଚ ଓ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ବୈଠକରେ ପିଡ଼ିତା ପ୍ରତି ହୋଇଥିବା ଅନ୍ୟାୟ ଓ ଅଭିଯୋଗ ପରେ ପୁଲିସ ବିଭାଗର ନିଷ୍କ୍ରିୟତାକୁ ନେଇ ଉଦବେଗ ପ୍ରକାଶ ପାଇଥିଲା।





## ପଞ୍ଚାୟତସ୍ତରୀୟ ଯୋଗ ଶିବିର

**ବେତନଟୀ,୧୯।୧ (ସଂଚାର ବ୍ୟୁରୋ) :** ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ପଞ୍ଚାୟତର ଜାମଶୋଳଠାରେ ପ୍ରଥମ ବାର୍ଷିକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ନବୀନ କୁମାର ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଯୋଗ ଶିବିରକୁ ସମାଜସେବୀ ବାସୁଦେବ ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅମରେନ୍ଦ୍ର ମହାନ୍ତ, ଦିଲ୍ଲୀପ କୁମାର ମହାନ୍ତ ଓ ସୁବାସଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ଯୋଗ ଶିବିର ଆୟୋଜକଙ୍କୁ ଭୂୟସୀ ପ୍ରଶଂସା ଓ ସହଯୋଗ ପ୍ରଦାନ କରିଥିଲେ । ଏହି ଯୋଗ ଶିବିରରେ ଉଭୟ ପୁରୁଷ ଓ ମହିଳା ମିଶି ମୋଟ ୬୨ ଜଣ ଯୋଗ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ଏବଂ ଯୋଗାଭ୍ୟାସ କରିଥିଲେ । ବାରିପଦା ପ୍ରେମକାଲ ଯୋଗ ମନ୍ଦିରର ଯୋଗ ଶିକ୍ଷକ ରାକେଶ ମହାନ୍ତ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଯୋଗ ଶିବିର ଅବସରରେ ଦୀର୍ଘଦିନରୁ ଯୋଗ ଅଭ୍ୟାସ କରି ଆସୁଥିବା ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ଭିନ୍ନକ୍ଷମ ମହିଳାଙ୍କ ପାଇଁ ଗୃହ ନିର୍ମାଣ କରି ସାମାଜିକ ଦାୟିତ୍ୱର ଉଦାହରଣ ଦେଲେ ଝରଣା

**ରାୟଗଡା,୧୯।୧ (ସଂଚାର ବ୍ୟୁରୋ) :** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକର ସାନ ସାହିରେ ଥିବା ୫୮ ବର୍ଷୀୟ ଭିନ୍ନକ୍ଷମ ମନ୍ଦ କୁସଲିଆଙ୍କ ଜୀବନ ନୂତନ ବର୍ଷରେ ବଦଳି ଯାଇଛି। ଗତ ୯ ବର୍ଷ ଧରି ଦୃଷ୍ଟିଶକ୍ତି ହରାଇଥିବା ଏହି ମହିଳା ଏକା ଓ ନିସହାୟ ଜୀବନ କାଟୁଥିଲେ। ଜୀବନର ଅନ୍ତିମ ଅବସ୍ଥାରେ ଦଦରା ଝୁମ୍ପୁଡ଼ିରେ ଅସହାୟ ଭାବରେ ଜୀବନ ବିତାଉଥିବା ମହିଳା ପାଇଁ ବିଷମକଟକର ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ ନୂତନ ଆଶ୍ରୟ ଗଢି ଦେବା ସହ ଏକ ଉଦାହରଣ ସୃଷ୍ଟି କରିଛନ୍ତି।



୩୯ ବର୍ଷ ବୟସର ଯନ୍ତ୍ରୀ ଝରଣା ତ୍ରିପାଠୀ ବିଷମକଟକରେ ଦୀର୍ଘ ଏକ ବର୍ଷ ଧରି ଦାୟିତ୍ୱ ପାଳନ କରୁଥିବା ସମୟରେ ମନରେଗା ପ୍ରକଳ୍ପର ନିରୀକ୍ଷଣକାଳୀନରେ ଏହି ମହିଳାଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଆଫ୍ସା ଯୁବକ ସଂଘର କିଛି ସଦସ୍ୟଙ୍କ ଅନୁରୋଧକ୍ରମେ ଏହାକୁ ଗୁରୁତ୍ୱ ଦେଇ ମହିଳାଙ୍କ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସେ ଅଗ୍ରସର ହେଲେ। ସମସ୍ତ ପ୍ରକାର ସାମଗ୍ରୀ ଯୋଗାଇ ଓ ନିର୍ମାଣ କାମକୁ ଶୀଘ୍ର ସମ୍ପନ୍ନ କରିବାକୁ ସେ ଯୁବକ ସଂଘକୁ ସହଯୋଗ କଲେ। ସହକାରୀ ଯନ୍ତ୍ରୀଙ୍କ ମହତ୍ ପ୍ରୟାସରେ ଆଜି ମନ୍ଦ କୁସଲିଆଙ୍କ ପାଇଁ ଗଢ଼ା ହୋଇଛି ଏକ ସିମେଣ୍ଟ କଂକ୍ରିଟର ଆଶ୍ରୟ। ଏହି ଘର ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ସେ ମହିଳାଙ୍କୁ ଗୃହ ପ୍ରବେଶ କରାଇବାକୁ ସ୍ୱୟଂ ଉପସ୍ଥିତ ହୋଇଥିଲେ। ଘର ପାଇବା ପରେ ମହିଳା ଜଣକ ଯନ୍ତ୍ରୀ ଝରଣା ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇ ତାଙ୍କର ଦୀର୍ଘାୟୁ ପାଇଁ ଆଶୀର୍ବାଦ କରିଥିଲେ।

ଏହି ମହତ କାର୍ଯ୍ୟ ପାଇଁ ବିଷମକଟକ ବିଧାୟକ ନୀଳ ମାଧବ ହିକକା ଯନ୍ତ୍ରୀଙ୍କୁ ପ୍ରଶଂସା କରି ସମାଜ ସେବାର ନୂତନ ମାନଦଣ୍ଡ ସୃଷ୍ଟି କରାଇଛନ୍ତି ବୋଲି କହିଛନ୍ତି। ଏହାଛଡ଼ା ସାଂସଦ ପ୍ରତିନିଧି ଦିଲୀପ ପଟନାୟକ, ପଞ୍ଚାୟତ ସମିତି ଅଧକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବି ପ୍ରସାଦ ପଟନାୟକ ସମେତ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀମାନେ ମଧ୍ୟ ଯନ୍ତ୍ରୀଙ୍କ ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଏଭଳି ସାମାଜିକ ଦାୟିତ୍ୱବୋଧର ଉଦାହରଣ ବିଷମକଟକରେ ଉନ୍ନତିର ପଥ ଉଜ୍ଜ୍ୱଳ କରିଛି। ଛୋଟ ଛୋଟ ପ୍ରୟାସ ମଧ୍ୟରୁ ସମାଜରେ ପରିବର୍ତ୍ତନ ଆଣି ପାରିବାରେ ଏହା ସ୍ପଷ୍ଟ।

## ଜଗତସିଂହପୁରରେ ବ୍ଲକସ୍ତରୀୟ ଜନଶୁଣାଣି

**ଜଗତସିଂହପୁର,୧୯।୧ (ସଂଚାର ବ୍ୟୁରୋ) :** ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଆର୍ଥିକ କମିଶନ ଅନୁଦାନ (ତା.୦୧ ରିଖ ଏପ୍ରିଲ - ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪), ମଧ୍ୟରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ଜନଶୁଣାଣି ପାଇଁ ବ୍ଲକୱାରି ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଅଛି । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଜନସାଧାରଣ, ଯୋଜନା ସହିତ ସଂପୃକ୍ତ ଥିବା ସଙ୍ଗଠନ, ବିଭିନ୍ନ ସରକାରୀ ବିଭାଗ, ସମାଜସେବୀ, ସାମ୍ବାଦିକ, ବ୍ଲକସ୍ତରୀୟ ଜନଶୁଣାଣୀ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଏହି ବ୍ଲକ୍ ସ୍ତରୀୟ ଜନଶୁଣାଣି ବିଭିନ୍ନ ବ୍ଲକ୍ ର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୧.୦୧.୨୦୨୫ ରିଖ ଠାରୁ ୨୮.୦୧.୨୦୨୫ ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ। ଜାନୁଆରୀ ୨୧ ତାରିଖ ଦିନ ଏରସମା ଓ ନାଉଗାଁ ବ୍ଲକ୍ ରେ, ଜାନୁଆରୀ ୨୨ ତାରିଖ ଦିନ କୁଜଙ୍ଗ ଓ ରଘୁନାଥପୁର ବ୍ଲକ୍ ରେ, ଜାନୁଆରୀ ୨୪ ତାରିଖ ଦିନ ବିରିଡ଼ି ଓ ତିର୍ତ୍ତୋଲ ବ୍ଲକ୍ ରେ, ଜାନୁଆରୀ ୨୮ ତାରିଖ ଦିନ ବାଲିକୁଦା ଓ ଜଗତସିଂହପୁର ବ୍ଲକ୍ ରେ ଅନୁଷ୍ଠିତ ହେବ।ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଏହି ବ୍ଲକସ୍ତରୀୟ ଜନଶୁଣାଣିରେ ବହୁସଂଖ୍ୟାରେ ଯୋଗଦାନ କରି କାର୍ଯକ୍ରମ କୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣମାନଙ୍କର ବହୁମୂଲ୍ୟ ମତାମତ ସହିତ ଆପତ୍ତି ଅଭିଯୋଗ ଉପସ୍ଥାପନ କରିପାରିବେ।

## ଓଡିଶା କର୍ମଚାରୀ ଚୟନ ଆୟୋଗର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ) :** ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନର ୩୨ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକ ଉତ୍ସବ ଜାନୁଆରୀ ୧୮ ତାରିଖରେ ପାଳନ କରାଯାଇଛି। ପ୍ରତିଷ୍ଠା ଦିବସ ଜାନୁଆରୀ ୧୯ ତାରିଖରେ ପଡୁଥିବାରୁ ଏବଂ ରବିବାର ସରକାରୀ ଛୁଟିଥିବା ହେତୁ ଗତକାଲି ଏହା ପାଳନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ତରଫରୁ ବିବରଣୀରେ ପ୍ରକାଶ ପାଇଛି। ୨୦୨୪ ମସିହାରେ ଏହା ଆୟୋଗ ଦ୍ୱାରା, ଖାଲିଥିବା ୮୯୩୩ ଟି ବିଭିନ୍ନ ପଦବୀ ପାଇଁ ୧୨ ଟି ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଏହି ବର୍ଷ ମୋଟ ୨୯ ଟି ପରୀକ୍ଷା ( ୧୨ ଟି ପ୍ରାଥମିକ ଏବଂ ୧୭ ଟି ମୁଖ୍ୟ ଲିଖିତ ପରୀକ୍ଷା) ଅନୁଷ୍ଠିତ ହୋଇଥିଲା। ଆହୁରି ମଧ୍ୟ ଏହି ବର୍ଷ ୫ ଟି କମ୍ପ୍ୟୁଟର ଦକ୍ଷତା ପରୀକ୍ଷା, ଟାଇପିଂ ଟେଷ୍ଟ, ଷ୍ଟେନୋଗ୍ରାଫି ପରୀକ୍ଷା କରାଯାଇଥିଲା। ଏହି ବର୍ଷ ୧୫ ଟି ବିଭିନ୍ନ ପରୀକ୍ଷାରେ ସର୍ଟଲିଷ୍ଟେଡ୍ ହୋଇ ଚୂଡ଼ାନ୍ତ ଚୟନ ହୋଇଥିବା ୧୧, ୧୦୧ରୁ ଅଧିକ ପ୍ରାର୍ଥୀଙ୍କ ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ମୋଟ ୪୫୦୭ ଜଣ ପ୍ରାର୍ଥୀଙ୍କୁ ସେମାନଙ୍କ ସପକ୍ଷରେ ବିଭିନ୍ନ ପଦବୀରେ ନିଯୁକ୍ତି ଆଦେଶ ପ୍ରଦାନ କରିବାକୁ ସେମାନଙ୍କ ନାମ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ନିକଟକୁ ସୁପାରିଶ କରାଯାଇଥିଲା। ଏହି ଅବସରରେ ଓଏସଏସସି ମଧ୍ୟ ଗତ ୩୧ ବର୍ଷ ମଧ୍ୟରେ ତୁଳନାତ୍ମକ ଉପଲବ୍ଧି ପ୍ରକାଶ କରିଛି। ଏହି ବର୍ଷ ମଧ୍ୟରେ ଅନୁଷ୍ଠିତ ନିଯୁକ୍ତି ପରୀକ୍ଷା ସଂଖ୍ୟା ଏବଂ ମନୋନୀତ ପ୍ରାର୍ଥୀଙ୍କ ସଂଖ୍ୟାରେ ଉନ୍ନତି ଘଟିଥିବା ଜଣାଯାଇଛି।

## ମୟୂରଭଞ୍ଜ ହାଫ ମାରାଥନ | ଚମକିଲେ ବିଦେଶୀ ଦୌଡ଼ାଳି

**ବାରିପଦା,୧୯।୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆୟୋଜିତ ମୟୂରଭଞ୍ଜ ହାଫ ମାରାଥନ ରବିବାର ଦିନ ହର୍ଷୋଲ୍ଲାସ ସହିତ ସଫଳ ଭାବେ ସମ୍ପାଦିତ ହୋଇଅଛି। ରବିବାର ସକାଳ ୬ଟା ସମୟରେ, ବାରିପଦାର ଶୀତୁଆ କୁହୁଡି ଆଚ୍ଛନ୍ନ ପରିବେଶରେ ଏହି ମାରାଥନ ଆୟୋଜନ ତଥା ଆନୁଷ୍ଠାନିକ ଭାବେ ମାନ୍ୟବର ମନ୍ତ୍ରୀ ଗୃହ ଏବଂ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ମାରାଥନ ପ୍ରତିଯୋଗିତାରେ ତିନୋଟି ବିଭାଗ ଯଥା ହାଫ ମାରାଥନ (୨୧ କି.ମି.), ମିନି ମାରାଥନ (୧୦ କି.ମି) ଏବଂ ସଡକ ସୁରକ୍ଷା ରିଲେ ମାରାଥନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପାଖାପାଖି ୧୨୦୦ରୁ ୧୫୦୦ ମାରାଥନ ଦୌଡାଳୀଙ୍କ ସମେତ ୨ଜଣ ଅନ୍ତଃରାଷ୍ଟ୍ରୀୟ ମାରାଥନ ରନର ଅଂଶଗ୍ରହଣ କରି ମୟୂରଭଞ୍ଜର ସଦର ମହକୁମା ବାରିପଦା ଠାରୁ ଦୌଡ ଆରମ୍ଭ କରି ଶିମିଳିପାଳ ପାଦଦେଶରେ ଥିବା ପିଠାବଟା ଗେଟ ପର୍ଯ୍ୟନ୍ତ ଦୌଡ଼ି ଏହି ମାରାଥନ ସମ୍ପୂର୍ଣ୍ଣ କରିଥିଲେ।





ସର୍ବଶେଷରେ, ହାଫ ମାରାଥନ ପୁରୁଷ ବିଭାଗରେ ଉତ୍ତର ପ୍ରଦେଶର ଆରିଫ ଅଲି ପ୍ରଥମ ସ୍ଥାନରେ ରହି ପୁରସ୍କାର ଜିତିଥିବା ବେଳେ, ଇଥିଓପିଆର ମାରାଥନ ଦୌଡ଼ାଳି ତେବେଯେ କିଂଟୋ ଦ୍ୱିତୀୟ ସ୍ଥାନ ଓ ଅର୍ଜୁନ ଟୁଡୁ ତୃତୀୟ ସ୍ଥାନରେ ରହିଥିଲେ। ସେହି ଭଳି ମହିଳା ବର୍ଗରେ ଉତ୍ତର ପ୍ରଦେଶର କେ. ଏମ ସନ୍ଧ୍ୟାରାଣୀ ପଲ ପ୍ରଥମ, ନିଶା ଦ୍ୱିତୀୟ, ଓ ପଶ୍ଚିମ ବଙ୍ଗର ମଦିନା ପଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ୨୦ ଜଣଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଥିଲା। ସେହିଭଳି, ମିନି ମାରାଥନରେ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ଦିପ୍ତୀରାଣୀ ସାହୁ ଦ୍ୱିତୀୟ, ଇତିଶ୍ରୀ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ, ପୁରୁଷ ବିଭାଗରେ ବିଶାଲ ବର୍ମା ପ୍ରଥମ, ସୁଦର୍ଶନ ବିନ୍ଦ ଦ୍ୱିତୀୟ, ଓ ସିଦ୍ଧାର୍ଥ ଗୌତମ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ।ଏହି ବିଭାଗରେ ମଧ୍ୟ ଶ୍ରେଷ୍ଠ ୧୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏବଂ ତତ୍ତ୍ୱାବଧାନରେ ସାହାଯ୍ୟ କରିଥିବା ଅଧିକାରୀ, ବିଭିନ୍ନ ପ୍ରଶାସନିକ ପଦାଧିକାରୀ ଓ କ୍ରୀଡା ବିଭାଗର ସମସ୍ତ ଆୟୋଜକଙ୍କୁ ସମ୍ମାନୀତ କରାଯାଇଥିଲା।





## ଜେସିଆଇଆର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ) :** ଜର୍ଣ୍ଣାଲିଷ୍ଟ କାଉନସିଲ ଅଫ ଇଣ୍ଡିଆର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ମାନଙ୍କୁ "ସାମ୍ବାଦିକତା ଉତ୍କର୍ଷ ପୁରସ୍କାର" ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ରୂପରେ ବରିଷ୍ଠ ସାମ୍ବାଦିକ ଅରୁଣ ଦାସ, ମେଟ୍ରୋ ଗ୍ରୁପ୍ର ପରିଚାଳକ ସମ୍ପାଦକ ପିଉସ ମହାନ୍ତି, ଓ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ କୁମାର ରାଉତ ଯୋଗଦାନ କରି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରିଥିଲେ। ଜର୍ଣ୍ଣାଲିଷ୍ଟ କାଉନସିଲ ଅଫ ଇଣ୍ଡିଆ ସଂଗଠନ ସର୍ବଦା ସାମ୍ବାଦିକ ମାନଙ୍କୁ ସମ୍ମାନ ଦେବାକୁ ପ୍ରସ୍ତୁତ। ଯଦି ଜିଲ୍ଲା, ତହସିଲ ମଣ୍ଡଳ ରାଜ୍ୟରେ କୌଣସି ସାମ୍ବାଦିକମାନେ ଆକ୍ରୋଶର ଶିକାର ହୁଅନ୍ତି ତେବେ ପୂର୍ଣ୍ଣ ରିପୋର୍ଟ ଗ୍ରହଣ କରିବା ପରେ ସଂଗଠନ ପକ୍ଷରୁ ସାମ୍ବାଦିକଙ୍କୁ ନ୍ୟାୟ ପାଇବା ପାଇଁ ଏକ ନିର୍ଣ୍ଣାୟକ ସଂଘର୍ଷ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ସେହିପରି ରାଜ୍ୟର ପ୍ରତିଟି ସାମ୍ବାଦିକ ନିର୍ଭୟର ସହ ନିରପେକ୍ଷ ସମ୍ବାଦ ପରିବେଷଣ କରିବାକୁ ଅତିଥିମାନେ ମତ ଦେଇଥିଲେ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ମହାଜନସମାବେଶ





**ଖପ୍ରାଖୋଲ,୧୯।୧ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଗାନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ, ହରିଶଙ୍କର ଶାଖା ଖପ୍ରାଖୋଲ ତରଫରୁ ଗାନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ଚାଲିଥିବା ଗଣଧାରଣା ୫୬ତମ ଦିନରେ ପହଞ୍ଚିଛି । ଏହି ଅବସରରେ ଖପ୍ରାଖୋଲ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଗାନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖା ଖପ୍ରାଖୋଲ ତରଫରୁ ଏକ ବିଶାଳ ଜନସମାବେଶର ଆୟୋଜନ ହୋଇଥିଲା । ଏହି ବିଶାଳ ଜନସମାବେଶରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଉପଦେଷ୍ଟା ଭବାନୀ ଶଙ୍କର ହୋତାଙ୍କ ସଭାପତିତ୍ୱରେ ହେଇଥିବା ବେଳେ ସମ୍ମାନିତ ମାର୍ଗଦର୍ଶକ ଭାବରେ ସ୍ୱାମୀ ସୋମୋବେଶ ସରସ୍ୱତୀ ଉପସ୍ଥିତ ରହିଥିଲେ। ଏଥି ସହିତ ପରିବେଶବିଦ ପ୍ରଫୁଲ୍ଲ ସାମନ୍ତରା (କଟକ), ଏସୟୁସିଆଇର ରାଜ୍ୟ ସଦସ୍ୟ ଭୁବନେଶ୍ୱରରୁ ଅଶୋକ ମିଶ୍ର, ଅଶି ଦଶକରେ ଆନ୍ଦୋଳନରେ ସାମିଲ ଥିବା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଦ୍ୱିତୀୟ ଆବାହକ ଗୌତମ ବିଶ୍ୱାଳ, କେନ୍ଦ୍ରୀୟ ଆବାହକ ରବି ନାରାୟଣ ସାହୁ, ହରିଶଙ୍କର ଶାଖା ଖପ୍ରାଖୋଲ ଆବାହକ ଜୟ ସିଂ ପୁଝାରୀ ମୁଖ୍ୟ କାର୍ଯ୍ୟାଳୟ କପିଳ ମୁନି ଆଶ୍ରମ ନୃସିଂହନାଥ, କୋଶଳ ବାଦି ନେତା ପ୍ରମୋଦ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ପୂର୍ବତନ ଗନ୍ଧମାର୍ଦ୍ଦନ ଆନ୍ଦୋଳନକାରୀ ପାଇକମାଳର ଡାଇମଣ୍ଡ ଭୋଇ, ଭବାନୀପାଟଣାରୁ ଲିଙ୍ଗରାଜ ଆଜାଦ, ଖପ୍ରାଖୋଲ ବୃନ୍ଦାବନ ବାରିକ, ଲବ ସୁନା, ପ୍ରମୁଖ ମଞ୍ଚାସିନ ହେଇଥିଲେ । ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ୫୬ ଦିନର ଗଣଧାରଣା କୁ ନେଇ ପ୍ରଶାସନର ନିରବତା ସାଙ୍ଗକୁ ନେତାମନ୍ତ୍ରୀ ମାନଙ୍କ ଗନ୍ଧମାର୍ଦ୍ଦନ ପାହାଡ଼ ପ୍ରତି ବୈମାତୃକ ମନୋଭାବ ସ୍ପଷ୍ଟ ରୁପେ ବୁଝି ହେଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ସହିତ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ପାଇଁ ସରକାର ବିଧାନସଭାରେ ଏକ ସ୍ଥାୟୀ ସୁରକ୍ଷା ଆଇନ ପ୍ରସ୍ତୁତ କରନ୍ତୁ ବୋଲି କହିଥିଲେ । ଯଦି ସରକାର ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପ୍ରତି ବେଳ ଥାଉ ଥାଉ ସଚେତନ ନ ହୁଅନ୍ତି ତେବେ ଆଗାମୀ ଦିନରେ ଗନ୍ଧମାର୍ଦ୍ଦନ ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ତଥା ଜନସାଧାରଣ ସଶସ୍ତ୍ର ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ଚେତାବନୀ ସହ ଏଥି ପାଇଁ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ ବୋଲି ଆନ୍ଦୋଳନକାରୀ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ମତଦାନ ଦିବସ ସୁପରିଚାଳନା ପାଇଁ ବୈଠକ

**ସୁବର୍ଣ୍ଣପୁର,୧୯।୧ (ସଂଚାର ବ୍ୟୁରୋ) :** ଜାନୁୟାରୀ ୨୫ରେ ଆୟୋଜିତ ହେବ ଜିଲ୍ଲାସ୍ତରୀୟ ୧୫ତମ ମତଦାନ ଦିବସ। ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ସୁପରିଚାଳନା ଓ ବ୍ୟବସ୍ଥିତ ପାଳନ ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ନିର୍ବାଚନ ଶାଖା ତରଫରୁ ଭୋଟର ସଚେତନତା ଉପଲକ୍ଷେ ସଚେତନତା ଶୋଭାଯାତ୍ରା ସହ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ୨୫ ତାରିଖ ସକାଳ ୦୮ ଘଣ୍ଟା ସମୟରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ତହସିଲ କାର୍ଯ୍ୟାଳୟ, ନଳିନୀ ଛକ ଦେଇ ନୂତନ ଟାଉନ ହଲ ଠାରେ ପହଞ୍ଚିବ। ପରେପରେ ନିୟୁ ଟାଉନ ହଲ ଠାରେ ସଚେତନତା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ବନେଇକଳା ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ

**ଯୋଡ଼ା,୧୯।୧ (ସଂଚାର ବ୍ୟୁରୋ) :** ପଚାଶ ବର୍ଷ ପୂର୍ତ୍ତି ଅବସରରେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ ଆଜି ବନେଇକଳା ଉଚ୍ଚ ବିଦ୍ୟାଳୟ ଠାରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇ ଯାଇଛି। ଏଥିରେ ଚମ୍ପୁଆ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନାତନ ମହାକୁଡ଼ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଯୋଡ଼ା ପୌରାଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଓ ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ରାଜେନ୍ଦ୍ର ପଲେଇ ଯୋଗ ଦେଇଥିଲେ। ପ୍ରାତଃ ୯ଘଟିକା ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ





ଏକ ବିଶାଳ ଶୋଭାଯାତ୍ରାରେ ରାମ ଧୁନର ତାଳେ ତାଳେ ନଗର ପରିକ୍ରମା କରିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା ଦିବଂଗତ ଶିକ୍ଷକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ବିଦ୍ୟାଳୟ ମଧରେ ମା ସରସ୍ୱତୀଙ୍କର ପ୍ରସ୍ତର ମୂର୍ତ୍ତିକୁ ସୃତି ଉଦେଶ୍ୟରେ ଉଦଘାଟନ କରିଥିଲେ। ବିଦ୍ୟାଳୟର ଏକ ସ୍ମରଣିକାକୁ ଉନ୍ମୋଚନ କରିବା ପରେ ସାଧାରଣ ସଭାରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ମାନ୍ୟବର ବିଧାୟକ ବିଦ୍ୟାଳୟର ସମସ୍ତ ସମସ୍ୟାକୁ ପୂରଣ କରିବା ପାଇଁ ସଭା ମଞ୍ଚରେ ପ୍ରତିଶୃତି ଦେଇଥିଲେ। ବିଦ୍ୟାଳୟ ର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂଗୀତ ଓ ଗୀତ ପରିବେଷଣ କରାଯାଇଥିଲା।